R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୯
ତିଥି: ଅଷ୍ଟମୀ
୨୫ ଏପ୍ରିଲ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 199
25 April 2026, Strueday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ପ.ବଙ୍ଗ, ତାମିଲନାଡୁରେ ରେକର୍ଡ ମତଦାନ



- ପଶ୍ଚିମବଙ୍ଗରେ ୯୨.୨୫%
- ତାମିଲନାଡୁରେ ୮୫.୦୩%
- ମତଦାନ ବେଳେ ପ.ବଙ୍ଗରେ ହିଂସା
- ସ୍ୱାଧୀନତା ପରେ ପ୍ରଥମଥର ବ୍ୟାପକ ମତଦାନ

ନୂଆଦିଲ୍ଲୀ,୨୪।୪: ପଶ୍ଚିମବଙ୍ଗ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁ ବିଧାନସଭା ଲାଗି ଆଜି ମତଦାନ ହୋଇଛି । ପଶ୍ଚିମବଙ୍ଗରେ ମତଦାନ ବେଳେ ବ୍ୟାପକ ହିଂସା ହୋଇଥିବା ଜଣାପଡିଛି । ତେବେ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବମ୍ପର ଭୋଟିଂ ହୋଇଛି । ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୨.୨୫%ରୁ ଅଧିକ ଭୋଟ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୨୯୪ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୫୨ ନିର୍ବାଚନ ମଣ୍ଡଳ ଲାଗି ଭୋଟ୍ ହୋଇଥିଲା ଓ ତାମିଲନାଡୁରେ ସମସ୍ତ ୨୩୪ ଆସନ ପାଇଁ ଭୋଟ୍ ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ୮୫.୦୩% ଅର୍ଥାତ୍ ୫.୬୭ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ମତଦାନ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ, ସ୍ୱାଧୀନତା ପରେ ଉଭୟ ରାଜ୍ୟରେ ଏଭଳି ବିପୁଳ ସଂଖ୍ୟାରେ ମତଦାନ ହୋଇଛି ।ଏହା ଭୋଟରମାନଙ୍କର ମତଦାନ ପ୍ରତିଥିବା ଆଗ୍ରହର ପ୍ରତିଫଳନ । ଏଥିଲାଗି ସେ ପଶ୍ଚିମବଙ୍ଗ ଓ ତାମିଲନାଡୁର ଭୋଟରମାନଙ୍କୁ ସାଲ୍ୟୁଟ୍ କରୁଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ସନ୍ଧ୍ୟା ୬ଟା ଯାଏଁ ପଶ୍ଚିମବଙ୍ଗରେ ମତଦାନ ଚାଲିଥିଲା । ତେବେ କେତେକ ସ୍ଥାନରେ ତୃଣମୂଳ କଂଗ୍ରେସକର୍ମୀ ଓ ବିଜେପିକର୍ମୀଙ୍କ ମଧ୍ୟରେ ବ୍ୟାପକ ଗଣ୍ଡଗୋଳ ହୋଇଥିବା ଖବର ଆସିଛି । ମତଦାନ ସରିବା ପୂର୍ବରୁ ବୁଥ ଗୁଡ଼ିକରେ ବହୁ ମତଦାତା ଏକାଠି ହୋଇଥିଲେ (୯ ପୃଷ୍ଠାରେ)

# ସରକାରୀ ଚାକିରୀ ଜନସେବାର ଅନନ୍ୟ ସୁଯୋଗ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୪।୪,(ସବ୍ୟୁ) :ସରକାରୀ ଚାକିରୀ କେବଳ ଏକ ଜୀବିକା ନୁହେଁ, ଜନସାଧାରଣଙ୍କ ସେବା କରିବା ପାଇଁ ଏକ ଅନନ୍ୟ ସୁଯୋଗ ବୋଲି ଆଜି ୧୫ ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ୧୫ତମ ନିଯୁକ୍ତିମେଳା ଅବସରରେ ୭ଟି ବିଭାଗର ସମୁଦାୟ ୪୬୨୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪୧୧୩ ଜଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ (୯ ପୃଷ୍ଠାରେ)

- ➡ ୭ ବିଭାଗରେ ନିଯୁକ୍ତି ପାଇଲେ ୪୬୨୩
- ➡ ୨୨ ମାସରେ ୪୪,୦୮୨ ସରକାରୀ ନିଯୁକ୍ତି,
- ➡ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫ ପରାମର୍ଶ

# ହରମୁଜ ପ୍ରଣାଳୀର ମାଇନ୍ସ ବିଛାଉଥିବା ବୋଟକୁ ଗୁଳିକର

## ଟ୍ରମ୍ପଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୪।୪: ଆମେରିକା ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ଏକ ବିପଦ ଜନକ ପର୍ଯ୍ୟାୟରେ ପହଞ୍ଚିଛି । ହରମୁଜ ପ୍ରଣାଳୀରେ ଯେଉଁ ବୋଟ୍ ଗୁଡ଼ିକ ମାଇନ୍ସ ବିଛାଉଛନ୍ତି ସେମାନଙ୍କୁ ଗୁଳିକର ନଚେତ ହତ୍ୟା କରିବାକୁ ଆମେରିକା ନୌସେନାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି ।

ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ, ଆମେରିକା ନୌସେନାକୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ବୋଟ ଗୁଡ଼ିକ ମାଇନ୍ସ ବିଛାଉଥିବାର ସନ୍ଦେହ କରାଯିବ ସେମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପାଣିରେ ଯେଉଁମାନେ ମାଇନ୍ସ ଲଗାଇବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ (୯ ପୃଷ୍ଠାରେ)

# ରାଜ୍ୟରେ ଭୟଙ୍କର ତାତି

- ☞ ଆକାଶରୁ ନିଆଁ ବର୍ଷା
- ☞ ୨୪ ସହରରେ ୪୦° ଉପରେ ପାରଦ
- ☞ ଝାରସୁଗୁଡ଼ା ଓ ତାଳଚେରରେ ୪୪°
- ☞ ଟ୍ୱିନ ସିଟିରେ ୪୧ ଡିଗ୍ରୀ ଅତିକ୍ରମ
- ☞ ତାତି ଆଉ ଦୁଇଦିନ

ଭୁବନେଶ୍ୱର,୨୪।୪(ସବ୍ୟୁ): ରାଜ୍ୟରେ ଭୟଙ୍କର ତାତି ଅନୁଭୂତ ହେଉଛି । ସତେ ଯେପରି ଆକାଶରୁ ନିଆଁ ବର୍ଷୁଛି । ଦିନ ରାତି ସମାନ ହୋଇଯାଉଛି । ରାତିରେ ବି ଆର୍ଦ୍ରତା ବୃଦ୍ଧି ଯୋଗୁ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ନାକେଦମ କରୁଛି । ଆଜି(ଗୁରୁବାର) ଝାରସୁଗୁଡା ଓ ତାଳଚେରରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ରହିଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ତାତିରୁ (୯ ପୃଷ୍ଠାରେ)

# ବାଧା ସୃଷ୍ଟି କଲେ ଜୋରିମାନା, ୩ ବର୍ଷ ଜେଲ୍ ଦଣ୍ଡ

- ଜନଗଣନା ଲାଗି ଏସ୍ଓପି
- ସବୁ ଜିଲ୍ଲାପାଳ, ଏସ୍ପି, ମ୍ୟୁନିସପାଲ୍ କମିଶନରଙ୍କୁ ଚିଠି

ଭୁବନେଶ୍ୱର,୨୪।୪,(ସବ୍ୟୁ) : ଜନଗଣନା ଅଧିକାରୀଙ୍କ ପାଇଁ ଆସିଲା ଏସଓପି (ମାର୍ଗଦର୍ଶିକା) । ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ଏହି ଏସଓପି ଜାରି କରାଯାଇଛି ।

ଏସ୍ଓପି ଅନୁସାରେ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ସବୁବେଳେ ସେମାନଙ୍କର ସରକାରୀ ପରିଚୟପତ୍ର ପିନ୍ଧିବେ । କ୍ଷେତ୍ରସ୍ତରରେ କାମ କରିବା ସମୟରେ ସେମାନଙ୍କର ନିଯୁକ୍ତି ପତ୍ର ନେବାକୁ ପଡିବ । କୌଣସି ସ୍ଥାନରେ ଅସ୍ୱାଭାବିକ ସ୍ଥିତି ଦେଖାଦେଲେ ତୁରନ୍ତ ସ୍ଥାନ ଛାଡ଼ି ପରେ ସୁରକ୍ଷା (୯ ପୃଷ୍ଠାରେ)

19001/30/2627



ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି ।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୭୬ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି । ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି ।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗିର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR: 19001/19001/2/26-27/0002

## ଇତିହାସ

୧୮୭୭ - ରୁଷ୍ ଓଟମନ୍ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲା ।

୧୯୧୫ - ଜର୍ମାନ ସେନା ବେଲ୍‌ଜିୟମର ଫ୍ଲେମିସ୍ ପ୍ରଦେଶର ଆଇପର ଅଞ୍ଚଳରେ ବିଷାକ୍ତ କ୍ଲୋରଫର୍ମ ଗ୍ୟାସ ଛାଡିଥିଲା ।

୧୯୨୨ - ଇଟାଲୀର ପ୍ରଖ୍ୟାତ ରାଜନେତା ସୁଜାନ ଆଗ୍ନେଲିଙ୍କ ଜନ୍ମ ।

୧୯୫୬ - ଛତିଶଗଡର ପ୍ରଥମ ମହିଳା କଳାକାର ତଥା ଗାୟିକା ତିଜ୍‌ବାଈଙ୍କର ଜନ୍ମ ।

୨୦୧୧ - ଆଧ୍ୟାତ୍ମିକ ଗୁରୁ ସତ୍ୟ ସାଇ ବାବାଙ୍କର ଦେହାନ୍ତ ।

୨୦୧୩ - ଢାକାରେ ଏକ ବିଲ୍ଡିଂ ଭୁଶୁଡି ୧୧୨୯ ଜଣଙ୍କର ମୃତ୍ୟୁ ଓ ୨୫୦୦ରୁ ଅଧିକ ଆହତ ।

## ଜାତୀୟ ପଞ୍ଚାୟତିରାଜ ଦିବସ

ଭାରତରେ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ଭାବେ ପାଳନ କରାଯାଇଥାଏ । ଏହି ଦିବସ ଗ୍ରାମୀଣ ଭାରତର ବିକାଶ ଏବଂ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ଏକ ମାଇଲଖୁଣ୍ଟ ସଦୃଶ ଅଟେ । ୧୯୯୨ ମସିହାରେ ସମ୍ବିଧାନର ୭୩ତମ ସଂଶୋଧନ ଅଧିନିୟମ ପାରିତ ହୋଇଥିଲା, ଯାହା ୧୯୯୩ ମସିହା ଏପ୍ରିଲ ୨୪ ତାରିଖରୁ ସାରା ଦେଶରେ କାର୍ଯ୍ୟକାରୀ ହୋଇଥିଲା । ଏହାକୁ ସ୍ମରଣୀୟ କରିବା ପାଇଁ ୨୦୧୦ ମସିହାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା । ପଞ୍ଚାୟତିରାଜ ବ୍ୟବସ୍ଥା ଭାରତୀୟ ସମ୍ବିଧାନରେ ଏକ ତ୍ରିସ୍ତରୀୟ ଶାସନ ପ୍ରଣାଳୀ (ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ) ପ୍ରତିଷ୍ଠା କରିବା ସହ ଗ୍ରାମାଞ୍ଚଳର ସାଧାରଣ ନାଗରିକଙ୍କ ହାତକୁ କ୍ଷମତା ହସ୍ତାନ୍ତର କରିବା । ଏହାସହ ସେମାନଙ୍କୁ ସ୍ଥାନୀୟ ପ୍ରଶାସନରେ ସିଧାସଳଖ ସାମିଲ କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ଅବସରରେ ଦେଶର ଶ୍ରେଷ୍ଠ କାର୍ଯ୍ୟ କରୁଥିବା ପଞ୍ଚାୟତଗୁଡ଼ିକୁ ସେମାନଙ୍କର ଉଲ୍ଲେଖନୀୟ ସେବା ଓ ଗ୍ରାମ୍ୟ ଉନ୍ନୟନ ପାଇଁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥାଏ, ଯାହା ଦ୍ୱାରା ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଉତ୍ସାହିତ ହୁଅନ୍ତି । ଏହି ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ କୃଷି ସମ୍ବନ୍ଧୀୟ ସମସ୍ୟାର ସମାଧାନ ନିଜେ କରିବାକୁ ସମର୍ଥ ହୋଇଥାନ୍ତି ।



## ମାଂସ ରୋଲ



**ସାମଗ୍ରୀ -** ମଇଦା, ହାଡ ନଥିବା ମାଂସ, ଟମାଟୋ, ପିଆଜ, ଅଦା, କଞ୍ଚା ଲଙ୍କା ରସୁଣ, ଗରମ ମସଲା, ତେଲ, ଲୁଣ, ହଳଦୀ ଗୁଣ୍ଡ, ଧନିଆ ପତ୍ର ।

**ପ୍ରଣାଳୀ -** ପ୍ରଥମେ ମାଂସକୁ ଲୁଣ ହଳଦୀ ଦେଇ ସିଝାଇ ନିଅନ୍ତୁ । ପିଆଜ ଅଦା,ରସୁଣ, କଞ୍ଚା ଲଙ୍କାକୁ ବାଟି ନିଅନ୍ତୁ । କରେଇରେ ତେଲ ଗରମ କରି ଏଥିରେ ଏହି ବଟା ମସଲାକୁ ପକାନ୍ତୁ । ଏହାପରେ ଏହି ମସଲାକେ ମାଂସ ପକାଇ କଡା କରି ଭାଜନ୍ତୁ । ଭଜା ହୋଇଆସିଲେ ଏଥିରେ କଟା ପିଆଜ, ଟମାଟୋ, ଧନିଆ ପତ୍ର ଗୋଳାଇ ନିଅନ୍ତୁ । ଏହାପରରେ ମଇଦାରୁ ରୁଟି ବେଲି ଅଳ୍ପ ତେଲ ଦେଇ ସେକନ୍ତୁ । ଏହି ରୁଟିରେ ମାଂସ ପୁର ଦେଇ ପ୍ରସ୍ତୁତ କରନ୍ତୁ ମାଂସ ରୋଲ । ଏହା ଖୁବ ସ୍ୱାଦିଷ୍ଟ ହୋଇଥାଏ ।

## ସୋସିଆଲ କୋଟ୍ସ



ମୁଁ ଆକ୍ଟିଂକୁ କେବେ କ୍ୟାରିୟର କରିବାକୁ ଚାହିଁନି । କାରଣ ମୁଁ ଜାଣିଛି ମୋର ଟାଲେଣ୍ଟ୍ ନାହିଁ । ମୁଁ ମଣିଷ ହିସାବରେ ବହୁତ ଲାଜକୁଳି ସ୍ୱଭାବର, ଯାହା ମୋତେ ଫିଲ୍ମ କରିବାକୁ ଅନୁମତି ଦେଇ ନଥିଲା ।

**ସୋହା ଅଲ୍ଲୀ ଖାନ୍, ଅଭିନେତ୍ରୀ**



ଦର୍ଶକଙ୍କ ପାଇଁ ସବୁବେଳେ କିଛି ନୂଆ ଆଣିବାକୁ ଆମେ ପ୍ରତିଶୃତିବଦ୍ଧ । ସବୁବେଳେ ଚେଷ୍ଟାକରେ କିଛି ନିଆରା ଓ ସ୍ୱତନ୍ତ୍ର ସ୍ୱାଦର ଫିଲ୍ମ ଦର୍ଶକଙ୍କୁ ଦେଖେଇବାକୁ । ସବୁବେଳେ ଚେଷ୍ଟା ସେଇଆ ରହିବ ।

**କରଣ ଜୋହର, ନିର୍ଦ୍ଦେଶକ**



ଡ୍ରିମ୍ ଗର୍ଲ -୨ ଟିମ୍ ସହିତ କାମ କରି ବହୁତ ଖୁସି ଲାଗିଥିଲା । ଏହି ଟିମ୍ ସହିତ ମୁଁ ଇମୋସନାଲି ଜଡିତ ହୋଇଥିଲି, ତେଣୁ ସେତେବେଳେ ସୁଟିଂ ସରିବା ମୋତେ ଦୁଃଖ ଦେଇଥିଲା ।

**ଅନନ୍ୟା ପାଣ୍ଡେ, ଅଭିନେତ୍ରୀ**

## ଶୁଆ ପାଇଁ କସରତ

ସୋସିଆଲ ମିଡିଆରେ ଏକ ଅଜବ ଘଟଣା ଚର୍ଚ୍ଚାକୁ ଆସିଛି । ଏକ ଶୁଆକୁ ଗଛରୁ ଓହ୍ଲାଇବାକୁ ଅନେକ କସରତ କରିବାକୁ ପଡିଛି । ସୂଚନା ଅନୁସାରେ ଛତିଶଗଡ଼ର ନାରାୟଣପୁର ଅଞ୍ଚଳରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଏକ ପୋଷା ଶୁଆକୁ ଗଛରୁ ଓହ୍ଲାଇବା ପାଇଁ ଦମକଳ ବାହିନୀକୁ ଡକାଯାଇଥିଲା । ଓବିସି ବଏଜ୍ ହଷ୍ଟେଲ ନିକଟରେ ଥିବା ଏକ ଉଚ୍ଚ ଗଛରେ ଶୁଆଟି ବହୁ ସମୟ ଧରି ବସି ରହିଥିଲା ଏବଂ ତଳକୁ ଓହ୍ଲାଉ ନଥିଲା । ଶେଷରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଦମକଳ କର୍ମଚାରୀମାନେ ପାଇପ୍ ସାହାଯ୍ୟରେ ଗଛ ଉପରକୁ କ୍ରମାଗତ ଭାବେ ପାଣି ମାଡ଼ କରିବା ପରେ ଶୁଆଟି ତଳକୁ ଓହ୍ଲାଇଥିଲା । ତେବେ ଏହି ଘଟଣାକୁ ନେଇ ସୋସିଆଲ ମିଡିଆ ସହିତ ସ୍ଥାନୀୟ ଅଞ୍ଚଳରେ ଏବେ ସମାଲୋଚନା ଆରମ୍ଭ ହୋଇଛି । ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଜଳାଭାବ ଦେଖାଦେଇଥିବା ବେଳେ ଏକ ସାମାନ୍ୟ କାମ ପାଇଁ ହଜାର ହଜାର ଲିଟର ପାଣି ନଷ୍ଟ କରାଯିବା ଏବଂ ଜରୁରୀକାଳୀନ ସେବାର ଅପବ୍ୟବହାରକୁ ନେଇ ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି ।



## ଜାପାନର ଗୁପଚୁପ କ୍ରେଜ



ଭାରତୀୟ ଷ୍ଟ୍ରିଟ୍ ଫୁଡ୍ 'ଗୁପଚୁପ୍'ର ସ୍ୱାଦ ଏବେ ସୁଦୂର ଜାପାନରେ ନିଜର ଯାଦୁ ଦେଖାଇଛି । ଜାପାନରେ ଦେଖିବାକୁ ମିଳିଛି ଗୁପଚୁପର କ୍ରେଜ । ଜାପାନର ଜଣେ ମହିଳା 'ହର୍ମସ'ଙ୍କୁ ଭାରତୀୟ ଗୁପଚୁପ୍ ଏତେ ପସନ୍ଦ ଆସିଛି ଯେ, ସେ ଏବେ ଏହାକୁ ନେଇ ଏକ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'X' ରେ ହର୍ମସ ଜଣାଇଛନ୍ତି ଯେ, ସେ ସପ୍ତାହରେ ଅତିକମରେ ଦୁଇଥର ଗୁପଚୁପ୍ ଖାଉଛନ୍ତି ଏବଂ ଏଥିପାଇଁ ସେ ଏକ DIY କିଟ୍ ମଧ୍ୟ କିଣିଛନ୍ତି । କେବଳ ସେ ନୁହଁନ୍ତି, ପୂର୍ବରୁ ନୂଆ ଖାଦ୍ୟ ଖାଇବାକୁ ପସନ୍ଦ କରୁନଥିବା ତାଙ୍କ ସ୍ୱାମୀ ମଧ୍ୟ ଏବେ ଗୁପଚୁପ୍‌ର ବଡ଼ ପ୍ରଶଂସକ ପାଲଟିଛନ୍ତି । ହର୍ମସଙ୍କ କହିବା ଅନୁଯାୟୀ, ସେ ଜାପାନର ରାଜଧାନୀ ଟୋକିଓରେ ଏକ ଛୋଟ ଗୁପଚୁପ୍ ଷ୍ଟଲ୍ ଖୋଲିବାକୁ ଯୋଜନା କରୁଛନ୍ତି, ଯେଉଁଠାରେ ଲୋକମାନେ ଚାଲୁଥିବା ସମୟରେ ଏହି ଚଟପଟା ଖାଦ୍ୟର ମଜା ନେଇପାରିବେ । ଭାରତୀୟ ସ୍ୱାଦ ପ୍ରତି ଜଣେ ଜାପାନୀ ମହିଳାଙ୍କର ଏହି ଭଲପାଇବା ଦେଖି ସୋସିଆଲ ମିଡିଆରେ ଭାରତୀୟମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି । ଅନେକ ଲୋକ ତାଙ୍କୁ ଗୁପଚୁପ୍‌ର ବିଭିନ୍ନ ପ୍ରକାରର ଭେରାଇଟି ଚେଷ୍ଟା କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଜାପାନ ବଜାରରେ ଭାରତୀୟ ଖାଦ୍ୟର ଏହି ଡିମାଣ୍ଡକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି ।

## ହାଃହାଃ



ମ୍ୟାନେଜର : ଆମ କମ୍ପାନୀ ପାଇଁ ଏମିତି ଜଣେ ଲୋକ ଦରକାର, ଯିଏ ସବୁବେଳେ ଗାଳି ଶୁଣିଲେ ବି ହସୁଥିବ ଏବଂ ଶାନ୍ତ ରହୁଥିବ ।

ପପୁ: ସାର୍, ଡେରି କାହିଁକି କରୁଛନ୍ତି ? ମୋ ପାଖକୁ ଆସନ୍ତୁ, ମୁଁ ତ ପାଞ୍ଚ ବର୍ଷ ହେବ ବିବାହିତ !

## କୁଲିଂ ଜ୍ୟାକେଟ

ଗୁଜରାଟର ଅହମ୍ମଦାବାଦ ସହରରେ ବଢୁଥିବା ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ପ୍ରଶାସନ ନିଜର ଯବାନମାନଙ୍କ ପାଇଁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି । ସହରର ବିଭିନ୍ନ ଛକରେ ଦିନସାରା ଖରାରେ ଛିଡ଼ା ହୋଇ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀଙ୍କୁ ଗରମରୁ ରକ୍ଷା କରିବା ପାଇଁ ଏବେ 'କୁଲିଂ ଜ୍ୟାକେଟ' ପ୍ରଦାନ କରାଯାଇଛି । ଏହି ଜ୍ୟାକେଟଗୁଡ଼ିକରେ ବ୍ୟାଟେରୀ ଚାଳିତ ଛୋଟ ଛୋଟ ପଙ୍ଖା ଲାଗିଛି, ଯାହା ଶରୀରକୁ କ୍ରମାଗତ ଭାବେ ପବନ ଦେଇଥାଏ ଏବଂ ପ୍ରବଳ ଗରମରେ ମଧ୍ୟ ଶରୀରକୁ ଶୀତଳତା ପ୍ରଦାନ କରିଥାଏ । ଏହି ଜ୍ୟାକେଟରେ ୧୦୦୦୦ mAh ର ଶକ୍ତିଶାଳୀ ବ୍ୟାଟେରୀ ବ୍ୟବହାର କରାଯାଇଛି, ଯାହା ଥରେ ଚାର୍ଜ ହେଲେ ପ୍ରାୟ ୪ ରୁ ୬ ଘଣ୍ଟା ପର୍ଯ୍ୟନ୍ତ କାମ କରିଥାଏ ଏବଂ ଏଥିରେ ପଙ୍ଖାର ବେଗକୁ ନିୟନ୍ତ୍ରଣ କରିବା ପାଇଁ ତିନୋଟି ଭିନ୍ନ ସ୍ପିଡ୍ ମୋଡ୍ ମଧ୍ୟ ରହିଛି । ଏହି ଅତ୍ୟାଧୁନିକ ଜ୍ୟାକେଟକୁ 'ମହିଳା ହାଉସିଂ ଟ୍ରଷ୍ଟ' ସହିତ ମିଶି ଡିଜାଇନ୍ କରାଯାଇଛି, ଯେଉଁଥିରେ ପୋଲିସ କର୍ମଚାରୀଙ୍କ ସୁବିଧା ପାଇଁ ଫୁଲ୍ ସ୍ଲିଭ୍ ଏବଂ ହାଫ୍ ସ୍ଲିଭ୍ ଭଳି ଦୁଇଟି ବିକଳ୍ପ ରଖାଯାଇଛି । ଏହାକୁ ପିନ୍ଧିବା ଦ୍ୱାରା ବାହାରର ତାପମାତ୍ରା ତୁଳନାରେ ଶରୀରକୁ ପ୍ରାୟ ୬ ରୁ ୭ ଡିଗ୍ରୀ କମ୍ ଗରମ ଅନୁଭବ ହୋଇଥାଏ, ଯାହା ଫଳରେ ଯବାନମାନେ ଖରାର ପ୍ରଭାବରୁ ରକ୍ଷା ପାଇପାରୁଛନ୍ତି । ବର୍ତ୍ତମାନ ଏହି ପ୍ରକଳ୍ପଟି ପରୀକ୍ଷାମୂଳକ ଭାବେ ସହରର କିଛି ପ୍ରମୁଖ ଟ୍ରାଫିକ ପଏଣ୍ଟରେ କାର୍ଯ୍ୟକାରୀ କରାଯାଉଛି । ପୋଲିସ କର୍ମଚାରୀଙ୍କ ଠାରୁ ମିଳୁଥିବା ମତାମତ ବା ଫିଡବ୍ୟାକ୍ ଆଧାରରେ ଭବିଷ୍ୟତରେ ଏହାର ଡିଜାଇନରେ ଆହୁରି ସୁଧାର ଅଣାଯିବ ବୋଲି ଜଣାପଡିଛି ।




## କ୍ଷମା ମାଗିଲେ ଅକ୍ଷୟ

ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାର ୨୦୨୨ରେ ମୁକ୍ତିଲାଭ କରିଥିବା ତାଙ୍କର ଐତିହାସିକ ଚଳଚ୍ଚିତ୍ର 'ସମ୍ରାଟ ପୃଥ୍ୱୀରାଜ'ରେ ନକଲି ନିଶ ବ୍ୟବହାରକୁ ନେଇ ଚାଲିଥିବା ସମାଲୋଚନା ଉପରେ ଉତ୍ତର ରଖିଛନ୍ତି ଅକ୍ଷୟ । ଏକ ପଡକାଷ୍ଟରେ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି ଅକ୍ଷୟ । ଅକ୍ଷୟ ସ୍ପଷ୍ଟ କରିଛନ୍ତି ଯେ ନିଶ ନ ବଢ଼ାଇବା ପଛରେ କୌଣସି ଆଳସ୍ୟ ନଥିଲା, ବରଂ ଚଳଚ୍ଚିତ୍ରର ଚରିତ୍ର ପାଇଁ ଆବଶ୍ୟକ ଥିବା ନିର୍ଦ୍ଦିଷ୍ଟ ଶୈଳୀର ନିଶ ସେ ବଢାଇ ପାରିନଥିଲେ । କାରଣ ତାଙ୍କ ମୁହଁରେ ଏହା ପ୍ରାକୃତିକ ଭାବେ ଉଠିବା ସମ୍ଭବ ନଥିଲା, ତେଣୁ ସେ ନକଲି ନିଶର ସାହାରା ନେଇଥିଲେ । ସୂଚନା ଅନୁସାରେ ପ୍ରାୟ ୧୭୫ କୋଟି ବଜେଟରେ ନିର୍ମିତ ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ମାତ୍ର ୯୦ କୋଟି ଟଙ୍କା ଆୟ କରିଥିଲା । ସେତେବେଳେ ଅକ୍ଷୟଙ୍କ ଲୁକ୍ ସହ ଶୀଘ୍ର ଶୁଟିଂ ସାରିବା ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଟ୍ରୋଲ୍ କରାଯାଇଥିଲା । ବର୍ତ୍ତମାନ ଅକ୍ଷୟ ନିଜର ଆଗାମୀ ବଡ଼ ପ୍ରୋଜେକ୍ଟ 'ୱେଲକମ୍ ଟୁ ଦ ଜଙ୍ଗଲ' ଏବଂ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ 'ହୈୱାନ' ପାଇଁ ପ୍ରସ୍ତୁତ ହେଉଛନ୍ତି ।



## ମେଷ



**ମେଷ:** ଯାତ୍ରାରେ ଶୁଭ, ଶରୀର ସୁସ୍ଥ, ଧନବ୍ୟୟ, ବନ୍ଧୁଲାଭ, ଶତ୍ରୁ ସମସ୍ୟା, ଦୂରସ୍ଥାନେ ସତର୍କ, ଆଶା ସଫଳ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶତ୍ରୁ ପରାଜିତ, ଅର୍ଥଲାଭ, ନୂତନ କାର୍ଯ୍ୟରେ ସଫଳ, ଦୂରଯାତ୍ରା, ସମ୍ପତ୍ତିଲାଭ, ସ୍ୱାସ୍ଥ୍ୟ ସମସ୍ୟା, ପଦବୀ ଲାଭ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ବ୍ୟବସାୟରେ କଷ୍ଟ, ଶତ୍ରୁ ସମସ୍ୟା, ମାନସିକ କ୍ଳେଶ, ପାରିବାରିକ ସହଯୋଗ, କର୍ମକ୍ଷେତ୍ରେ ସମସ୍ୟା, ପୁରାତନ ଦ୍ରବ୍ୟଲାଭ, ମାଲିମୋକଦ୍ଦ, ବିଦ୍ୟାରେ ସଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଯନ୍ତ୍ରଣା ବୃଦ୍ଧି, ବ୍ୟବସାୟରେ ଶତ୍ରୁତା, କାର୍ଯ୍ୟରେ ଅସ୍ଥିର, ଉଚ୍ଚାଧିକାରୀଙ୍କ ସହାୟତା, ଯାନବାହନେ ସତର୍କ, ମକଦ୍ଦମାରେ କଷ୍ଟ, ନୂତନ କାର୍ଯ୍ୟ ଆରମ୍ଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ସିଂହ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ନୂତନ ବନ୍ଧୁଲାଭ, ସନ୍ତାନ ସୁଖ, ବିବାଦ ସମାଧାନ, ଦ୍ରବ୍ୟ ଲାଭ, ଶତ୍ରୁ ପରାଜିତ, ସମ୍ପତ୍ତିଲାଭ, ପୁରାତନ ରୋଗ, ମାନସିକ ଶାନ୍ତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଶ୍ରୀରାମ ।

**କନ୍ୟା:** ବନ୍ଧୁ ମିଳନ, ଶୁଭ ସମାଚାର, ନୂତନ ସମସ୍ୟା, ଚୁକ୍ତି ସମ୍ପାଦନ, ଅର୍ଥଲାଭ, ସନ୍ତାନଖୁସି, ବିବାଦମୁକ୍ତ, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ନୃସିଂହ ।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ ବହୁ କାର୍ଯ୍ୟରେ ଖୁସି, ସମ୍ମାନ ଲାଭ, ଦୂରଯାତ୍ରା, ଶତ୍ରୁ ସମସ୍ୟା, ଶରୀର ଅସୁସ୍ଥ, ଯାନବାହନେ ସତର୍କ, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ କ୍ଳେଶ, ଶତ୍ରୁ ପରାଜିତ, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରାରେ ସତର୍କ, ପାରିବାରିକ ଅସନ୍ତୋଷ, ବ୍ୟାବାସାୟରେ ସ୍ୱଳ୍ପ ଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନ ବୃଦ୍ଧି, ବ୍ୟବସାୟରେ ଲାଭ, ଆଶା ସଫଳ, ଶତ୍ରୁ ପରାଜିତ, ପାରିବାରିକ କଷ୍ଟ, ହଠାତ୍ ଦୂରଯାତ୍ରା, ବିଦ୍ୟାରେ ସଫଳ, ମହିଳାମାନେ ଚିନ୍ତିତ ରହିବେ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**ମକର:** ପ୍ରସନ୍ନତା, ଆଶାପୂର୍ତ୍ତି, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ଲାଭ, ନୂତନ ବନ୍ଧୁଲାଭ, ଦୂରଯାତ୍ରାରେ ସତର୍କ, ସମ୍ପତ୍ତି କଳହ, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା-ମା' ବିମଳା ।

**କୁମ୍ଭ:** ଚିନ୍ତାଶୂନ୍ୟ, ଅର୍ଥଲାଭ, ବନ୍ଧୁପ୍ରାପ୍ତି, ଦ୍ରବ୍ୟଲାଭ, ପାରିବାରିକ ଖୁସି, କର୍ମବ୍ୟସ୍ତତା, ନୂତନ କର୍ମ ଆରମ୍ଭ, ବ୍ୟବସାୟରେ ମଧ୍ୟମ ଲାଭ, ଶତ୍ରୁ ସମସ୍ୟା, କିଛି କିଣାକିଣି କରିବେ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ମା' ବଗଳାମୁଖୀ ।

**ମୀନ:** ସଫଳତା ପ୍ରାପ୍ତି, ଦ୍ରବ୍ୟଲାଭ, ସମ୍ମାନ ଲାଭ, ଅର୍ଥଲାଭ, ଦୂରସ୍ଥାନକୁ ଯାତ୍ରା ମୋକଦ୍ଦମାରେ ପଡ଼ିପାରନ୍ତି, ଦାମ୍ପତ୍ୟ କଳହ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ସଂଖ୍ୟା-୧୦, ଆରାଧନା- ମା' ଭୁବନେଶ୍ୱରୀ ।

**ବୈଶାଖ ଶୁକ୍ଳପକ୍ଷ, ଅଷ୍ଟମୀ**
**୨୪.୪.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮









ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୧୫ତମ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଓଏଏସ୍ ସ୍ତରରେ ଅଦଳବଦଳ

# ୭ ଦିନରେ କାର୍ଯ୍ୟରେ ଯୋଗଦିଅ, ନଚେତ୍ ମେ' ୧ରୁ ଦରମା ବନ୍ଦ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାର ଓଏଏସ୍ ଅଧିକାରୀ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨୦ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାବେଳେ ଏଥିରୁ ୫ଜଣ ଅଧିକାରୀଙ୍କର ପୂର୍ବରୁ ବିଭିନ୍ନ ଜାଗାକୁ ବଦଳି ହୋଇଥିଲେ ହେଁ ସେମାନେ କାର୍ଯ୍ୟରେ ଯୋଗଦେଇନଥିଲେ । ତେଣୁ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ସହିତ ଏକ କଡ଼ା ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ଏହି ବଦଳି ଆଦେଶ ଅଧୀନରେ ଥିବା ସମ୍ପୃକ୍ତ ଅଧିକାରୀମାନଙ୍କ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ବିଜ୍ଞପ୍ତି ଜାରି ହେବାର ୭ଦିନ ମଧ୍ୟରେ ସ୍ଥାନାନ୍ତରିତ ଅଧିକାରୀମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନଚେତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏପ୍ରିଲ ୩୦ତାରିଖ ଅପରାହ୍ନରୁ କେନ୍ଦ୍ରୀୟ ଭାବେ ମୁକ୍ତ କରାଗଲା ବୋଲି ବିବେଚନା କରାଯିବ । ଏହାସହ ଏହି ବଦଳି ନିର୍ଦ୍ଦେଶନାମାର ଏକ ନକଲ ଟ୍ରେଜେରି ଓ ପରିଦର୍ଶନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ପଠାଯାଇଛି । ଏଥିରେ କୁହାଯାଇଛି, ମେ'୧ରୁ ଉପରୋକ୍ତ ବଦଳି ହୋଇଥିବା ଅଧିକାରୀମାନଙ୍କର ଦରମା (ସେମାନଙ୍କ ପୂର୍ବତନ ପଦବିର) ବନ୍ଦ କରିବା ନିମନ୍ତେ ସମ୍ପୃକ୍ତ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯିବ ।

ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଏହାସହ ଶ୍ରୀ ସାହୁଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଏଚ୍‌ଏମ୍)ର ପରିଚାଳନା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ସାହୁଙ୍କର ଗତ ଜାନୁଆରି ୯ତାରିଖରେ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ବଦଳି ହୋଇଥିବାବେଳେ ସେ କାର୍ଯ୍ୟରେ ଯୋଗଦେଇନଥିଲେ । ଏହି ବଦଳି ନିର୍ଦ୍ଦେଶକୁ ବାତିଲ୍ କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ସିଡିଏର ପୂର୍ବତନ ସଚିବ ଶ୍ୱେତ କୁମାର ଦାସଙ୍କୁ ଗତ ଫେବ୍ରୁଆରୀ ୧୯ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଥିବାବେଳେ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ । ଏହାକୁ ବି ବାତିଲ୍ କରାଯାଇଛି । ଶ୍ରୀ ଦାସଙ୍କୁ ଆଜି ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛି ।

ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକଙ୍କୁ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କୁ ବାମନଘାଟୀ ଉପଜିଲ୍ଲାପାଳ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କୁ ଇଡକୋର ଭୂମି ଅଧିକାରୀ, ବୌଦ୍ଧ ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଚାର୍ଲସ ନାୟକଙ୍କୁ ଆନନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ, କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ ପଦ୍ମଚରଣ ସାହୁଙ୍କୁ ଢେଙ୍କାନାଳ ଉପଜିଲ୍ଲାପାଳ, ବାଣପୁର ତହସିଲଦାର ପଦ୍ମନାଭ ଦୋରାଙ୍କୁ କନ୍ଧମାଳର ଅତିରିକ୍ତ ଜିଲ୍ଲାପାଳ, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକଙ୍କୁ ଢେଙ୍କାନାଳ ପର୍ଯ୍ୟଟନ ବିଭାଗର ଉପସଚିବ, ଢେଙ୍କାନାଳ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ, ସହର ଯୋଜନା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପୂର୍ବତନ ଓଏସଡି ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପାନପୋଷର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ଶ୍ରୀ ମଲ୍ଲିକଙ୍କର ଗତବର୍ଷ ଅଗଷ୍ଟ ୨୬ରେ ଓକାକର ଓଏସଡି ଭାବେ ବଦଳି ହୋଇଥିବାବେଳେ ଏହାକୁ ବାତିଲ୍ କରାଯାଇଛି । ଧର୍ମଗଡ଼ର ପୂର୍ବତନ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କର ଗତ ମାର୍ଚ୍ଚ ୨୯ରେ ରାଇରଙ୍ଗପୁରର ଉପଜିଲ୍ଲାପାଳଭାବେ ବଦଳି ହୋଇଥିବାବେଳେ ଏହାକୁ ବାତିଲ୍ କରାଯାଇଛି । ଏବେ ତାଙ୍କର ବାମନଘାଟୀ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ବାଣପୁର ବିଡିଓ ବିକାଶ କୁମାର ମହାନ୍ତିଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି ।

ଓଏସ୍‌ଡମାର ସାଧାରଣ ପରିଚାଳକ ତାପସ କୁମାର ସେଠୀଙ୍କୁ ଭଦ୍ରକର ଅତିରିକ୍ତ ଉପଜିଲ୍ଲାପାଳ, ଇଡକୋର ପୂର୍ବତନ ଭୂମି ଅଧିକାରୀ ସ୍ମୃତି ରଂଜନ ମଲ୍ଲିକଙ୍କର ଗତ ମାର୍ଚ୍ଚ ୨୯ରେ ଭଦ୍ରକର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି ହୋଇଥିବାବେଳେ ଏହାକୁ ବାତିଲ୍ କରି ତାଙ୍କୁ ପୁଣି ସେହି ସମାନ ପଦରେ ନିଯୁକ୍ତି ଦିଆଯାଇଛି । କୋଲାବିରା ବିଡିଓ ଅଶୋକ କୁମାର ମାଝୀଙ୍କୁ ଝାରସୁଗୁଡ଼ାର ଉପଜିଲ୍ଲାପାଳ, ଆନନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ ଯୁଧିଷ୍ଠିର ମେହେରଙ୍କୁ ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ବଦଳି ହୋଇଛି ।

### ଚା' ଦୋକାନରେ ଅଗ୍ନିକାଣ୍ଡ

# ୧୦ ଲକ୍ଷର ସମ୍ପତ୍ତି ନଷ୍ଟ : ଥାନାରେ ଏତଲା

କଟକ,(ସବ୍ୟୁ): ନୂଆପଡା ବାଲିସାହି ବସ୍ତି ନିକଟରେ ଆଜି ଅଗ୍ନିକାଣ୍ଡ ଘଟି ଏକ ଚା' ଦୋକାନ ସମ୍ପୂର୍ଣ୍ଣ ପୋଡି ଯାଇଛି । ପ୍ରଥମେ ଦୋକାନରେ ନିଆଁ ଲାଗିଯାଇଥିଲା । ଏହାପରେ ଚା' କରାଯିବା ପାଇଁ ଦୋକାନରେ ରଖାଯାଇଥିବା ୨ଟି ଏଲପିଜି ସିଲିଣ୍ଡର ହଠାତ୍ ଫାଟିଯାଇଥିଲା । ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳ ଥରି ଉଠିଥିଲା । ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ ଧରଣର ଅଘଟଣ ଆଶଙ୍କା ଟଳି ଯାଇଥିଲା । ତେବେ ଜାଣିଶୁଣି କେହି ନିଆଁ ଲଗାଇଦେଇଥିବା ସନ୍ଦେହ କରି ଦୋକାନ ମାଲିକ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି । ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଆଣି ଯାଞ୍ଚ କରୁଛି ।

ନୂଆପଡା ବାଲିସାହି ବସ୍ତି ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ବଳରାମ ସେଠୀ ଏକ ଚା' ଦୋକାନ କରିଛନ୍ତି । ଦୋକାନରେ ଚା' ସହିତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବିକ୍ରି ପାଇଁ ରଖିଛନ୍ତି । ପୂର୍ବଭଳି ଗୁରୁବାର ଦିନ ପ୍ରାୟ ୧ଟା ୧୫ ବେଳେ ବଳରାମ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ପ୍ରାୟ ସାଢେ ୧ଟା ବେଳେ ତାଙ୍କ ଦୋକାନ ପାଖରେ ଥିବା ଅନ୍ୟ ଜଣେ ଦୋକାନୀ ବଳରାମଙ୍କ ଦୋକାନ ତଳେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ସେ ବଳରାମଙ୍କୁ ସୂଚନା ଦେବା ସହିତ ନିଜେ ବାଲଟିରେ ପାଣି ନେଇ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ । ଦୋକାନ ବାହାରପଟ ନିଆଁ ଲିଭିଯାଇଥିଲେ ହେଁ ଭିତରେ ନିଆଁ ଜଳୁଥିଲା । ଏହା ମଧ୍ୟରେ ମାଲିକ ବଳରାମ ଆସି ଅଗ୍ନିଶମକୁ ଖବର ଦେଇଥିଲେ । କିଛି ସମୟ ଭିତରେ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡି ଆସି ପହଞ୍ଚିଲା ବେଳକୁ ଦୋକାନ ଭିତରେ ଚା' ପାଇଁ ରଖାଯାଇଥିବା ୨ଟି ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା । ବିସ୍ଫୋରଣରେ ସମଗ୍ର ଅଞ୍ଚଳ ଥରିଉଠିଥିଲା । ଆଖପାଖର ଲୋକେ ଭୟଭୀତ ହୋଇ ଘର ବାହାରକୁ ଦୌଡି ପଳାଇ ଆସିଥିଲେ । ବିସ୍ଫୋରଣରେ ଦୋକାନ ଭିତରୁ ନିଆଁ ହୁଲା ଉଡି ପାଖ ଦୋକାନ ଉପରେ ପଡିଥିଲା । ଅଗ୍ନିଶମ ଟିମ ପାଣି ମାରି ଲିଭାଇଲା ବେଳକୁ ଦୋକାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଦୋକାନ ଭିତରେ ଥିବା ସମସ୍ତ ଜିନିଷ, କୋଲ୍ଡ ଡ୍ରିଙ୍କସ ପାଇଁ ଦୁଇଟି ଫ୍ରିଜ ଓ ଆଇସକ୍ରିମ ପାଇଁ ଥିବା ଗୋଟିଏ ଫ୍ରିଜର ପୋଡିଯାଇ ପାଉଁଶ ହୋଇଯାଇଥାଏ । ଏସବୁ ପ୍ରାୟ ଅଧଘଣ୍ଟା ଭିତରେ ହୋଇଥିଲା । ଦୋକାନ ଭିତରେ ବଳରାମ ତାଙ୍କ ପରିବାରର ବହୁ ଆବଶ୍ୟକୀୟ କାଗଜପତ୍ର, ବାପାଙ୍କ କାଗଜପତ୍ର, ବୀମା କାଗଜପତ୍ର, ଦିନରେ ବିକ୍ରି ହୋଇ ରଖାଯାଇଥିବା ସମସ୍ତ ଟଙ୍କା ପୋଡିଯାଇଛି । ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି । ତେବେ ଏହା କୌଣସି ସଟସର୍କିଟ ଘଟଣା ନୁହେଁ ବରଂ କେହି ଷଡଯନ୍ତ୍ର କରି ଦୋକାନରେ ନିଆଁ ଲଗାଇ ଦେଇଥିବା ବଳରାମ ଅଭିଯୋଗ କରିଛନ୍ତି । ଦୋକାନ ବନ୍ଦ କରିଯିବାର ମାତ୍ର ୧୫ ମିନିଟ ପରେ ନିଆଁ ଲାଗିଥିବାରୁ ଏଭଳି ସନ୍ଦେହ କରାଯାଉଛି ।

# ଗାଁ ପୋଖରୀ ପୁନରୁଦ୍ଧାର, ପାନୀୟ ଜଳ ସମସ୍ୟାର ସମାଧାନ ଦାବିକଲେ ଗ୍ରାମବାସୀ

ଖୋର୍ଦ୍ଧା, (ସବ୍ୟୁ): ବେତରାଗୋଡ଼ି ପୋଖରୀ ର ପୁନରୁଦ୍ଧାର, ସାମୁହିକ ପାଇଖାନ ନିର୍ମାଣ ଓ ପାନୀୟ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ରମ କରି ଜରୁରୀ କାଳୀନ ଭିତିରେ କରାଯିବା ଦାବିରେ ଆଜି ନରଣଗଡ ଫଂଚାୟତ ହାଡପଦା



ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ ଫଂଚାୟତ ହାଡପଦା ଗ୍ରାମ ବ୍ଲକର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଅନୁସୂଚିତ ଜାତି (ଭୋଇ) ର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଯେ, ସରକାର ତଥା ଜିଲ୍ଲା ପ୍ରଶାସନର ସେମାନଙ୍କ ଗ୍ରାମପ୍ରତି ଅବହେଳା ଓ ଅଣଦେଖା କରୁଛି। ଗ୍ରାମବାସୀବୃନ୍ଦ ହାଡ଼ପଦାସ୍ଥ ବେତରାଗୋଡ଼ି ପୋଖରୀ ର ପୁନରୁଦ୍ଧାର, ପୋଖରୀ ନିକଟରେ ସାମୁହିକ ଶୌଚାଳୟ ନିର୍ମାଣ ଓ ଗ୍ରାମରେ ପାନୀୟ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ରମ ପାଇଁ ବହୁବାର ଆପଣଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ହେଉନଥିବା କହିଛନ୍ତି। ଆମ ଗ୍ରାମ ଫଂଚାୟତରେ ଓ.ଏମ.ସି. କାର୍ଯ୍ୟାଳୟ କରି ଆମ ଭିଟାମାଟିର ଦୈନନ୍ଦିନ ବୃତି କୁ ଅକ୍ତିଆର କରିନେଇ ସରକାର ତଥା ଜଗନ୍ନାଥ ମନ୍ଦିର କାମରେ କୁଣ୍ଡାକୁଣ୍ଡି ପଥର ବ୍ୟବହାର କରୁଅଛି। ସରକାରଙ୍କ ନିୟମ ଅଛି ଓଡ଼ିଶା ଖଣି ନିଗମ ନିଜ ଅନୁଦାନରେ ସି.ଏସ୍.ଆର, ଫଣ୍ଡ ରୁ ଉକ୍ତ ଅଂଚଳର ବିକାଶ କରିବା କଥା। ବଡ଼ ଦୁର୍ଭାଗ୍ୟର ବିଷୟ ଉକ୍ତ ଦୁଇଗୋଟି କାମ ପାଇଁ ଆପଣଙ୍କ ନିକଟରେ ବହୁବାର ଅଭିଯୋଗ କରିବା ପରେ ଆପଣ ଦୁଇଥର ଓଡ଼ିଶା ଖଣି ନିଗମର ମ୍ୟାନେଜି ଡାଇରେକ୍ଟରଙ୍କୁ ଚିଠି କଲେ ମଧ୍ୟ କୌଣସି ଫଳ ନ ହେବା ଯୋଗୁଁ ଆମେ ଗ୍ରାମବାସୀବୃନ୍ଦ ଗ୍ରୀଷ୍ମଋତୁରେ ପାଣି ବିନା ବହୁ ଅସୁବିଧାର ସମ୍ମୁଖୀନ ହେଉଅଛୁ ଏବଂ ଗ୍ରାମରେ ଥିବା ପାନୀୟ ପାଇପ ଜଳ ପ୍ରକଳ୍ପଟି ଖରାପ ହେବା ଯୋଗୁଁ ଲୋକମାନେ ପାଣି ଟୋପେ ପାଇଁ ହାହାକାର ଅବସ୍ଥାରେ ରହିଛନ୍ତି। ଗ୍ରାମରେ ଥିବା ନଳକୂପଟି ଖରାପ ହୋଇଯିବା ଯୋଗୁଁ ପାନୀୟ ଜଳ ପାଇଁ ଗ୍ରାମବାସୀବୃନ୍ଦ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ରେନ୍‌ବୋ ଆସେଟ୍‌ସ୍ ର ବିଶାଳ ତୁଳସୀ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ପୃଥିବୀ ଦିବସ ଅବସରରେ ରେନ୍‌ବୋ ଆସେଟ୍‌ସ୍ ପ୍ରାଇଭେଟ ଲିମିଟେଡ ପରିବେଶଗତ ସଚେତନତା, ଆଧ୍ୟାତ୍ମିକ କଲ୍ୟାଣ ଏବଂ ଏକ ଅଧିକ ସବୁଜ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଗୁରୁ କେଳୁଚରଣ ମହାପାତ୍ର ପାର୍କଠାରେ




ମାଗଣାରେ ପବିତ୍ର ତୁଳସୀ ଗଛ ବଣ୍ଟନର ଏକ ଅର୍ଥପୂର୍ଣ୍ଣ ସିଏସ୍‌ଆର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଅଧିକ ଜନସାଧାରଣ ସମବେତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ଏବଂ ବିବିଧ ପୃଷ୍ଠଭୂମିରୁ ଲୋକମାନେ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପବିତ୍ର ତୁଳସୀ ଗଛ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ପକ୍ଷରୁ ଏହାକୁ ନେଇ ବ୍ୟାପକ ଉତ୍ସାହ ପ୍ରକାଶ ପାଇଥିଲା ଏବଂ ପରିଦର୍ଶକମାନେ ଏହି ପ୍ରୟାସ ପାଇଁ ସେମାନଙ୍କର ଆନନ୍ଦ ଓ ପ୍ରଶଂସା ପ୍ରକଟ କରିଥିଲେ।

# ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ପୁସ୍ତକ 'ଆମ ଅସ୍ମିତା' ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ): ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଲିଖିତ ପୁସ୍ତକ ଆମ ଅସ୍ମିତା ଉନ୍ମୋଚିତ । ପୁସ୍ତକ ଦିବ୍ୟଦୂତ ପ୍ରକାଶନୀର ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟଙ୍କ ଦ୍ୱାରା ପ୍ରକାଶିତ ଏହି ଆମ ଅସ୍ମିତା ପୁସ୍ତକଟିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଥିଲେ । ଉନ୍ମୋଚନ ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମୁଖ୍ୟଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ଦିବ୍ୟଦୂତ ପ୍ରକାଶନୀ ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ ତପନ କୁମାର ଶତପଥୀ , ସତ୍ୟନାରାୟଣ ମହାନ୍ତି ଓ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଲୋକଭବନ ଠାରେ ରାଜ୍ୟପାଳଙ୍କୁ ଆମ ଅସ୍ମିତା ପୁସ୍ତକଟିକୁ ଲେଖକ ପଦ୍ମଶ୍ରୀ ଡ. ମିଶ୍ର ଏବଂ ପ୍ରକାଶକ ଶ୍ରୀ ସାମନ୍ତରାୟ ଉପହାର ପ୍ରଦାନ କରିଥିଲେ । ପୁସ୍ତକରେ ଲେଖକ ଓଡ଼ିଆ ଅସ୍ମିତା ବିଷୟରେ ଖ୍ରୀଷ୍ଟ ପୂର୍ବ ସମୟରୁ ଆରମ୍ଭକରି ଉତ୍କଳ ଭୂଖଣ୍ଡର




ଧର୍ମଧାରା, ସଂସ୍କୃତି,ଐତିହ୍ୟ,ଶାସନ ବ୍ୟବସ୍ଥା, ଦିଗ୍ୱିଜୟୀ ସମ୍ରାଟ ମାନଙ୍କ ଗୌରବ ଗାଥା,ଯୋଗଜନ୍ମା ସାରସ୍ୱତ ସାଧକ ମାନଙ୍କର କୃତି ଏବଂ ସର୍ବୋପରି ସେମାନଙ୍କର ଓଡ଼ିଆ ଜାତି ନିମନ୍ତେ ଚିର ସ୍ମରଣୀୟ ଅବଦାନ ଗାଥା ଉଲ୍ଲେଖ କରିଛନ୍ତି । ଏଥିରେ ବର୍ଣ୍ଣିତ ଦିବ୍ୟଦୂତ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ମର୍ଯ୍ୟାଦା ସମ୍ପନ୍ନ ପୁସ୍ତକର ଅଳଙ୍କରଣ ଆହାନା ସାମନ୍ତରାୟ କରିଛନ୍ତି । ପ୍ରକାଶକ ଶ୍ରୀ ସାମନ୍ତରାୟ ଗ୍ରନ୍ଥ ପ୍ରକାଶନ ଓ ବିଷୟବସ୍ତୁ ଉପରେ ରାଜ୍ୟପାଳଙ୍କୁ ଆଲୋକପାତ କରିଥିଲେ ଓ ଏହି ସଂକଳନକୁ ଭବିଷ୍ୟତରେ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରକାଶ କରିବାକୁ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ । ଫଳରେ ଏହା ସର୍ବ ଭାରତୀୟ ସ୍ତରରେ ଆଦୃତ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ ।

# ଅସଦାଚରଣ ମାମଲା : ଆସାମୀକୁ ୩ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଅସଦାଚରଣ ମାମଲାର ଆସାମୀ ଦୀନବନ୍ଧୁ କାଣ୍ଡିକୁ ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ୩ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୨୦ ମସିହା ମାର୍ଚ୍ଚ ମାସରେ ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ କରିଥିଲା ଆସାମୀ ଦୀନବନ୍ଧୁ । ଅଭିଯୋଗକାରିଣୀ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ୨୦୨୦ ମସିହା ମାର୍ଚ୍ଚ ୧ ତାରିଖ ଦିନ ମଧ୍ୟାହ୍ନ ସମୟରେ ତାଙ୍କ ୯ ବର୍ଷର ନାବାଳିକା ଝିଅ ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ । ଆଖପାଖରେ କେହି ବଡଲୋକ ନଥିବାର ସୁଯୋଗ ଉଣ୍ଡି ଆସାମୀ ଦୀନବନ୍ଧୁ ନାବାଳିକାକୁ ନିକଟସ୍ଥ ଏକ ଶୌଚାଳୟକୁ ଉଠାଇ ନେଇଥିଲା । ସେଠାରେ ସେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ମାଡ ମାରିଥିଲା । ଏପରିକି ତାଙ୍କ ଡାହାଣ ହାତକୁ କାମୁଡି ଦେଇଥିଲା । ଯନ୍ତ୍ରଣା ଯୋଗୁ ନାବାଳିକା ବଡପାଟି କରିଥିଲେ । ତାଙ୍କ ପାଟିଶୁଣି ସାଙ୍ଗମାନେ ଯାଇ ନାବାଳିକାଙ୍କ ମା'ତଥା ଅଭିଯୋଗକାରିଣୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ଅଭିଯୋଗକାରିଣୀ ଅବିଳମ୍ବେ ଘଟଣାସ୍ଥଳକୁ ଦଉଡି ଯାଇ ନାବାଳିକା ଝିଅକୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ତାହା ପରଦିନ ଅଭିଯୁକ୍ତ ଦୀନବନ୍ଧୁ ବିରୋଧରେ ବାଲିପାଟଣା ଥାନାରେ ଏତଲା ଦାଏର କରିଥିଲେ ପୀଡିତାଙ୍କ ମା' । ଅଭିଯୋଗକୁ ଭିତ୍ତିକରି ଦୀନବନ୍ଧୁକୁ ଗିରଫ କରି ପୋଲିସ କୋର୍ଟଚାଲାର କରିଥିଲା । ମାମଲାର ବିଚାର କରି ଅଦାଲତ ୮ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୬ଟି ପ୍ରାସଙ୍ଗିକ ଦସ୍ତାବିଜ୍ ଅନୁଯାୟୀ ଆସାମୀ ଦୀନବନ୍ଧୁ କାଣ୍ଡିଙ୍କୁ ୩ବର୍ଷ ସଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୩ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି । ଦଫା ୩୪୧ ଅନୁଯାୟୀ ଆସାମୀକୁ ଅଧିକ ଏକ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ଆସାମୀ କ୍ଷେତ୍ରରେ ଶୁଣାଣି ହୋଇଥିବା ଉପରୋକ୍ତ ସମସ୍ତ ଦଣ୍ଡାଦେଶ ଏକସଂଗେ ତଥା ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । କ୍ଷତିପୂରଣ ବାବଦରେ ୫୦ ହଜାର ଟଙ୍କା ପୀଡିତାଙ୍କ ପରିବାରକୁ ସହାୟତା ଦେବାକୁ ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ହୋଇଛି ।

### ପଳାଶୁଣୀ ଛକ ପାଖରେ ଟ୍ରକ୍ ଜଳିବା ଘଟଣା

# ଗଙ୍ଗୁଆ ପୋଲ ଯୋଗୁ ଗାଡ଼ି ଚଳାଚଳ ସ୍ୱାଭାବିକ ହେବାକୁ ୭ଘଣ୍ଟା ଲାଗିଲା

ଭୁବନେଶ୍ୱର, (ସବ୍ୟୁ) : ପଳାଶୁଣୀ ଛକ ପାଖରେ ଟ୍ରକ୍ ଜଳିଯିବା ଘଟଣା ପରେ ଗାଡି ଚଳାଚଳ ସ୍ୱାଭାବିକ ହେବାକୁ ୭ଘଣ୍ଟା ସମୟ ଲାଗିଲା । କାରଣ ଗଙ୍ଗୁଆ କେନାଲ ପୋଲ ଅଣଓସାରିଆ ହୋଇ ରହିଛି । ଟ୍ରକ୍ ଜଳିଯିବା ଘଟଣାକୁ ନେଇ ଟ୍ରାଫିକ୍ ଜାମ୍ ହେବାର ବିଭିନ୍ନ କାରଣ ବିଶେଷଜ୍ଞମାନେ କହୁଛନ୍ତି । ଅଣଓସାରିଆ ପୋଲ ଯୋଗୁ ସେଠାରେ ଦୈନିକ ଗାଡି ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ୪/୬ଜଣ ଟ୍ରାଫିକ୍ ପୋଲିସ ଓ ହୋମ୍‌ଗାର୍ଡ ଦୈନିକ ସେଠାରେ ଡିୟୁଟି କରୁଛନ୍ତି । ପୋଲ ଅଣଓସାରିଆ ହେବାର ଅନ୍ୟ ଏକ ମୁଖ୍ୟ କାରଣ ରହିଛି । ଜାତୀୟ ରାଜପଥରେ କୁଆଖାଇ ପୋଲ ଚଉଡା ହୋଇଥିବା ବେଳେ ଗଙ୍ଗୁଆ ପୋଲକୁ କାହିଁକି ଚଉଡା କରାଗଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସେଠାରେ ଗଙ୍ଗୁଆ ପୋଲ ଚଉଡା ହେଲେ ଜଣେ ଟାଣୁଆ ନେତାଙ୍କ ସମ୍ପର୍କୀୟଙ୍କ ଜମି ଓ ଘର କ୍ଷତିଗ୍ରସ୍ତ ହେଉଥିବାରୁ ତାହା ଓସାର କରିବା ସମ୍ଭବ ହୋଇନାହିଁ ।

ଅପରାହ୍ନ ୩ଟା ବେଳେ ଟ୍ରକ୍‌ରେ ନିଆଁ ଲାଗିଲା । ହେଲେ ଟ୍ରାଫିକ୍ ଓ ଅଗ୍ନିଶମ ବାହିନୀ ଠିକ୍ ସମୟରେ ପହଞ୍ଚି ପାରିଲେ ନାହିଁ । ଦୁଇପଟରୁ ଗାଡି ଜାମ୍ ହୋଇଯିବାରୁ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ପାରିଲା ନାହିଁ । ଯାହା ଫଳରେ ଟ୍ରକ୍‌ଟି ସମ୍ପୂର୍ଣ୍ଣ ଜଳିଗଲା । ଟ୍ରାଫିକ୍ ପୋଲିସ ସେଠାରେ ପହଞ୍ଚି ଗାଡି ଚଳାଚଳ ପରିଚାଳନା କରିବାକୁ ବିଳମ୍ବ ହେବାର କାରଣ ଭୁବନେଶ୍ୱର ଟ୍ରାଫିକ୍ ଓ କଟକ ଟ୍ରାଫିକ୍‌ର ସୀମା ହେଉଛି ଘଟଣାସ୍ଥଳ । ବାସ୍ତବରେ ଯେଉଁ ସ୍ଥାନରେ ଘଟଣା ଘଟିଲା ତାହା କଟକ ଟ୍ରାଫିକ୍ ଅଧୀନରେ । ଭୁବନେଶ୍ୱର ଟ୍ରାଫିକ୍ ସେଥିପ୍ରତି ନିଘା ଦେଲେନାହିଁ । ପରିସ୍ଥିତି ଅସମ୍ଭାଳ ହେବା ପରେ କମିଶନରେଟ୍ ପୋଲିସ ସଜାଗ ହୋଇଉଠିଲା । ସଜାଗ ହୋଇ କାମ ଆରମ୍ଭ କରିଥିଲେ ମଧ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମ୍ଭବ ହେଲାନାହିଁ । ଯାହା ଫଳରେ କମିଶନରେଟ୍ ପୋଲିସ ହାତ ଟେକିଦେବାରୁ ୭ଘଣ୍ଟା ଲାଗିଲା ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ହେବାପାଇଁ ।

କଟକ-ଭୁବନେଶ୍ୱରର ମାଳ ମାଳ ଆମ୍ବୁଲାନ୍ସ ଜାମ୍ ମଧ୍ୟରେ ଫସି ରହିଲା । ଜଣେ ସଡ଼କ ବିଶେଷଜ୍ଞଙ୍କ କହିବାନୁଯାୟୀ ରାସ୍ତା ଉପରେ ଘଟଣା ଘଟିଲେ ତାହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଆମ ଟ୍ରାଫିକ୍ ପୋଲିସ ପାଖରେ ଯଥେଷ୍ଟ ଜ୍ଞାନ ନାହିଁ । ଯେଉଁ ପଥଚାରୀମାନେ ରାସ୍ତାରେ ୭ଘଣ୍ଟା ପଡିରହିଲେ ଓ ଆମ୍ବୁଲାନ୍ସରେ ଥିବା ରୋଗୀ ସେବାରୁ ବଞ୍ଚିତ ହେଲେ ସେଥିପାଇଁ ଦାୟୀ ଟ୍ରାଫିକ୍ ପୋଲିସ । ତେଣୁ ସେହି ଟ୍ରାଫିକ୍ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ । କେବଳ ଏହି ସ୍ଥାନ ନୁହେଁ ଭୁବନେଶ୍ୱରର କେତେକ ସ୍ଥାନରେ ଦୁର୍ଘଟଣା ଘଟିଲେ ଗାଡି ଚଳାଚଳ ସ୍ୱାଭାବିକ ହେବା ପାଇଁ ଦୀର୍ଘ ସମୟ ଲାଗୁଛି । ଏହାର କାରଣ କ'ଣ ରାସ୍ତା ନା ଟ୍ରାଫିକ୍ ପରିଚାଳନା । ବୁଧବାର ଟ୍ରକ୍ ଜଳିବା ଘଟଣାରେ ଯେଉଁ ପଥଚାରୀମାନେ ରାସ୍ତାରେ ଦୀର୍ଘ ସମୟ ପଡିରହିଲେ ସେମାନେ ଏହି ଘଟଣାକୁ ଭୁଲିପାରିବେ ନାହିଁ । କମିଶନରେଟ୍ ପୋଲିସରେ ବୁଧବାରର ଟ୍ରକ୍ ଜଳିବା ଘଟଣାରେ ଗାଡି ଚଳାଚଳ ସ୍ୱାଭାବିକ ହେବା ପାଇଁ ୭ଘଣ୍ଟା ଲାଗିବା ବୋଧେ ପ୍ରଥମ ଘଟଣା । ବିଭାଗୀୟ ମନ୍ତ୍ରୀଙ୍କ କହିବାନୁଯାୟୀ ଖୁବ୍‌ଶୀଘ୍ର ଗଙ୍ଗୁଆ ଉପରେ ଡବଲ ପୋଲ ନିର୍ମାଣ ହେବ । ଏପରି ଘଟଣା ଆଉ ଦେଖିବାକୁ ମିଳିବ ନାହିଁ ।

### ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର ୨୯ତମ ବୋର୍ଡ ବୈଠକ

# ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ କରୁଥିବା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ (ଡିସ୍କମ୍)ମାନଙ୍କର ୨୯ ତମ ବୋର୍ଡ ବୈଠକ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ପୃଥକ୍ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୨୨ ତାରିଖରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକଗୁଡ଼ିକରେ ବିଭିନ୍ନ ଡିସ୍କମ୍‌ମାନଙ୍କ କାର୍ଯ୍ୟଦକ୍ଷତା,ପରିଚାଳନା ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଟାଟା ପାୱାର ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ), ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ଲିମିଟେଡ୍ ( ଟିପିଏସଓଡିଏଲ), ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିସିଓଡିଏଲ) ଏବଂ ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିଡବ୍ଲୁଓଡିଏଲ) ମାନଙ୍କର ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ବୈଠକରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ । ସାରା ରାଜ୍ୟରେ ଦକ୍ଷ ଏବଂ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣରେ କ୍ଷୟକ୍ଷତି କମାଇବା, ଗ୍ରାହକମାନଙ୍କୁ ସେବା ପ୍ରଦାନ ଏବଂ ଭିତ୍ତିଭୂମି ଉନ୍ନୟନ ପରି ପ୍ରମୁଖ ବିଷୟଗୁଡିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା ।




ବୈଠକରେ ରାଜ୍ୟରେ ପିଏମ୍ ସୂର୍ଯ୍ୟ ଘର : ମୁକ୍ତ ବିଜୁଳି ଯୋଜନା (ପିଏମ୍-ଏସଜି-ଏମବିୱାଇ) କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ଦେଶରେ ୧୩ ଫେବୃଆରୀ ୨୦୨୪ ରେ ୭୫,୦୨୧ କୋଟି ମୋଟ ଅଟକଳରେ ଆରମ୍ଭ ହୋଇଥିବା ଏହି ଯୋଜନା ଆର୍ଥିକ ବର୍ଷ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରହିଛି । ଓଡିଶାରେ ଏହାର କାର୍ଯ୍ୟାନ୍ୱୟନ ନେଇ ଦ୍ରୁତ ପ୍ରୟାସ ଜାରି ରହିଥିବା ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଛାତ ଉପରେ ସୌର ଶକ୍ତି ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ( ରୁଫଟପ୍ ସୋଲାର)କୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୟୁଟିଲିଟି-ଲେଡ୍-ଏଗ୍ରିଗେସନ (ୟୁଏଲଏ) ଯୋଜନା ପ୍ରଣୟନ କରିଛନ୍ତି । ଓଡିଶାରେ ଏହି ଯୋଜନା ନଭେମ୍ବର ୨୦୨୫ ରେ ଆରମ୍ଭ ହୋଇଥିବାବେଳେ, ୧ କିଲୋୱାଟ୍ ସଂଯୁକ୍ତ ଲୋଡ୍ ଥିବା ଘରୋଇ ଉପଭୋକ୍ତା କେବଳ ୧,୮୭୫ ଅନୁଦାନ ଅଂଶରେ ଅଧିକ ସବସିଡି ଥିବା ଏହି ସ୍କିମରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିବାକୁ ସମର୍ଥ ହେଉଛନ୍ତି ।

ଏହି ସୋଲାର ଶକ୍ତି ଯୋଜନାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଅନେକ ଘରୋଇ କିମ୍ବା ଛୋଟ ଉପଭୋକ୍ତାଙ୍କୁ ଏକସାଥିରେ ଯୋଡ଼ି ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରନ୍ତି, ଯଦ୍ୱାରା ଉପଭୋକ୍ତା ସହଜରେ, ତ୍ୱରିତ ବ୍ୟବସ୍ଥା ସହ କମ୍ ଖର୍ଚ୍ଚରେ ସୋଲାର ବିଦ୍ୟୁତ୍ ରୁ ଲାଭ ଉଠାଇବାର ସୁବିଧା ନେଇପାରିବେ । ଉଭୟ ଯୋଜନା ଅଧୀନରେ ଓଡ଼ିଶାର ଉତ୍ସାହଜନକ ପ୍ରଗତି ପରିଲକ୍ଷିତ ହେଉଛି । ଓଡିଶାରେ ରୁଫଟପ୍ ସୋଲାର ଅଧୀନରେ ୩ ଲକ୍ଷ ପରିବାରକୁ ଆଣିବା ପାଇଁ ଏକ ଆକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି, ଯାହା ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଉଲ୍ଲେଖନୀୟ ପଦକ୍ଷେପ । ବର୍ତ୍ତମାନ ପର୍ଯ୍ୟନ୍ତ, ରାଜ୍ୟରେ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନର ଅଗ୍ରଗତିରେ ନିରନ୍ତରତା ରହିଥିବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ପର୍ଯ୍ୟାୟରେ ପ୍ରତିମାସରେ ୨୫,୦୦୦ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନ କରିବା ପାଇଁ କର୍ତ୍ତୃପକ୍ଷ ଏବେ ପଦକ୍ଷେପ ନେଉଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ଡିସକମ୍ ମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରି ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ଏବଂ ପ୍ରଭାବୀ ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସେ ବିଦ୍ୟୁତ୍ ବିତରଣ ସେବାରେ ଗୁଣାତ୍ମକ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ ।

### ଓଏମ୍‌ସି ଏମ୍‌ଡିଙ୍କ କାଳିଆପାଣି କ୍ରୋମଜୋନ୍ ଗସ୍ତ

# ଭବିଷ୍ୟତମୁଖୀ ଓ ସ୍ଥାୟୀ ଖଣିଜ ଉନ୍ନୟନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ, କାଳିଆପାଣି ସ୍ଥିତ କ୍ରୋମଜୋନ୍ ପରିଦର୍ଶନ କରି ସ୍ଥାୟୀ ଖଣି ଉତ୍ତୋଳନ, ମୂଲ୍ୟ ବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବଢ଼ାଇବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ସୁକ୍ରାଙ୍ଗୀ ଏବଂ ଦକ୍ଷିଣ କାଳିଆପାଣି ଖଣି ପରିଦର୍ଶନ ସମୟରେ, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାମଲ ଓଭରବର୍ଡେନ ଡମ୍ପ ଅଞ୍ଚଳର ବିକାଶ ଏବଂ ଜମିର ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ ଓ ଦକ୍ଷ କରିବା ପାଇଁ ଖଣିଜ ପରିବହନ ସଡ଼କ ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ନିର୍ଦ୍ଦେଶ ଦେବା ସହ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ସ୍ଥିରତା ପାଇଁ ପରିବେଶ ଅନୁକୂଳ ପଦକ୍ଷେପଗୁଡିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

ଏହାବ୍ୟତୀତ କ୍ରୋମ୍ ଓର୍ ବେନିଫିକେଏସନ୍ ପ୍ଲାଣ୍ଟରେ କ୍ଷମତା ସଂପ୍ରସାରଣ ଏବଂ ଉତ୍ପାଦକ ବୃଦ୍ଧି ପାଇଁ ଏକ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାଧୁନିକ ପ୍ରକ୍ରିୟାକରଣ ମାଧ୍ୟମରେ ଖଣିଜ ସମ୍ପଦର ସର୍ବୋତ୍ତମ ବ୍ୟବହାର ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ ବୃଦ୍ଧି କରିବାକୁ ଶ୍ରୀ ସାମଲ କହିଛନ୍ତି। ଫେରୋକ୍ରୋମ୍ ପ୍ଲାଣ୍ଟର ସମୀକ୍ଷା



କରିବା ସହ ସେ ଗତ ଆର୍ଥିକ ବର୍ଷର ପ୍ରଦର୍ଶନ ଏବଂ ଆଗାମୀ ଅଭିବୃଦ୍ଧିର ରୋଡମ୍ୟାପ୍ ଉପରେ ଆଲୋଚନା କରିଛନ୍ତି। ବାଙ୍ଗୁର ଏବଂ ଦକ୍ଷିଣ କାଳିଆପାଣି ଖଣିରୁ ଆସୁଥିବା ଖଣିଜ ପଦାର୍ଥର ସଠିକ୍ ମିଶ୍ରଣରୁ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ଲାଣ୍ଟର ସଂପ୍ରସାରଣ ଓ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଜ୍ଞାନିକ ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ଓଏମସି ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ପରିବେଶ ପ୍ରତି ଦାୟିତ୍ୱ ନିର୍ବାହ କରିବାକୁ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ତେଣୁ ଆଗାମୀ ଦିନରେ ଏହି ରୋଡମ୍ୟାପ୍ ଓଡ଼ିଶା ଅର୍ଥନୈତିକ ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ନେଇ ଆଶା ରଖିଛନ୍ତି ଏମ୍‌ଡି ସୁଧାଂଶୁ ମୋହନ ସାମଲ । ଏହି ଅବସରରେ ଆଞ୍ଚଳିକ ପରିଚାଳକଙ୍କ ସମେତ ମୁଖ୍ୟ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡର ୭୫ତମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୧ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍ ସି ସୁଧାକର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏସ୍ ଏସ୍ କିରଣ କୁମାର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ଖାନ୍, ଭିର୍ମସି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟ୍ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ।

କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ହେଉଛି କର୍ଣ୍ଣାଟକର ୮୦ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ



ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପାଇଁ ରାଜ୍ୟପାଳଙ୍କୁ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ରାଜ୍ୟପାଳଙ୍କ ଅନୁମୋଦନ ପରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କେର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି ।

# ଓଡ଼ିଆ ଜନଜୀବନର ଆଲୋକ ବର୍ତ୍ତିକା ଥିଲେ ଜାନକୀବଲ୍ଲଭ

ଚୌଦ୍ୱାର (ସ.ବ୍ୟୁ.) : ରାଜ୍ୟର ରାଜନୀତି, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତାକୁ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ପ୍ରଭାବିତ କରିବାରେ ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ କୁଶଳୀ ବ୍ୟକ୍ତିତ୍ୱ । ଓଡ଼ିଆଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେଇ ସ୍ୱାବଲମ୍ବନଶୀଳ କରାଇବାରେ ଜାନକୀବାବୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ବୋଲି ଚୌଦ୍ୱାର ଠାରେ ଆୟୋଜିତ ସ୍ମୃତିସଭାରେ ମତପ୍ରକାଶ ପାଇଛି । ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ, ଚୌଦ୍ୱାର ଆନୁକୂଲ୍ୟରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସଂସଦର ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଓ.ଟି.ଏମ୍ କଲୋନୀସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସାର୍ବଜନୀନ ସ୍ମୃତିସଭା ଆୟୋଜିତ ହୋଇଥିଲା । ଏଥିରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରାକ୍ତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ବିଶିଷ୍ଟ ସାରସ୍ୱତ ସାଧକ ଡ.ଉଦ୍ଧବ ଚରଣ ନାୟକ ମୁଖ୍ୟବକ୍ତା ଓ ସ୍ୱନାମଧନ୍ୟ ସ୍ତମ୍ଭକାର ପ୍ରଫେସର ଅଭିରାମ ବିଶ୍ୱାଳ ବରେଣ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସଂସଦର ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ




ସାଧାରଣ ସଂପାଦକ ଆଇନଜୀବୀ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ । ଏହି ଅବସରରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ 'ଜାନକୀବଲ୍ଲଭ ସାରସ୍ୱତ ସମ୍ମାନ', ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ 'ଜାନକୀବଲ୍ଲଭ ଶିକ୍ଷା ସମ୍ମାନ', ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀଙ୍କୁ 'ଜାନକୀବଲ୍ଲଭ ସାମ୍ବାଦିକତା ସମ୍ମାନ' ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ୍ରିମସ ବିଶ୍ୱବିଦ୍ୟାଳୟର ଭାଇସ୍ ଚେୟାରମ୍ୟାନ୍ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପ ସଭାପତି ଶରତ କୁମାର ଖୁିଆ, ବିଜେପି ନେତା ବୈରାଗୀ ଚରଣ ପ୍ରଧାନ, ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି ଅଜୟ ମିଶ୍ର, ଯୁବନେତା ହରିଶଙ୍କର ରାଉତ, ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଂପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ଜିଲ୍ଲା କଂଗ୍ରେସର ଉପସଭାପତି, ଚୌଦ୍ୱାର ନଗର କଂଗ୍ରେସର ସଭାପତି ହରିହର ପରିଡ଼ା, ଡ୍ରିମସର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ଝୁମୁକ ସଂପାଦକ ମାନସ ରଂଜନ ସାମଲ, କାଉନସିଲର ଦିଲ୍ଲୀପ କୁମାର ଭୂୟାଁ, ଆଡ଼ଭୋକେଟ୍ ସରିତା ଦାସ, ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାହ୍ନୁଚରଣ ମହାନ୍ତି, ପ୍ରଶାନ୍ତ କୁମାର ପରିଡ଼ା, ଅକ୍ଷୟ କୁମାର ପୃଷ୍ଟି, ମୋନାଲିସା ଦାଶ, ବିଶ୍ୱଜିତ୍ ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ, ସେକ୍ ଖାଲିଦ୍ ଚାନ୍ଦ୍, ବିଶ୍ୱଜିତ୍ ସାହୁ, ଅଂଶୁମାନ ପ୍ରଧାନ, ବିନମ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ. ମମତା ସାହୁ, ଶିକ୍ଷୟିତ୍ରୀ ଗୀତିକା ସ୍ୱାଇଁ, ଆଡ଼ଭୋକେଟ୍ ରୀନା ମାନସିଂହ ମାନପତ୍ର ପାଠ କରିଥିଲେ । ଉପ ସଭାପତି ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ସଦନ ଆଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ବେଦପାଠ ଓ ମାତୃ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଶିଶୁ ନୃତ୍ୟଶିଳ୍ପୀ ଶର୍ମିଷ୍ଠା କର, ତନୁଷ୍କା କର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

# ସୁନ୍ଦର କଳାକୃତିର କାରିଗର ପ୍ରସ୍ତରଶିଳ୍ପୀ ପ୍ରତାପ

ଭୁବନେଶ୍ୱର (ସବ୍ୟୁ): ନିହାଣ ମୁନରେ ଜୀବନ୍ତ ଦେବ ଦେବୀରେ ରୂପାନ୍ତରିତ ହୁଅନ୍ତି ନିର୍ଜୀବ ପଥର ଖଣ୍ଡ। କଥା କୁହେ ତାଙ୍କ କଳାକାରିଗରି। କୌଳିକ ବୃତ୍ତିକୁ ଆପଣାଇ ଏପରି ସୁନ୍ଦର କଳାକୃତି ସୃଷ୍ଟି କରି ଚାଲିଛନ୍ତି ବଡଚଣା ବ୍ଲକ ପଳେଇ ପଞ୍ଚାୟତ ଶୁଖୁଆପଡା ଗ୍ରାମର ଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣା। ତାଙ୍କ ପିତା ପ୍ରେମାନନ୍ଦ ମହାରଣା ଜଣେ ସଫଳ ପ୍ରସ୍ତର ଶିଳ୍ପୀ ଥିଲେ। ପିତାଙ୍କ ପଦାଙ୍କ ଅନୁସରଣ କରି ସେ ଦୀର୍ଘ ୨୭ବର୍ଷ ଧରି ଏହି ପ୍ରସ୍ତର ଶିଳ୍ପ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଶୁଖୁଆପଡା ଗ୍ରାମର ବରିଷ୍ଠ ଶିଳ୍ପ ବିଜୟ ମହାଣା ହେଉଛନ୍ତି ତାଙ୍କ ଶିଳ୍ପୀ ଗୁରୁ। ଶିଳ୍ପୀ ଗ୍ରାମ ମାନ୍ୟତାପ୍ରାପ୍ତ ଶୁଖୁଆପଡାରେ ରହିଛି ତାଙ୍କର ମୂର୍ତ୍ତୀଶାଳା। ସେଠାରେ ନିହାଣ ମୁନରେ ଗୋଟାପଥର ସବୁକୁ କାଟି ତଥା ଖୋଦେଇ କରି ତାକୁ ବିଭିନ୍ନ ଆକୃତି ଦେଇଥାନ୍ତି। ପ୍ରଭୂ ଶ୍ରୀ ଗଣେଷ, ଗୌତମ ବୁଦ୍ଧ, ଶ୍ରୀକୃଷ୍ଣ, ହନୁମାନ ତଥା ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଗଢ଼ିବାରେ ସେ ବିଶେଷ ଦକ୍ଷତା ହାସଲ କରିଛନ୍ତି।



ଦେଶର ବଡ ବଡ ସହରର ବୃହତ ବ୍ୟବସାୟୀକ ଅନୁଷ୍ଠାନ ତଥା ଶିକ୍ଷା ଅନୁଷ୍ଠାନରେ ଶୋଭାପାଉଛି ତାଙ୍କ ହାତ ତିଆରି ମୂର୍ତ୍ତି। ରାଜ୍ୟ ତଥା ରାଜ୍ୟବାହାରେ ତାଙ୍କ ହସ୍ତନିର୍ମିତ ମୂର୍ତ୍ତିର ଚାହିଦା ରହିଛି। ନିଜ ଗ୍ରାମରେ ଥିବା ମୂର୍ତ୍ତି ଶାଳାରେ ଏବେ ୧୦ଜଣ ଯୁବ କାରିଗର ନିୟୋଜିତ ହୋଇ ରୋଜଗାର ପାଇବା ସହ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ଏକ୍ଷେତ୍ରରେ ଆହୁରି ଆଗକୁ ଯିବାକୁ ଲକ୍ଷ ରହିଛି ବୋଲି ଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣା କହିଛନ୍ତି।

# ଫେବ୍ରିକୋ ଡ୍ରାଏକ୍ଲିନର ପାଇଁ ସମସ୍ୟାରେ ପଡୁଛନ୍ତି ଗ୍ରାହକ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଝାରପଡା ଅଞ୍ଚଳରେ ଥିବା ଫେବ୍ରିକୋ ଡ୍ରାଏକ୍ଲିନର ପାଇଁ ସମସ୍ୟାରେ ପଡୁଛନ୍ତି ଗ୍ରାହକ । ଗୀତାଞ୍ଜଳି ବିଶ୍ୱାଳ ନାମକ ଜଣେ ଗ୍ରାହକ ୪ ହଜାର ଟଙ୍କାର ଏକ ଶାଢି ତାଙ୍କୁ ଧୋଇବାକୁ ଦେଇଥିବା ବେଳେ ତାକୁ ସେ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି । କ୍ଷତିପୂରଣ ବାବଦରେ ଗୀତାଞ୍ଜଳିକୁ ଆର୍ଥିକ ସାହାଯ୍ୟ କରିବା ପରିବର୍ତ୍ତେ ତାଙ୍କୁ ସେହି ଡ୍ରାଏକ୍ଲିନର କର୍ମଚାରୀ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି । ଗୀତାଞ୍ଜଳି ରୁଦ୍ଧିସୁନ୍ଦର ଅଗ୍ରୱାଲଙ୍କ ହାତରେ ଚଳିତ ମାସ ୬ ତାରିଖ ଦିନ ୪ ହଜାର ଟଙ୍କାର ଶାଢି ଧୋଇବା ପାଇଁ ଡ୍ରାଏକ୍ଲିନରକୁ ପଠାଇଥିଲେ । ନିର୍ଦ୍ଧାରିତ ସମୟ ୧୦ ତାରିଖ ଦିନ ଉଚିତ୍ ମୂଲ୍ୟ ଦେଇ ରୁଦ୍ଧିସୁନ୍ଦର ସେଠାରୁ ଶାଢିଟିକୁ ନେଇ ଗୀତାଞ୍ଜଳି ବିଶ୍ୱାଳଙ୍କୁ ଦେଇଥିଲେ । ପରଦିନ ଶାଢିକୁ ପିନ୍ଧିବା ପାଇଁ ଗୀତାଞ୍ଜଳି ଚେଷ୍ଟା କରିଥିବା ବେଳେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିଥିଲେ । ତାଙ୍କ କହିବା କଥା ନୂଆ ଶାଢିଟି ମାତ୍ର ଥରେ ପିନ୍ଧି ସେ ଧୋଇବାକୁ ଡ୍ରାଏକ୍ଲିନର ପଠାଇଥିଲେ । ଡ୍ରାଏକ୍ଲିନରଙ୍କୁ ଦୀର୍ଘ ଏକ ସପ୍ତାହ ଧରି ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ବିଭିନ୍ନ ପ୍ରକାର ବିଭ୍ରାନ୍ତିକର କଥା କହୁଛନ୍ତି । ହେଲେ ଶାଢିର କ୍ଷତିପୂରଣ ଦେବା ପାଇଁ ସେ ଚେଷ୍ଟା କରିନଥିଲେ । ତେଣୁ ଏହି ଡ୍ରାଏକ୍ଲିନର ଉପରେ କିପରି ଗ୍ରାହକମାନେ ଭରସା କରିବେ ବୋଲି ଗୀତାଞ୍ଜଳି ବିଶ୍ୱାଳ କହିଛନ୍ତି ।

# କେରଙ୍ଗରେ ସର୍ବଧର୍ମ ସମନ୍ୱୟବାର ଧର୍ମ ସମ୍ମିଳନୀ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ଅହମଦିୟା ମୁସଲିମ ମହିଳା ସଂଗଠନ ଲଜନାଇମାଉଲ୍ଲାଃ ପକ୍ଷରୁ ଏକ ସର୍ବଧର୍ମ ସମନ୍ୱୟବାର ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ର ସଭାନେତ୍ରୀ ଅମତୁଲ ହାଫିଜ ପୌରୋହିତ୍ୟ ରେ ମହିମୁଦାବାଦ ମହିଳା ସଂଗଠନର ସଭାନେତ୍ରୀ ତସ୍ଲୁରୁନ ନାଜେରିନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମୀଳନୀର ଶୁଭାରମ୍ଭ କୋରାନ ପାଠ ସହ କରାଯାଇଥିଲା। କୋରାନ ପାଠ କଲିମା ବେଗମ କରିଥିବା ବେଳେ ହଦିସ ପାଠ ନସିରା ବେଗମ କରିଥିଲେ। ଓଡ଼ିଆ ନଜମ ସଂଗୀତ ନସିମା ବେଗମ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଶମିମା ବେଗମ ଯୋଗଦେଇ ବିଶ୍ୱରେ ସ୍ଥାୟୀ ଶାନ୍ତି କିପରି ସ୍ଥାପନା କରାଯିବ , ସେ ବିଷୟରେ ମତାମତ ରଖିଥିଲେ। ଆଉ ଏକ ଓଡିଆ ନଜମ ସଂଗୀତ ଯାହାଁଆରା ବେଗମ ପଢିଥିବା ବେଳେ ଦ୍ୱିତୀୟ ବକ୍ତାଭାବେ ମହିଳା ସଭାପତି ହରିଜନ ସାହିର ମହିଳା ସଭାନେତ୍ରୀ ସର୍ବଧର୍ମ ସମନ୍ୱୟବାଦ ବିଷୟରେ ମତାମତ ରଖିଥିଲେ। ମୁଖ୍ୟ ଅତିଥି ମହିମୁଦାବାଦ ମହିଳା ସଙ୍ଗଠନର ସଭାନେତ୍ରୀ ତସ୍ଲୁରୁନ ନାଜେରିନ ସନ୍ତାନ ମାନଙ୍କର ଉଚିତ୍ ଶିକ୍ଷା- ଦିକ୍ଷା ବିଷୟରେ ମତାମତ ରଖିଥିଲେ। ଶେଷରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା।

# କୋଣାର୍କରେ ଏସ୍‌ଏସ୍‌ୟୁ ବିଦ୍ୟାର୍ଥୀମାନଙ୍କ ପରିବେଶ ସଚେତନତା

କଟକ, (ସ୍ୱପ୍ର):ବିଶ୍ୱ ଐତିହ୍ୟ ଦିବସ ଅବସରରେ ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ



ଏକ ନିଆରା ବାର୍ତ୍ତା ଯାଇଛି । ଏହି କ୍ରମରେ ବିଶ୍ୱବିଦ୍ୟାଳୟ ରୋଭର ଏବଂ ରେଞ୍ଜରୟୁନିଟ (ସ୍କାଉଟ୍) ପକ୍ଷରୁ ପ୍ରୋଜେକଫ ପଏଣ୍ଟ ତଥା ବିଶ୍ୱବିଦ୍ୟାଳୟ ଇକୋ କ୍ଲବ୍ ସହଯୋଗରେ ପୁରୀ ଜିଲ୍ଲା କୋଣାର୍କ ଠାରେ ଏକ ଦିନିକିଆ ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ ହୋଇଛି । ଚନ୍ଦ୍ରଭାଗା ଉପକୂଳରେ ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୫୦ କେଜି ପ୍ଲାଷ୍ଟିକ୍ ଆବର୍ଜନା ଠୁଳ କରି ନଷ୍ଟ କରାଯାଇଥିଲା । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଲକ୍ଷ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ବିଦ୍ୟାର୍ଥୀମାନେ ସ୍ଥାନୀୟ ବ୍ୟବସାୟୀଙ୍କୁ ବୁଝାଇବା ସହ ସେମାନଙ୍କୁ ପ୍ଲାଷ୍ଟିକ ଜରି ବଦଳରେ କପଡ଼ା ବ୍ୟାଗ୍ ଏବଂ କାଗଜ ଠୁଙ୍ଗା ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ସେମାନେ "କ୍ଲିନ୍ ବିଚ୍, ଗ୍ରୀନ୍ ବିଚ୍' ନାରାଦେଇ ଏକ ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ । ପ୍ରୋଜେକଫ ପଏଣ୍ଟ ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ, ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ବିକ୍ରମ ସାମନ୍ତରାୟ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଏଥିସହ ଏସଏସୟୁ ପ୍ରତିନିଧିମଣ୍ଡଳୀ କୋଣାର୍କ ସ୍ଥିତ ପିଏମ୍‌ଶ୍ରୀ ଏସଏସଡି ବିଦ୍ୟାଳୟ ପରିଦର୍ଶନ କରି ସାଂସ୍କୃତିକ ଭାବ ଆଦାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରାଧ୍ୟାପକ (ଡ.) ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଏବଂ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ (ଡ.) ଜୟପ୍ରକାଶ ଭଟ୍ଟ ପ୍ରମୁଖ ଆୟୋଜକ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# କମୁନି ଗ୍ରୀଷ୍ମ ତାତି, ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ୨୭ ପର୍ଯ୍ୟନ୍ତ ପୁଣି ବନ୍ଦ ଘୋଷଣା

କଟକ, (ସବ୍ୟୁ):ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ପୁଣି ବନ୍ଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିର୍ଦ୍ଦେଶ ଅନୁସାରେ ଚଳିତ ଅପ୍ରେଲ ମାସ ୨୪, ୨୫ ଓ ୨୭ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଅନ ଲାଇନ କ୍ଲାସ କରିପାରିବେ ବୋଲି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ। ତେବେ, ପୂର୍ବନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

### ସିସୋର୍ ଚିଟ୍‌ଫଣ୍ଡ ଠକେଇ ମାମଲା

# ପୁଣି ହାଇକୋର୍ଟରେ ପ୍ରଭାତ ବିଶ୍ୱାଳ, ସିବିଆଇ ରଖିବ ଜବାବ, ଜୁନ ୨୩ ରେ ପରବର୍ତ୍ତୀ ଶୁଣାଣୀ

କଟକ,(ସବ୍ୟୁ): ସିସୋର୍ ଚିଟ୍‌ଫଣ୍ଡ ଘଟଣାରେ ସିବିଆଇ ପକ୍ଷରୁ ରୁଜୁ ମାମଲାକୁ ରଦ୍ଦ ପାଇଁ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ । ଆଜି ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସିବିଆଇକୁ ଜବାବ ଦାଖଲ ଲାଗି ନୋଟିସ୍ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍. କେ. ପାଣିଗ୍ରାହୀ ସିବିଆଇକୁ ନୋଟିସ୍ କରି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ୍ ୨୩ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସିସୋର୍ ଚିଟ୍‌ଫଣ୍ଡ ଘଟଣାରେ ପ୍ରଭାତ ବିଶ୍ୱାଳଙ୍କ ସମ୍ପୃକ୍ତିକୁ ନେଇ ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ସିବିଆଇ ଶ୍ରୀ ବିଶ୍ୱାଳଙ୍କୁ ଗିରଫ ମଧ୍ୟ କରିଥିଲା । କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ଶ୍ରୀ ବିଶ୍ୱାଳ ଏସ୍‌ସିବିରେ ଦୀର୍ଘଦିନ ଚିକିତ୍ସିତ ହେବା ସହ ପରେ ଜାମିନ୍‌ରେ ମୁକୁଳିଥିଲେ। ଏହି ଘଟଣାରେ ସିବିଆଇ ମାମଲା ରଦ୍ଦ ପାଇଁ ଶ୍ରୀ ବିଶ୍ୱାଳ ଦୁଇବର୍ଷ ତଳେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଚାର୍ଜପ୍ରେମ୍ ହେବାର ବର୍ଷକ ଭିତରେ ନିମ୍ନ ଅଦାଲତରେ ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିବାବେଳେ ନିମ୍ନ ଅଦାଲତରେ ମାମଲାର ଶୁଣାଣି ବିଶେଷ ଆଗେଇ ପାରିନାହିଁ । ଫଳରେ ସିବିଆଇ ପକ୍ଷରୁ ରୁଜୁ ମାମଲାକୁ ରଦ୍ଦ ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ଆଜି ଏହି ମାମଲାର ପ୍ରଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ବିଶ୍ୱାଳଙ୍କ ପକ୍ଷରୁ ଆଇନଜୀବୀ ହେମନ୍ତ କୁମାର ମୁଣ୍ଡ ମାମଲା ପରିଚାଳନା କରୁଛନ୍ତି।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ନିଷ୍ଟ୍ ବିଟେକ୍, ଏମସିଏ, ବିଏସସି ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ଗୋଲନ୍ଥରା ସ୍ଥିତ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଆୟୋଜିତ ହୋଇଯାଇଛି । ଏନେଇ କାର୍ଯ୍ୟକ୍ରମକୁ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଭାରପ୍ରାପ୍ତ କୁଳପତି ଡ଼. ପି. ରାଜେଶ କୁମାର ଛାତ୍ରଛାତ୍ରୀଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ ।

ସେହିପରି ବିଓଏ ସଦସ୍ୟ ଇଂ. ଅରୁଣ କୁମାର ରଥ ଛାତ୍ରଛାତ୍ରୀ ମାନଙ୍କୁ ଯୁଗୋପଯୋଗୀ ହେବା ସହ ଜୀବନରେ ସର୍ବଦା ଖୁସି ଅନୁଭବ ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଶେଷ ବର୍ଷ ସଂଯୋଜକ ଡ଼. ସନ୍ତୋଷ କର ଏବଂ ଏମସିଏ ସଂଯୋଜକ ଡ଼. ପ୍ରଦୀପ କୁମାର ଜେନା ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ଶିକ୍ଷାକୁ ଭବିଷ୍ୟତରେ ସଦୁପଯୋଗ କରି ସୁନାମ ଅର୍ଜନ ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ କୁଳସଚିବ ବିଷ୍ଣୁଙ୍କର ନାୟକ, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଡ଼. ବ୍ରଜ କିଶୋର ମିଶ୍ର, ଡ଼. ରାଜେଶ ପାଟଜୋଷୀ, ଡ଼. ସିମାଞ୍ଚଳ ପାଣିଗ୍ରାହୀ, ଡ଼. ସଂଜିତ କୁମାର ଆଚାର୍ଯ୍ୟ, ଡ଼ ସୋରେନ ମିଶ୍ର, ଡ଼. ଦୁର୍ଯୋଧନ ସାହୁ , ଡ଼. ସବ୍ୟସାଚୀ ରଥ, ଡ଼. ବରଦା ପ୍ରସାଦ ସେଠି, ପରୀକ୍ଷା ନିୟନ୍ତ୍ରକ ଡ଼. ସ୍ୱାଧୀନ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ର. ପୁର୍ନେନ୍ଦୁ ମିଶ୍ର, ଡ଼. ହରିକୃଷ୍ଣ ଗନ୍ତାୟତ, ଆଲୁମ୍ନି ସଂଯୋଜକ ପ୍ର. ମିଟୁ ବରାଳ, ପ୍ର ସରୋଜ ପାଢ଼ୀ, ପ୍ର ପିତାମ୍ବର ସାହୁ, ସୁରେଶ ମହାପାତ୍ର, ମୁନା ମହାନ୍ତି, ସନ୍ତୋଷ କୁମାର ନାୟକ, ଚିନି ନରେଶ, ବାସୁଦେବ ପାଢୀ, ଡାଂବୁରୁ ଧର ସେଠି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଅନ୍ତିମ ବର୍ଷର ଛାତ୍ର ଛାତ୍ରୀମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ସହ ମାର୍ଗଦର୍ଶନ କରିଥିବାରୁ ଅନୁଷ୍ଠାନରର ଅଧାପକ ଅଧାପିକାଙ୍କୁ କୃତଜ୍ଞତା ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମକୁ ଶିବମ ସାସମାଲ ଏବଂ ଧରିତ୍ରୀ ପରିଚାଳନା କରିଥିବା ବେଳେ ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ. ପ୍ରୀତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କ ଫଟୋ ସୋସିଆଲ ମିଡ଼ିଆରେ ପ୍ରଘଟ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ସୋସିଆଲ ମିଡିଆ ପ୍ଲାଟଫର୍ମରେ ଜଣେ ମହିଳାଙ୍କ ବ୍ୟକ୍ତିଗତ ଫଟୋ ତାଙ୍କ ସମ୍ମତି ବିନା ପ୍ରସାରିତ କରି ପରେ ଧମକ ଏବଂ ଆର୍ଥିକ ଆଦାୟ ଚେଷ୍ଟା କରୁଥିବା ଜଣେ ଯୁବକଙ୍କୁ ବ୍ରହ୍ମପୁର ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଗିରଫ କରିଛି ।

ଅଭିଯୁକ୍ତ ହେଉଛନ୍ତି ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡିର ସୁମନ୍ତ ନାହାକ (୨୮ ବର୍ଷ) । ଘଟଣାରେ ବ୍ୟବହୃତ ମୋବାଇଲ ଜବତ ହୋଇଛି । ମାମଲା ନଂ ୩୦/୨୬ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଜନୈକା ମହିଳାଙ୍କର ଗୋପନୀୟ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ । ଏହା ପୂର୍ବରୁ ୧୧ ଏପ୍ରିଲରେ ବୈଦ୍ୟନାଥପୁର ପୋଲିସ ଷ୍ଟେସନରେ ଏକ ସମାଧାନ ହୋଇଥିଲା ଏବଂ ଅଭିଯୁକ୍ତ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ।

କିନ୍ତୁ ମାତ୍ର ଦୁଇଦିନ ପରେ ଅର୍ଥାତ ୧୩ ଏପ୍ରିଲରେ ସେ ପୁଣି ହ୍ୱାଟ୍ସଆପ୍ ମାଧ୍ୟମରେ ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପୀଡିତା ୨୦ ଏପ୍ରିଲରେ ବ୍ରହ୍ମପୁର ସାଇବର ପୋଲିସ ଷ୍ଟେସନରେ ଲିଖିତ ଅଭିଯୋଗ କରିଥିଲେ ।

## ପ୍ଲଟ ବ୍ୟବସାୟୀ ଅପହରଣ କରି ହତ୍ୟା ମାମଲାର ପର୍ଦ୍ଦାଫାସ୍

# ପୁତୁରା ଝିଆରୀ, ପ୍ରେମିକ ସମେତ ୯ ଗିରଫ




ବ୍ରହ୍ମପୁର, (ସବ୍ୟୁ) : ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲିରୁ ପ୍ଲଟ ବ୍ୟବସାୟୀ ସୁଧୀର କୁମାର ପାତ୍ର (୪୭)ଙ୍କୁ ଅପହରଣ ପରେ ପିଟିପିଟି ହତ୍ୟା କରିଥିବା ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି । ପୋଲିସ ପ୍ରଥମେ ମୃତ ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ମୋବାଇଲକୁ ଆସୁଥିବା ଅନ୍ୟମାନଙ୍କ କଲ ଡିଟେଲ ଯାଞ୍ଚ କରି ସୁରାଗ ପାଇଥିଲା । ପରେ ତାଙ୍କୁ ଜେରା ବେଳେ ସେ ତାଙ୍କ ଦାଦା ସୁଧୀରଙ୍କୁ ଅପହରଣ ପାଇଁ ତାଙ୍କ ପୁରୁଷବନ୍ଧୁ ସହାୟତାରେ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜଣାପଡିଥିଲା । ତାଙ୍କରି ବୟାନ ଆଧାରରେ ପୋଲିସ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରର ସଫଳ ହୋଇଥିଲା ।

ଅଭିଯୁକ୍ତ ମାନଙ୍କ ମଧ୍ୟରେ ରହିଛି ମାଷ୍ଟରମାଇଣ୍ଡ ମୃତ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର (୨୩) ତାଙ୍କ ଭାଇ ତୁଷାର କୁମାର ପାତ୍ର, (୧୯), ନିବେଦିତା ପୁରୁଷ ବନ୍ଧୁ ଗାଙ୍ଗପୁର ଥାନା କାଳିଆଗୁଡ଼ ଅଞ୍ଚଳର କାଳିଆ ଓରଫ କାଲୁ ଚରଣ ପ୍ରଧାନ(୨୮), ବୁଗୁଡା ଥାନା ଅନ୍ତର୍ଗତ ବି. ବ୍ରହ୍ମପୁର ଟିଲୁ ଓରଫ ଆଶିଷ ମହାପାତ୍ର(୨୫), ବୁଗୁଡାର ନାରାୟଣ ପ୍ରଧାନ(୨୮), ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇ ନଗରର ଶୁଭମ ନାୟକ(୨୦), ଶୁଭମ ଗୌଡ଼(୨୦), ଉତ୍ତରପ୍ରଦେଶ ବାରଣାସୀର ସୂର୍ଯ୍ୟ ପ୍ରତାପ ସିଂ(୨୮) ଓ ହିଂଜିଳିକାଟୁ ଥାନା ଅନ୍ତର୍ଗତ ଆଲିପୁର ଜିତୁନ୍ ପଲେଇ (୩୩) । ଅଭିଯୁକ୍ତ ମାନେ ଏହି ଘଟଣାରେ ବ୍ୟବହୃତ କରିଥିବା ଦୁଇଟି କାର ପୋଲିସ ଜବତ କରିଛି ।

ସେହିପରି ଘଟଣାବେଳେ ବ୍ୟବହୃତ ବନ୍ଧୁକ, ମେଗାଜିନ, ଦୁଇଟି ଗୁଳି, ୧୫ ଟି ମୋବାଇଲ ମଧ୍ୟ ଜବତ କରିଛି । ଜେରା ବେଳେ ନିବେଦିତା ପାତ୍ର ତାଙ୍କ ଦାଦା ସୁଧୀର ପାତ୍ର ଅପହରଣ ପରେ ଦୁଇ କୋଟି ମୁଣ୍ଡ ଜାମିନ ରଖି ପରେ ହତ୍ୟା କରାଯାଇଥିବା ଘଟଣାର କିଙ୍ଗପିନ ବୋଲି ପୋଲିସ ସ୍ପଷ୍ଟ କରିଛି । ନିବେଦିତାଙ୍କ ବାପା ମନୋଜ ପାତ୍ରଙ୍କ ୪୯ ବର୍ଷରେ କିଛିମାସ ତଳେ ମୃତ୍ୟୁ ଘଟିଥିଲା । ବାପାଙ୍କୁ ତାଙ୍କ ଦାଦା ସୁଧୀର ଗୁଣି କରି ମାରିଥିବା ତାଙ୍କର ସନ୍ଦେହ ହୋଇଥିଲା । ସେହିପରି ପ୍ଲଟ ବ୍ୟବସାୟରେ ତାଙ୍କ ବାପାଙ୍କ ଅଂଶଧନ ରହିଥିବା ବେଳେ ମୃତ୍ୟୁ ପରେ ଦାଦା ସୁଧୀର ସେମାନଙ୍କୁ ପ୍ଲଟ ବିକ୍ରି କରି ସେ ବାବଦକୁ କୌଣସି ଟଙ୍କା ପୈଠ କରୁନଥିଲେ । ଯାହାକୁ ନେଇ ପୁଞ୍ଜିଭୁତ ଅଶାନ୍ତି ଉଭୟ ପରିବାର ମଧ୍ୟରେ ଲାଗି ରହୁଥିଲା । ନିବେଦିତା ତାଙ୍କ ମା ଓ ଭାଇ ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ ଅନ୍ଧପସରା ରୋଡରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିଲେ । ପୁଞ୍ଜିଭୁତ ଅଶାନ୍ତରୁ ନିବେଦିତା ତାଙ୍କ ପୁରୁଷବନ୍ଧୁଙ୍କ ସହାୟତା ନେଇଥିଲେ । ପରେ ଅପହରଣ ପାଇଁ ସୁପାରି ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି । ସୁଧୀରଙ୍କୁ ଗତ ୧୫ ତାରିଖ ବିଳମ୍ବିତ ରାତ୍ର ପ୍ରାୟ ୪ରୁ ୫ ଟା ସମୟ ମଧ୍ୟରେ ବୁଗୁଡା ନିକଟରେ ଥିବା ରାମପାଦ ମନ୍ଦିର ନିକଟରେ ପିଟିପିଟି ହତ୍ୟା କରାଯାଇଥିଲା ।

ସକାଳ ହେଲେ ଧରାପଡିଯିବା ଭୟରେ ଅଭିଯୁକ୍ତ ମନେ ଉକ୍ତ ମୃତଦେହ କାର ଡିକି ଭିତରେ ରଖି ସୋରଡା ଥାନା ଅନ୍ତର୍ଗତ ଗଜଳବାଡି ନିକଟ ରସିପଙ୍କାଳ କେନାଲ କଡରେ ପକାଇ ଦାରିଙ୍ଗିବାଡି ହୋଇ ବାଲିଗୁଡା ଯାଇଥିଲେ । ସେଠାରେ ତାଙ୍କ ଗାଡି ଖରାପ ହୋଇଯାଇଥିବା ବେଳେ ତାହା ସଜାଡ଼ିବା ପରେ ସେମାନେ ସୁରାଟ ଚାଲିଯାଇଥିଲେ । ଘଟଣାରେ ଦୁଇଟି କାର ବ୍ୟବହାର ହୋଇଥିଲା । ଗୋଟିଏ ଖରାପ ହୋଇଯିବା ପରେ ସେଠାରୁ ଅନ୍ୟଏକ କାରରେ ସେମାନେ ଯାଇଥିଲେ । ଆଜି ଗୋପାଳପୁର ଥାନା କେସ ନଂ ୨୧୩ /୨୬ ରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

କୋର୍ଟ ନିର୍ଦ୍ଦେଶରେ ଉକ୍ତ ୯ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଧିକ ତଥ୍ୟ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ ଏସପି ସୁବେନ୍ଦୁ ପାତ୍ର, ବ୍ରହ୍ମପୁର ଏଏସପି ଆଲୋକ ଜେନା ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଗୋପାଳପୁର ଥାନାଧିକାରୀ ସତ୍ୟରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ବାର୍ଷିକ ମେଡିକାଲ୍ ପ୍ରଦର୍ଶନୀ ଇନୋଭେଟିଆ ୧.୦ ଆୟୋଜିତ

ବାରିପଦା, (ସବ୍ୟୁ) : ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ପରିସରରେ, ଇନୋଭେଟିଆ ୧.୦ ନାମକ ବାର୍ଷିକ ମେଡିକାଲ୍ ପ୍ରଦର୍ଶନୀ ସଫଳତାର ସହ ଆୟୋଜିତ ହୋଇଯାଇଛି । ପିଆରଏମ୍ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ଛାତ୍ରସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉକ୍ତ କଲେଜର ଡିନ୍ ଓ ପ୍ରିନ୍ସିପାଲ୍, ପ୍ରୋଫେସର୍ ଡ଼ଃ ବ୍ରଜ କିଶୋର ଦାଶ ଉଦଘାଟନ କରିଥିଲେ । ଏହି ଅବସରରେ ଡଃ ଦାଶ ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କର ବୈଜ୍ଞାନିକ ଚେତନାକୁ ଉତ୍ସାହିତ କରିବା ସହିତ ସାଧାରଣ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବାରେ ମୂଲ୍ୟବାନ ଭୂମିକା ଗ୍ରହଣ କରିଛି ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି । ଏହି ପ୍ରଦର୍ଶନୀରେ ଏମବିବିଏସ ପ୍ରଥମ ବର୍ଷରୁ ଚତୁର୍ଥ ବର୍ଷର ଛାତ୍ରଛାତ୍ରୀମାନେ ମୋଟ୍ ୨୭ଟି ପ୍ରଦର୍ଶନୀ ମଡେଲ୍ ପ୍ରସ୍ତୁତ କରିଥିଲେ । ଏଥିରେ ଦଉଡିରେ ଝୁଲିବା କେସ୍ (ଫାଶୀ), ସାପ କାମୁଡ଼ା, ହୃଦୟର କାର୍ଯ୍ୟପ୍ରଣାଳୀ, ଶ୍ୱାସ-ପ୍ରଶ୍ୱାସ ଯନ୍ତ୍ରଣା, ପଲିସିଷ୍ଟିକ ଓଭାରିୟାନ ସିଣ୍ଡ୍ରୋମ, ଉଚ୍ଚସ୍ଥାନ ଓ ଗଭୀର ସମୁଦ୍ରର ଶାରୀରିକ ବିଜ୍ଞାନ, ଭିଟାମିନ (ଏସିଡି), ଡାଏବେଟିସ୍ ଓ ମୋଟାପାରେ ପୋଷଣ, ଅଂଶୁଘାତ, ଫୁସଫୁସ ସମ୍ବନ୍ଧୀୟ ଟିବି, ଏନିମିଆ, ନିରନ୍ତର ସକରାତ୍ମକ ବାୟୁ ଚାପ (ସିପିଏପି), ହୃଦ୍-ଫୁସଫୁସ ପୁନର୍ଜୀବନ (ସିପିଆ)ର୍, ଶରୀର ବସ୍ତୁ ସୂଚକାଙ୍କ (ବିଏମାଇ) ଓ ବ୍ଲଡ୍ ପ୍ରେସର୍ ମାପନ ଇତ୍ୟାଦି ସମ୍ପର୍କିତ ଶିକ୍ଷାମୂଳକ ମଡେଲ୍ ପ୍ରଦର୍ଶନ କରାଯାଇଥିଲା । ଉକ୍ତ ପ୍ରଦର୍ଶନୀକୁ ବାରିପଦାର ବିଭିନ୍ନ ସ୍କୁଲ୍ ଓ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ପରିଦର୍ଶନ କରି ଜ୍ଞାନ ଅର୍ଜନ କରିଥିଲେ । ଏଥିରେ ବିଜେତାମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ, ପ୍ରୋଫେସର ଡ଼ଃ ଇନ୍ଦ୍ରାଣୀ ମହାନ୍ତି ମାର୍ଗଦର୍ଶନରେ ହୋଇଛି । ଏଥିରେ ଛାତ୍ରସଂଘର କାର୍ଯ୍ୟକର୍ତ୍ତା ତଥା ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସଫଳ କରିଥିଲେ ।

# ବିଜେପି ମହିଳା ବିରୋଧୀ : କଂଗ୍ରେସ

ଭଞ୍ଜନଗର, (ସବ୍ୟୁ) : ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି । ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କେନ୍ଦ୍ର ସରକାର ଜାଣିଶୁଣି ଏଭଳି ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ମହିଳା ବିଲ୍ ସଂସଦରେ ଆଗତ କରିଥିଲା । ବିଲ୍ ଖାରଜ ହେବା କଥା ବିଜେପି ଆଗରୁ ଜାଣିଥିଲା । ୨୦୨୩ରେ ଥରେ ଏନେଇ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିବାବେଳେ ଏବେ ପୁଣିଥରେ ଏନେଇ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା କଣ ଜରୁରୀ ବୋଲି ରାଜ୍ୟ କଂଗ୍ରେସ ବରିଷ୍ଠ ଉପସଭାପତି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରଶ୍ନ କରିଛନ୍ତି ।

ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯ ମସିହାରେ ସଂସଦରେ ଐତିହାସିକ ବିଲ୍ ଆଣି ପଞ୍ଚାୟତରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ୨୦୨୧ ରେ କଂଗ୍ରେସ ପକ୍ଷରୁ ସଂସଦରେ ଆଗତ ମହିଳା ବିଲ୍ ରାଜ୍ୟସଭାରେ ପାରିତ ହୋଇଥିଲା । କଂଗ୍ରେସ ସବୁବେଳେ ମହିଳାଙ୍କୁ କ୍ଷମତା ଦେବାକୁ କସରତ କରି ଆସିଛି । କିନ୍ତୁ ବିଜେପି ସରକାର କେବଳ ଭୋଟ କୈନ୍ଦ୍ରିକ ଚିନ୍ତାଧାରା ଆପଣାଇ ମହିଳାଙ୍କ ପାଇଁ ଆଖିରେ ଲୁହ ନଥାଇ କାନ୍ଦୁଛି । ଯାହା ଦେଶବାସୀ ଜାଣି ସାରିଲେଣି ବୋଲି କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଦଳ ପକ୍ଷରୁ ଜିଲ୍ଲା ସଭାପତି ବି. ଦଣ୍ଡପାଣି ପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବରିଷ୍ଠ କଂଗ୍ରେସ ନେତା ରାଜ୍ୟ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ରହି ବିଜେପି ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

## ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବିରୋଧ

# ପ୍ରତିବାଦରେ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା




ବାରିପଦା, (ସବ୍ୟୁ) : ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବିରୋଧ କରି କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯିବା ସହ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆରମ୍ଭ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ବିରୋଧୀ ଦଳ ତଥା କଂଗ୍ରେସ ପକ୍ଷରୁ ୧୭ତାରିଖରେ ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍‌କୁ ବିରୋଧ କରିଥିବାରୁ ନାରୀଙ୍କ ସ୍ୱପ୍ନ ଓ ସାମ୍ବିଧାନିକ ଅଧିକାର ଉପରେ ଆଘାତ ହୋଇଥିବା ନେଇ ବିଜେପି ପକ୍ଷରୁ ଏହି ପଦଯାତ୍ରା ଆରମ୍ଭ କରାଯାଇଛି। ଏହି ପଦଯାତ୍ରାରେ, ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ଦଳ ଯେଉଁ ଉତ୍ସବ ପାଳନ କରୁଛନ୍ତି, ତାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ ଏବଂ ଦେଶବାସୀ ଏହାକୁ କେବେହେଲେ କ୍ଷମା ଦେବେ ନାହିଁ ବୋଲି ବିଜେପି ପକ୍ଷରୁ ନାରା ଦିଆଯାଇଥିଲା।

ଏହି ପଦଯାତ୍ରା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୁରୋଜ ଲୋହାରଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ସୁଧୀର ଦ୍ୱିବେଦୀ, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶ୍ରୀତମ ରାଜ ସାହା ଏବଂ ଯୁବ ମହିଳା ନେତ୍ରୀ ସୃଷ୍ଟି ହୋତାଙ୍କ ଉପସ୍ଥିତିରେ ରାଜା ବିନ୍ଧାଣୀ, ପୀୟୂଷ କୁମାର ଜେନା, ଲଳିତ ମଣ୍ଡଳ, ଛତିଶ ମହାନ୍ତ, ସୁବ୍ରତ ମୁଖୀ, ରତିକାନ୍ତ ଦାସ, ମାନସ ବେହେରା, ସୌମ୍ୟ ରଂଜନ ସାହୁ, ରାକେଶ କୁମାର ମହାନ୍ତ, ଶିଶିର କୁମାର ବେହେରା, ଶୁଭମ୍ ପାତ୍ର, ରଘୁନାଥ ବିନ୍ଧାଣୀ, ସୁନିଲ୍ ମହାପାତ୍ର ହିମାଂଶୁ ବେହେରା, ଚନ୍ଦନ ପାତ୍ର, ପାୟଲ ଶତପଥୀ ଓ ଝୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନ ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତର ପର୍ଯ୍ୟନ୍ତ ବ୍ୟାପିବ ଏବଂ ମହିଳାମାନଙ୍କ ସାମ୍ବିଧାନିକ ସମ୍ମାନ ପାଇଁ ବିଜେପି ଲଢେଇ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

# ବିଶ୍ୱ ମ୍ୟାଲେରିଆ ଦିବସ ସପ୍ତାହ

ବାରିପଦା, (ସବ୍ୟୁ) : ଜିଲ୍ଲାସ୍ତରୀୟ ମ୍ୟାଲେରିଆ ନିରାକରଣ ପାଇଁ ଆନ୍ତଃ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳରେ ନାଳ ସଫା, କୀଟନାଶକ ସିଞ୍ଚନ ସମେତ ସମସ୍ତ ଅଞ୍ଚଳର ଜନସାଧାରଣମାନଙ୍କ ମଧ୍ୟରେ ମଶାରୀ ବ୍ୟବହାର କରିବା ପାଇଁ ସଚେତନତା ଅଭିଯାନ କରିବାକୁ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାପାଳ ଶ୍ରୀ ସୟ୍ ଘର ଘର ବୁଲି ସମସ୍ତ ଜ୍ୱର ରୋଗୀଙ୍କୁ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା, ଶୋଇଲା ବେଳେ ମଶାରୀ ଟାଙ୍ଗି ଶୋଇବା, ଏବଂ ପ୍ରତ୍ୟେକ ମ୍ୟାଲେରିଆ ରୋଗୀକୁ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରିବା ପାଇଁ ତୃଣମୂଳ ସ୍ତରରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀଠୁ ଆରମ୍ଭ କରି ମେଡିକାଲ ଟିମ୍ ସଭିଏଁ ଦଳ ଭିତ୍ତିକ କାର୍ଯ୍ୟ କରିବାକୁ ନିଜ ଅଭିଭାଷଣରେ ମତପ୍ରକାଶ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିଶ୍ୱନାଥ ଦାସ ଯଥାଶୀଘ୍ର ରୋଗ ଚିହ୍ନଟ କରି ସମ୍ପୂର୍ଣ୍ଣ ଚିକିତ୍ସା କରିବା କରିବା ସହିତ ପରୀକ୍ଷାଗାର ଟେକ୍ନିସିଆନମାନେ ଉଚିତ୍ ସମୟରେ ରକ୍ତ କାଚରେ ମଇକ୍ରୋସ୍କୋପି ସହାୟତାରେ ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ବିଜୟ କୁମାର ଦାସ, ସମସ୍ତେ ମଶାରୀ ବ୍ୟବହାରକୁ ସୁନିଶ୍ଚିତ କରିବା, ମ୍ୟାଲେରିଆ ରୋଗୀର ରକ୍ତ ପରୀକ୍ଷା ପ୍ରତି ଯନିବାନ ହେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ କରିଥିଲେ । ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ମ୍ୟାଲେରିଆ ରୋଗ ବିରୋଧରେ ଲଢିବା ନିମନ୍ତେ ଶପଥ ପାଠ କରିଥିଲେ । ଉକ୍ତ ସଭାରେ ଜିଲା ଭିକେଫାର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାଓ୍ୱାର ପଏଣ୍ଟ ପ୍ରେଜେନଟେସନ ମାଧ୍ୟମରେ ଜିଲ୍ଲାର ମ୍ୟାଲେରିଆ ଓ ଡେଙ୍ଗୁର ସ୍ଥିତି ଏବଂ ମ୍ୟାଲେରିଆ ଏବଂ ଡେଙ୍ଗୁର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଡିନ୍ ଡାଃ ବ୍ରଜକିଶୋର ଦାସ, ଜିଲ୍ଲା ମୂଖ୍ୟ ଚିକିତ୍ସକ ଡାଃ ଶଶୀକାନ୍ତ ସେଠି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁବାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାଃ ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ, ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥିତ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧିଙ୍କ ବିରୁଦ୍ଧରେ ବାଲିପଦର ଗ୍ରାମବାସୀବୃନ୍ଦଙ୍କ ପକ୍ଷରୁ ଅଣାଯାଇଥିବା ଦୁର୍ନୀତି ଅଭିଯୋଗକୁ ନେଇ ଓଡିଶା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ପ୍ରକଳ୍ପ ଅଧିକାରୀ, ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ, ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାଯାଇଛି ।

ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି ଯେ, ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କୁ ଦୀର୍ଘ ତିନି ମାସ ହେଲା ମଧ୍ୟାହ୍ନ ଭୋଜନ ଦିଆଯାଉନାହିଁ ଏବଂ ଗଚ୍ଛିତ ବସ୍ତାବସ୍ତା ମଧ୍ୟାହ୍ନ ଭୋଜନ ଚାଉଳକୁ ବଜାର ଦରରେ ବିକ୍ରି କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମସୁଧା ଚଳାଇଛନ୍ତି । ଏଥି ସହ କଳା, କ୍ରୀଡା ଓ ହିନ୍ଦୀ ବିଷୟରେ ଶିକ୍ଷୟିତ୍ରୀ ପରିବର୍ତ୍ତେ ଶିକ୍ଷକ ଏବଂ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଜାଲ ନିଯୁକ୍ତି ଦେବା ସହ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ନିୟମିତ ହୋଇପାରିନଥିବା ଶିକ୍ଷୟିତ୍ରୀମାନଙ୍କଠାରୁ ସେମାନଙ୍କ ପଦବୀ ଅନୁମୋଦନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଆତ୍ମସାତ କରୁଛନ୍ତି ।

ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଆୟବ୍ୟୟ ହିସାବ କାହାରିକୁ ଦେଖାଉନାହାନ୍ତି ଏବଂ ସେ ବିଦ୍ୟାଳୟର ଗଛଗୁଡ଼ିକୁ କାଟି ବିକ୍ରି କରିବା ସହ ପୂର୍ବରୁ ହୋଇଥିବା ଫାଇଭ-ଟି କାର୍ଯ୍ୟର ବିଭିନ୍ନ ସାମଗ୍ରୀ ମଧ୍ୟ ବଜାରରେ ବିକ୍ରି କରିଛନ୍ତି । ଏଣୁ, ୧୯୯୦ ମସିହାରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନ ଏବଂ ଏହାର ଶିକ୍ଷାର୍ଥୀଙ୍କ କଲ୍ୟାଣକଳ୍ପେ ସମ୍ପୃକ୍ତା ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଗ୍ରାମବାସୀଙ୍କ ପକ୍ଷରୁ ଅଣାଯାଇଥିବା ଏଭଳି ଗୁରୁତର ଦୁର୍ନୀତି ଅଭିଯୋଗ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସତ୍ୟାସତ୍ୟ ଆଧାରରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ତେବେ ଗ୍ରାମବାସୀଙ୍କ ଅଭିଯୋଗ ପରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ଓ ଏବିଇଓ ଅମିତା କୁମାରୀ ପାଢୀ ଗତ ୨୧ ତାରିଖରେ ବାଲିପଦର ଗାର୍ଲସ୍ ହାଇସ୍କୁଲକୁ ପର୍ଯ୍ୟବେକ୍ଷଣରେ ଯାଇ ଫେରିଥିବା ବେଳେ ସମ୍ପୃକ୍ତା ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ରତିକ୍ରିୟାରେ ଅଭିଯୋଗ ଗୁଡ଼ିକୁ ଭିତ୍ତିହୀନ ଦର୍ଶାଇ ଖଣ୍ଡନ କରିଛନ୍ତି ।

# ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



କଟକ, (ସ୍ୱପ୍ର) : ମହାନଦୀବିହାର ସ୍ଥିତ ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର ସପ୍ତବିଂଶତମ ବାର୍ଷିକ ଉତ୍ସବ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦ ଦ୍ୱାରା ପ୍ରତିଷ୍ଠିତ ଏବଂ ପରିଚାଳିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରତ୍ୟେହ ସ୍କନ୍ଦପୁରାଣ ପାଠ କରାଯିବା ସହ ପ୍ରଥମ ଦୁଇଦିନର ସଂଧ୍ୟାରେ ଶ୍ରୀ ଜଗନ୍ନାଥ ଚେତନା, ସଂସ୍କୃତି ଓ ପରମ୍ପରାର ବରିଷ୍ଠ ଗବେଷକ ତଥା ପ୍ରଚାରକ ଡା. ଅଶୁତୋଷ ମିଶ୍ର ଏବଂ ଡା. କୃଷ୍ଣ କେଶବ ଷଡଙ୍ଗୀ ଯଥାକ୍ରମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ କଥାମୃତ ପରିବେଷଣ କରିଥିଲେ ।

ଏହି ଦୁଇ ସଂଧ୍ୟାରେ ସ୍ନେହନନ୍ଦ, ସ୍ୱର୍ଗତଃ ଶଶୀଭୂଷଣ ମହାନ୍ତି, ଯୋଗୀରାଜ ରାମ ଏବଂ ନୃସିଂହ ଚରଣ ନାୟକଙ୍କୁ ଶ୍ରୀ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯିବା ସହ ଦ୍ୱିତୀୟ ସଂଧ୍ୟାରେ ପରିଷଦର ପୂର୍ବତନ ସଭାପତି ଓ ସମ୍ପାଦକ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷ ଦିବସରେ ପବିତ୍ର ଅକ୍ଷୟ ତୃତୀୟାରେ ଉଭୟ ଶ୍ରୀ ଜଗନ୍ନାଥ ମନ୍ଦିର ଓ ପାଶ୍ୱର୍ବର୍ତ୍ତି ମହାଦେବ ମନ୍ଦିରର ପ୍ରତିଷ୍ଠା ଦିବସ ଉପଲକ୍ଷେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ କାଶୀ ବିଶ୍ୱନାଥଙ୍କର ଅଭିଷେକ ପୂଜା ଏବଂ ରଥ କାଠ ଅନୁକୁଳ କରାଯାଇଥିଲା। ପିରଷଦର ସଭାପତି ଚତୁର୍ଭୁଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ହିମାଂଶୁ ଷଡଙ୍ଗୀଙ୍କ ବଳିଷ୍ଠ ପରିଚାଳନା ସହ କାର୍ଯ୍ୟକାରୀ ସଭାପତି ଡଃ ସୁବୋଧ କୁମାର ରାଉତରାୟ, ଉପସଭାପତି ବୈକୁଣ୍ଠନାଥ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ରାକେଶ ତ୍ରିପାଠୀ, କୋଷାଧ୍ୟକ୍ଷ ଶଶୀକାନ୍ତ ନାୟକ, ସରୋଜ ପ୍ରସାଦ ସ୍ୱାଇଁଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଓ ମହାଦନୀବିହାର ଉନ୍ନୟନ ପିରଷଦ, ମହିଳା ସମିତି ଓ ସମସ୍ତ ଅଗ୍ରଣୀ ଅନୁଷ୍ଠାନର ସମସ୍ତ କମକର୍ତ୍ତାଙ୍କ ସହାୟତାରେ ଏହା ସଫଳତାର ସହ ସମ୍ପାଦିତ ହୋଇଥିଲା ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ବିରୋଧରେ ମହିଳାଙ୍କ ପ୍ରତିବାଦ



ବ୍ରହ୍ମପୁର, (ସବ୍ୟୁ): ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ରାଜନୈତିକ ଦଳ ବିରୁଦ୍ଧରେ ପ୍ରତିବାଦର ସ୍ୱର ଆଜି ସାରା ରାଜ୍ୟରେ ସାଧାରଣ ମହିଳା ମାନଙ୍କୁ ଆନ୍ଦୋଳିତ କରିଛି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ସାଧାରଣ ମହିଳା ଯୁବତୀ ଓ ଛାତ୍ରୀ ମାନଙ୍କ ଦ୍ୱାରା ବିଜେଡ଼ି, କଂଗ୍ରେସ ସମେତ ଇଣ୍ଡି ମେଣ୍ଟ ବିରୋଧରେ ନାରାବାଜି କରିବା ସହ ମହିଳା ଆରଂକ୍ଷଣ ବିଲ ଯେଉଁ ଭାବରେ ପ୍ରତ୍ୟାଖାନ ହେଲା ତା' ବିରୁଦ୍ଧରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ।

ଜାଣିରଖିବା ଦରକାର ମହିଳା ଆରକ୍ଷଣ ବିଲକୁ ମୋଦି ସରକାର ସଂସଦରେ ଉପସ୍ଥାପନା କରିଥିଲେ । ଯାହାକୁ ୨୩୦ ସାଂସଦ ବିରୋଧ କରିଥିଲେ । ଯାହାକି ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନମିଳିଥିବା କାରଣରୁ ବିଲଟି ଖାରଜ ହୋଇଥିଲା । ମୋଦି ସରକାର ମହିଳା ମାନଙ୍କୁ ସୁଦୃଢ କରିବା ପାଇଁ ଯେଉଁ ବିଲ ଆଣିଥିଲେ ତାହା ଖାରଜ ହେଲାପରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସଦସ୍ୟମାନେ ତାକୁ ତାଳି ବଜେଇ ଏହାକୁ ସ୍ୱାଗତ କରିଥିଲେ । ଏଥିରୁ ହିଁ ଇଣ୍ଡି ମେଣ୍ଟ ସଦସ୍ୟମାନଙ୍କ ମାନସିକତାକୁ ପରଖି ହୁଏ କେଉଁଭଳି ଭାବରେ ସେମାନେ ଭାରତର ମହିଳା ମାନଙ୍କ ବିରୋଧି । ମାଆ ମାନଙ୍କ ବଳ ମହିଳା ମାନଙ୍କ ବଳର ଆହ୍ୱାନ ଦେଉଥିବା ବିଜେଡ଼ି ଆଜି କେଉଁଭଳି ଭାବରେ ଇଣ୍ଡି ମେଣ୍ଟ ସହ ସମ୍ପର୍କ ରଖି ସୁଚିନ୍ତିତ ଯୋଜନା ମାଧ୍ୟମରେ ଏହି ବିଲକୁ ଖାରଜ କରିବାରେ ସମର୍ଥନ ଜଣାଇଛି । ଗାଁ ଗାଁରୁ ନଗର ନଗରରୁ ଆଜି ସମସ୍ତଙ୍କର ବିରୋଧ ଆଚରଣ ଦେଖିବାକୁ ମିଳିଛି ଯେ କିଭଳି ଭାବରେ କଂଗ୍ରେସ ବିଜେଡ଼ିର ଘୃଣ୍ୟ ମାନସିକତା ମହିଳା ବିରୋଧି ମାନସିକତା ଆଜି ସାଧାରଣ ଜନ ମାନସରେ ପ୍ରତିପାଦିତ ହେଇଛି ।

ଆଜି ମହିଳା ମାନେ ସ୍ୱତଃପ୍ରବୃତ ଭାବରେ ଆନ୍ଦୋଳନ କାର୍ଯ୍ୟକ୍ରମ କରିଥିଲେ । ଏଥିରେ କର୍ପୋରେଟର ସବିତା ସାହୁ, ବନିତା ସାହୁ, ରନିଗର୍ଭା ସରସ୍ୱତ୍ରୀ ଦେବୀ, ବର୍ଷା ବିଦୁସ୍ମିତା, ସବିତା ସୁଆର, ମୋନିତା ଦାସ, ମଧୁସ୍ମିତା ଠାକୁର, ପୂଜାଲିନ ମହାରଣା ,ସସ୍ମିତା ନାୟକ, ମମତା ରଣା ପ୍ରମୁଖଙ୍କ ସମେତ ବହୁ ମହିଳା ଓ ଯୁବତୀ ଉପସ୍ଥିତ ଥିଲେ ।

# ଅବକାରୀ ଓ ପୋଲିସର ମିଳିତ ଚଢାଉ: ମଦ ଜବତ, ୫ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମର ବିଭିନ୍ନ ସ୍ଥାନରେ ବୁଗୁଡା ଓ ଭଞ୍ଜନଗର ଅବକାରୀ ବିଭାଗ ସହିତ ସ୍ଥାନୀୟ ପୋଲିସର ମିଳିତ ଚଢାଉରେ ବ୍ୟାପକ ପରିମାଣର ଦେଶୀମଦ ଜବତ ସାଙ୍ଗକୁ ୫ ଜଣଙ୍କୁ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ଗୋଳିଆ ଗ୍ରାମର ସିଲୁ ବେହେରା (୨୪), ବିରୁପାକ୍ଷ ପ୍ରଧାନ (୨୬), ସଞ୍ଜୁ ପ୍ରଧାନ (୫୫), ଟୁଲୁ (୩୬), ବିଭୁ ପ୍ରସାଦ ଗୌଡ (୨୮) । ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡା ଅବକାରୀ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ସେନାପତି, ଭଞ୍ଜନଗର ଅବକାରୀ ଇନିସପେକଟର ପ୍ରଦୀପ କୁମାର ମହାନ୍ତି ଓ ବୁଗୁଡା ଥାନା ଏଏସଆଇ ସୁମନ୍ତ କୁମାର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ତିନୋଟି ଟିମ ମିଳିତ ଭାବେ ଗୋଳିଆ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ।

# ଅଂଶୁଘାତ ନେଲା ଯୁବକଙ୍କ ଜୀବନ

ନୂଆପଡା,(ସବ୍ୟୁ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରୁ ଏକ ଦୁଃଖଦ ଖବର ଆସିଛି। ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ପଞ୍ଚାୟତ ଜଣେ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ଖଇରା ପଞ୍ଚାୟତ ଅନ୍ତର୍ଗତ ଗୋହିରାପଦର ଗାଁ ବସିନ୍ଦା ସ୍ୱର୍ଗୀୟ ଲାଲୁ ମାଝୀଙ୍କ ପୁତ୍ର ରୋହିତ ମାଝୀ। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନରେ ରୋହିତଙ୍କ ମୃତ୍ୟୁ ଘଟିଥିଲା। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅଂଶୁଘାତର ଶିକାର ହୋଇ ସେ ପ୍ରାଣ ହରାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ



ପରିବାର ବର୍ଗଙ୍କ ତରଫରୁ ବୋଡ଼େନ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ବୋଡ଼େନ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ରୋହିତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ସେ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ଏବେ ସେମାନେ ଅସହାୟ ହୋଇପଡ଼ିଛନ୍ତି। ଏହି ଦୁଃଖଦ ସମୟରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଶାସନ ଯୋଗାଇ ଦେବାକୁ ପଡ଼ାବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି। ଜଣେ କର୍ମଠ ଯୁବକଙ୍କୁ ହରାଇ ଗୋହିରାପଦର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରଶାସନ ଏହି ଗରିବ ପରିବାର ପ୍ରତି ଦୃଷ୍ଟି ଦେବା ଜରୁରୀ।

# ମୁରସୁଣ୍ଡରେ ବାଲି ମାଫିଆ ସକ୍ରିୟ

ବଲାଙ୍ଗିର, (ସବ୍ୟୁ) : ଜିଲ୍ଲାର ସୁକତେଲ ଓ ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି । ପ୍ରବଳ ଗ୍ରୀଷ୍ମପ୍ରବାହରେ ପ୍ରତ୍ୟହ ବେଧଡକ ବାଲି ଚାଲାଣ ଯୋଗୁଁ ଜଳସ୍ରୋତ ହ୍ରାସ ପାଇବା ସହିତ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତି ଲାଗି ରହିଲେ ଉଭୟ ସୁକତେଲ ଓ ଅଙ୍ଗନଦୀ ସେମାନଙ୍କ ଅସ୍ତିତ୍ୱ ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି । ପ୍ରଶାସନ ତଥା ଖଣି ବିଭାଗର ଉଦାସୀନତା ଯୋଗୁଁ ବେଫିକର ଭାବେ ବାଲି ମାଫିଆ ସେମାନଙ୍କ କାରବାର ଜାରି ରଖିଥିବା ଦେଖିବାକୁ ମିଳିଛି । ଆଗଲପୁର ବ୍ଲକ ଅଙ୍ଗ ନଦୀର ଡୁଡୁକା-ଚୂର୍ଣ୍ଣମୁହାଣ ଠାରେ ଥିବା ବେଆଇନ ବାଲିଘାଟକୁ ଗତ ଏପ୍ରିଲ ୧୦ ରେ ଖଣି ବିଭାଗ ପକ୍ଷରୁ ସିଲ୍ କରାଯାଇଥିଲା । ଏଥି ସହିତ ନଦୀଶଯ୍ୟାରେ ଥିବା ରାସ୍ତାକୁ ମଧ୍ୟ କାଟି ଦିଆଯିବା ପରେ ନିକଟସ୍ଥ ମୁରଶୁଣ୍ଡ ଠାରେ ବାଲି ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି । ଆଗଲପୁର ବ୍ଲକ ମୁରସୁଣ୍ଡ- ହରଭଙ୍ଗା ରାସ୍ତାରେ ଥିବା ସନସର୍ ନିକଟରେ ପ୍ରବାହିତ ଅଙ୍ଗନଦୀରେ ଥିବା ବନ୍ୟା ପ୍ରତିରୋଧ ଆଡ଼ିବନ୍ଧକୁ କାଟି ନଦୀକୁ ରାସ୍ତା ତିଆରି କରାଯିବା ସହିତ ବେଆଇନ ଭାବେ ନଦୀରୁ ବାଲି ଉଠାଯାଉଛି । ଭୋର ସମୟରୁ ରାତି ଯାଏ ଏଠାରୁ ଟ୍ରାକ୍ଟର ଯୋଗେ ବେଫିକର ଭାବେ ବାଲି ଚାଲାଣ ହେଉଛି । ଏପରିକି ବେଆଇନ ଭାବେ ନଦୀରେ ମୋରମ ପକାଇ ରାସ୍ତା ତିଆରି କରାଯାଇଥିବା ଦେଖିବାକୁ ମିଳିଛି । ଏହି ବେଆଇନ ବାଲିଘାଟ ଠାରୁ ମାତ୍ର ତିନି କିମି ଦୂରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ପୋଲିସ କିଛି ଜାଣି ନ ପାରିବା ସାଧାରଣରେ ପୋଲିସର ଭୂମିକାକୁ ସନ୍ଦେହ ଘେରରେ ରଖିଛି । ଅଙ୍ଗନଦୀର ଅପର ପାର୍ଶ୍ୱ ଉତ୍ତର ଦିଗରେ କପାଶିରା ନିକଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରାଯିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଜରିଆରେ କିଛି ବାଲି ମାଫିଆ ପ୍ରୟାସ କରୁଥିବା ଜଣାଯାଇଛି । ଲୋଇସିଂହା ବ୍ଲକର ଫାସଡ, ଛେଲବାହାଲ୍, କୁଶମେଲ, ମାଗୁରବେଡା ଏବଂ ଆଗଲପୁର ବ୍ଲକର ସାଲେଭଟା, ମୁରସୁଣ୍ଡ, ଫାସଡ, ଘୁଚେପାଲି ଅଞ୍ଚଳରୁ ବିନା ରୟାଲଟି, ବିନା ପ୍ରଦୂଷଣ ପ୍ରମାଣପତ୍ର ତଥା ସିଟିଓ ରେ କୌଣସି କାଗଜପତ୍ର ନ ଥାଇ ପ୍ରତ୍ୟହ ହଜାର ହଜାର ଟ୍ରିପ ବାଲି ଚାଲାଣ ହେଉଛି । ଏପରିକି ଶତାଧିକ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି । ବେଆଇନ ବାଲି ଗଚ୍ଛିତ ରଖାଯିବା ନେଇ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ମଧ୍ୟର ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି ଛସରକାରୀ ଦଳର ଜନୈକ ରାଜନେତାଙ୍କ ଇସାରାରେ ମୂରସୁଣ୍ଡ ଠାରେ ଦିନ ଦ୍ୱିପ୍ରହରରେ ବାଲି ଚାଲାଣ ହେଉଛି । ରାଜନୈତିକ ଛତ୍ରଛାୟା ତଳେ ବାଲି ଚାଲାଣ ହେଉଥିବାରୁ ପୋଲିସ ତଥା ଖଣି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି । ବାଲି ମାଫିଆ, ଖଣି ଅଧିକାରୀ ତଥା ସ୍ଥାନୀୟ ପୋଲିସର ମିଳିତ ସଲାସୁତୁରାରେ ହେଉଥିବା ଏହି ବାଲି ଚାଲାଣରେ କେବେ ରୋକ୍ ଲାଗିବ, ଦେଖିବାକୁ ବାକି ରହିଲା ।

## ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

ବୌଦ୍ଧ, (ସବ୍ୟୁ):ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ 'ପ୍ରମୁଖ ଜନ ସଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହ ଜିଲ୍ଲା ସଂଘ ଚାଳକ ସଞ୍ଜୟ କୁମାର ତନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ରାଷ୍ଟ୍ର ଗଠନ ପ୍ରକ୍ରିୟା ଉପରେ ଗଭୀର ମାନସ ମନ୍ଥନ କରିଥିଲେ।

କାର୍ଯ୍ୟକ୍ରମରେ ଆରଏସଏସର ପୂର୍ବ କ୍ଷେତ୍ର କାର୍ଯ୍ୟବାହ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ ସଂଘର ଶତାବ୍ଦୀ ବର୍ଷ ଯାତ୍ରା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ବ୍ୟକ୍ତି ଚରିତ୍ରର ପରିବର୍ତ୍ତନ ହିଁ ସମାଜ ଓ ରାଷ୍ଟ୍ର ପରିବର୍ତ୍ତନର ମୂଳଦୁଆ। ଭାରତକୁ ପରମ ବୈଭବଶାଳୀ କରିବା ସହ ବିଶ୍ୱ ଦରବାରରେ 'ଜଗତ ଗୁରୁ' ଆସନରେ ଅଧିଷ୍ଠିତ କରାଇବା ପାଇଁ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତ୍ୟେକ ନାଗରିକଙ୍କ ନୈତିକ ଉତ୍ଥାନ ଅପରିହାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ।

ସଂଗୋଷ୍ଠୀରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ, କବି, ଲେଖକ, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ଡାକ୍ତର, ଶିଳ୍ପପତି, କଳାକାର, ସାମ୍ବାଦିକ ଏବଂ ଶିଳ୍ପପତିମାନେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଅତିଥିମାନେ ସଂଘର ସମାଜ ସଂସ୍କାର ମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଦେଶର ପ୍ରଗତିରେ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ସ୍ୱୟଂ ସେବକ ଓ ଅତିଥିମାନେ ରାଷ୍ଟ୍ରହିତ ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ। ମଞ୍ଚରେ ଜିଲ୍ଲା କାର୍ଯ୍ୟବାହ ଇନ୍ଦୁଭୂଷଣ ମହାକୁଡ, ନଗର ସଂଘଚାଳକ ଡ଼ ସୁଦର୍ଶନ ମେହେର ଉପସ୍ଥିତ ଥିଲାବେଳେ ଜିଲ୍ଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ । ପଦ୍ମଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳତା ଦୃଷ୍ଟିରୁ ଦିଲ୍ଲୀପ କୁମାର ସାହୁ, ଲକ୍ଷ୍ମୀକାନ୍ତ ଜାନି, ନିରଞ୍ଜନ ମେହେର, ବିଜୟ କୁମାର ସାହୁ, ନବୀନ କୁମାର ସାହୁ, ଶିବରାମ ସାହୁ, ଦେବାନନ୍ଦ ପ୍ରଧାନ, ଡୋଳାମଣି ଦେହୁରୀ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଗଛକୁ ପିଟିଲା ଟ୍ରଲର, ଅଳ୍ପକେ ବର୍ତ୍ତିଲେ ଚାଳକ

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ଥାନା ଅନ୍ତର୍ଗତ ରୁଚିଦା ରାସ୍ତାର ବଡଦର୍ଲାପାଲି ହନୁମାନ ମନ୍ଦିର ନିକଟରେ ଗୁରୁବାର ଏକ ଟ୍ରଲର ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, ସିଜି-୧୦-ବି.ଆର-୨୮୪୨ ନମ୍ବର ଥିବା ଟ୍ରଲରଟି ବରଗଡ଼ରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ବେଳେ ବାଟୋଇଙ୍କୁ ସାଇଡ ଦେବାକୁ ଚେଷ୍ଟା କରିଥିଲା। ଏହିସମୟରେ ରାସ୍ତା କଡ଼ରେ ପଡ଼ିଥିବା ମୋରୁମ ଉପରକୁ ଗାଡ଼ିଟି ଚଢ଼ିଯାଇଥିବାରୁ ଚାଳକ ଭାରସାମ୍ୟ ହରାଇଥିଲେ। ଫଳରେ ଟ୍ରଲରଟି ରାସ୍ତା କଡ଼ରେ ଥିବା ଗଛକୁଧକ୍କା ଦେଇ ପରେ ପାଖରେ ଥିବା ଏକ ବିଲକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିର ସାମ୍ନା ଭାଗ ଗୁରୁତର କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ଭାଗ୍ୟବଶତଃ ଚାଳକ ଗୁରୁତର ଆହତ ହେବାରୁ ବଞ୍ଚିଯାଇଥିବା ଖବର ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ପରିସ୍ଥିତିକୁ ସମ୍ଭାଳିଥିଲେ। କିଛି ସମୟ ପର୍ଯ୍ୟନ୍ତ ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଥିଲା।

## ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ପହଲଗାମ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କଚେରୀ ଛକ ସ୍ଥିତ ସହୀଦ ସ୍ତମ୍ଭ ଠାରେ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ପହଲଗାମ ସହୀଦ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ସ୍ମୃତିଚାରଣ ସହ ସାମୁହିକ ଦୀପଦାନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ଶିଶିର ରଞ୍ଜନ ବହିଦାର, ଉପଦେଷ୍ଟା ରାଜାରାମ ପାଢ଼ୀ, ତ୍ରିଲୋଚନ ତ୍ରିପାଠୀ, ମୁକେଶ ଜରିୱାଲ,ଫଣିନ୍ଦ୍ର ପ୍ରଧାନ, ସୂର୍ଯ୍ୟ ପାଣଗ୍ରାହୀ, ଦେବନ୍ତ ବେହେରା, ସମୀର ହୋତା, କୁନ୍ଦନ ପ୍ରଧାନ, ସପ୍ନାରାଣୀ କର୍ଣ୍ଣ, ମିନୁ ନାୟକ, ଦୀପ୍ତି ବିଶ୍ୱାଳ, ଅମିଶା ମିଶ୍ର, ସୁଭଦ୍ରା ନାଗ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲଗାମର ନିରୀହ, ନିରସ୍ତ୍ର ୨୬ ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ମାନେ ନୃସଂଶ ଭାବେ ହତ୍ୟା କରିଥିଲେ। ଏହାର ଏକବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

## ବିଜୁ ଏକ୍ସପ୍ରେସ ୱେ ରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ସହର ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ର ଆମ୍ବେଦକର ଛକ ଠାରୁ ଚାନଟିପା ପର୍ଯ୍ୟନ୍ତ ରାସ୍ତାରେ ଦୀର୍ଘଦିନ ହେବ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି। ସହରର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ସନ୍ଧ୍ୟା ପରେ ପୂରାପୂରି ଅନ୍ଧକାରରେ ବୁଡିଯାଉଥିବାରୁ ସ୍ଥାନୀୟ ଲୋକମାନଙ୍କ ଜୀବନ ଜଟିଳ ହୋଇପଡ଼ିଛି। ଏହି ରାସ୍ତା ଦିନକୁ ଶତାଧିକ ଲୋକ ଦ୍ୱାରା ଯାତାୟାତ ହୋଇଥାଏ। ଶିକ୍ଷାର୍ଥୀ, କାର୍ଯ୍ୟରତ ବ୍ୟକ୍ତି, ବ୍ୟବସାୟୀ ଓ ସାଧାରଣ ଲୋକମାନେ ପ୍ରତିଦିନ ଏହି ରାସ୍ତାରେ ଯିବା ଆସିବା କରନ୍ତିଛ କିନ୍ତୁ ରାତି ହେଲେ ଅନ୍ଧକାର ଛାଇଯାଉଥିବାରୁ ସମସ୍ତଙ୍କ ମନରେ ଭୟ ଓ ଅସୁବିଧା ବୃଦ୍ଧି ପାଉଛି। ବିଶେଷକରି ମହିଳା ଓ ବୃଦ୍ଧମାନେ ଏହି ରାସ୍ତାରେ ଯିବାକୁ ଭୟଭୀତ ହେଉଛନ୍ତି। ସ୍ଥାନୀୟ ନିବାସୀ ମାନଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ ହୋଇନାହିଁ। ଅନ୍ଧକାର ଅଞ୍ଚଳକୁ ଲକ୍ଷ୍ୟ କରି କେତେକ ଅସାମାଜିକ ବ୍ୟକ୍ତି ଅପରାଧମୂଳକ କାର୍ଯ୍ୟକଳାପ କରୁଥିବା ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଉଛି। ଏହା ଦ୍ୱାରା ଚୋରି, ଡକାୟତି ଓ ଅନ୍ୟାନ୍ୟ ଅପରାଧ ବୃଦ୍ଧି ପାଇପାରେ ବୋଲି ସ୍ଥାନୀୟମାନେ ଆଶଙ୍କା କରୁଛନ୍ତି। ଏହି ଗୁରୁତର ସମସ୍ୟାକୁ ନଜରରେ ରଖି ପଦ୍ମପୁରର ଯୁବ ଆଇନଜୀବୀ ଆଶିଷ ଜ୍ୟୋତିଷ ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ପଦ୍ମପୁରର ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ ପତ୍ର ଦେଇ ଏହି ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଛନ୍ତି। ତାଙ୍କ କହିବା ଅନୁସାରେ, ଏହା କେବଳ ସୁବିଧାର ପ୍ରଶ୍ନ ନୁହେଁ, ବରଂ ଲୋକମାନଙ୍କ ସୁରକ୍ଷା ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅଭିଯୋଗ ପାଇବା ପରେ ଅତିରିକ୍ତ ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଥିବା ଜଣାପଡ଼ିଛି। ସେ ଶୀଘ୍ର ଯାଞ୍ଚ କରି ଷ୍ଟ୍ରିଟ୍ ଲାଇଟ୍ ମରାମତି କାମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ଯେ ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରି ରାସ୍ତାରେ ଆଲୋକ ବ୍ୟବସ୍ଥା ସୁଚାରୁ କରିବେ ଓ ଏହି ଅଞ୍ଚଳକୁ ପୁଣିଥରେ ସୁରକ୍ଷିତ କରିବେ। ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ମୂଳଭୂତ ସୁବିଧାକୁ ଅବହେଳା କରାଯିବା ଉଚିତ୍ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ଭିସୁଟ୍‌ରେ ର୍‌ୟାଗିଂ ଅଭିଯୋଗ ଅର୍ଥ ଦଣ୍ଡରେ ଦଣ୍ଡିତ ହେଲେ ୪ବରିଷ୍ଠ ଛାତ୍ର

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ର୍‌ୟାଗିଂ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଭିସୁଟ୍ କର୍ତ୍ତୃପକ୍ଷ ଓ ଆଣ୍ଟି ର୍‌ୟାଗିଂ ସେଲ ପକ୍ଷରୁ ତଦନ୍ତ କରାଯାଇ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମେକାନିକାଲ ବିଭାଗର ଜଣେ ପ୍ରଥମ ବର୍ଷ ଛାତ୍ରଙ୍କ ସମେତ ୪ଜଣ ବରିଷ୍ଠ ଛାତ୍ରଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜଣେ ଛାତ୍ରଙ୍କୁ ୧୦ ହଜାର ଓ ଅନ୍ୟ ୩ ଜଣ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଭିସୁଟ୍ ପ୍ରଥମ ବର୍ଷର ୨ଜଣ ଛାତ୍ର ବିଜୁ ପଟ୍ଟନାୟକ ଇ. ଲାର୍ଣ୍ଣିଙ୍ଗ ସେଣ୍ଟରୁ କ୍ଲାସ ସାରି ଗତ ୧୫ଦିନ ତଳେ ମୁଖ୍ୟ ଫାଟକ ଅଭିମୁଖେ ଆସୁଥିଲେ। ଏହି ସମୟରେ ୪ଜଣ ବରିଷ୍ଠ ଛାତ୍ର ତାଙ୍କୁ ଅଟକାଇ ର୍‌ୟାଗିଂ କରିଥିଲେ। ଜଣେ ଛାତ୍ରକୁ ଜୋତାର ଲେସ୍ ସଠିକ୍ ଭାବେ ବାନ୍ଧିବା ଓ ଅନ୍ୟ ଜଣକୁ ଅଟକାଇ ସାର୍ଟକୁ ଭଲ ଭାବେ ପିନ୍ଧିବା ସମ୍ପର୍କରେ କହିବା ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ର୍‌ୟାଗିଂ ଶିକାର ହେଉଥିବା ଜଣେ ଛାତ୍ର ନିଜ ମୋବାଇଲ ଯୋଗେ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଏହା ଦେଖି ବରିଷ୍ଠ ଛାତ୍ରମାନେ ତାଙ୍କ ହାତରୁ ମୋବାଇଲ ଛଡାଇ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏପରିକି ବରିଷ୍ଠ ଛାତ୍ରମାନେ ଉକ୍ତ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ତେବେ ମୁଖ୍ୟ ଫାଟକରେ ଥିବା ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ଏମାନଙ୍କୁ ଗଣ୍ଡଗୋଳରୁ ନିବୃତ୍ତ କରିଥିଲେ। ଏହି ଘଟଣା ପରେ ପୀଡିତ ଛାତ୍ରମାନେ ଭିସୁଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ନିରପେକ୍ଷ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବୁର୍ଲା ଥାନାର ଜଣେ ଅଧିକାରୀ, ଭିସୁଟ୍ ଆଭ୍ୟନ୍ତରୀଣ କମିଟି ସଦସ୍ୟ, ଡିନ୍ ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଉଭୟ ପକ୍ଷର ଛାତ୍ରଙ୍କୁ ନିଜର ମତ ରଖିବାକୁ ସୁଯୋଗ ଦିଆଯାଇଥିଲା। ଏହି କମିଟି ଘଟଣାର ତଦନ୍ତ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଛି। ଦୋଷୀ ସାବ୍ୟସ୍ତ ଛାତ୍ରଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିବା ଭିସୁଟ କୁଳପତି ପ୍ରଫେସର ଦୀପକ ସାହୁ ସୂଚନା ଦେଇଛନ୍ତି ।

## ଶୁଣ୍ଢୀପଦର -ପାଇଛାଦାଦର ରାସ୍ତା ପାଲଟିଛି ମରଣଯନ୍ତା

କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଶୁଣ୍ଢୀପଦର ପଞ୍ଚାୟତ ଶୂନ୍ୟପଦର ଆରଡ଼ି ରାସ୍ତା ଠାରୁ ଭାୟା ବିନାୟକପୁର ଦେଇ ପାଇଛାଦାଦର ପର୍ଯ୍ୟନ୍ତ ଯାଇଥିବା କଚ୍ଚା ରାସ୍ତାଟି କୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ସହ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ ପାଇଁ ବିନାୟକପୁର ଓ ପାଇଛାଦାଦର ଗ୍ରାମବାସୀ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଏହି କଚ୍ଚା ରାସ୍ତାଟି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଖାଲଖମା ରେ ଭର୍ତ୍ତି ହୋଇଯାଉଥିବାରୁ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଥିବା ଅଞ୍ଚଳବାସୀ କହୁଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତା ଦେଇ ଆସିପରୁ ନାହିଁ। ଏହି ରାସ୍ତା ବରଗୋଚ୍ଛା, ଶୁଣ୍ଢିପଦର, ଦପଲା ପଞ୍ଚାୟତକୁ ସଂଯୋଗ କରୁଅଛି । ତେଣୁ ଏହି ରାସ୍ତା ରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବାଆସିବା ଅଞ୍ଚଳ ବାସି ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବର୍ଷା ଦିନରେ ଚାରିଚକିଆ ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ର ରାସ୍ତା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ମରଣ ଜନ୍ତା ପାଲଟିଛି। ଏଣୁ ଉକ୍ତ ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବର୍ଷାଦିନ ପୂର୍ବରୁ ହସ୍ତାନ୍ତର ସହ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ସବୁଦିନିଆ ଉନ୍ନତ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ବିଧାୟକ ଶ୍ରୀ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ରାୟଗଡ଼ାରେ ଜମି ମୂଲ୍ୟ ଦିଲ୍ଲୀ ପରି ମହଙ୍ଗା କଲେ ସରକାର



ରାୟଗଡା,(ସବ୍ୟୁ): ରାୟଗଡ଼ାରେ ଜମି ମୂଲ୍ୟ ଏବେ ଦିଲ୍ଲୀ ପରି ମହଙ୍ଗା କଲେ ସରକାର । ନୂଆ କରି ଜମି କିଣିବାକୁ ଏବେ ସାହସ ପାଉନାହିଁ କିମ୍ବା ଜଣେ ଚାଷୀ ଜରୁରୀ ସମୟରେ ଜମି ବିକ୍ରି କରିବା ପାଇଁ ଦୁଆର ଦୁଆର ବୁଲୁଛି। ସରକାର ଏକା ଥରକେ ପ୍ରାୟ ୪ହଜାର ୯ଶହ ପ୍ରତିଶତ ବେଞ୍ଚମାର୍କ ଭାଲ୍ୟୁଏସନ ବୃଦ୍ଧି ପାଇଛି। ରାୟଗଡ଼ା ରାମ ମନ୍ଦିର ଠାରେ କ୍ରେତା-ବିକ୍ରେତା ଏବଂ ବିଧାୟକ କାଡ୍ରାକା ଆପାଲାସ୍ୱାମୀଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ବର୍ତ୍ତମାନ କ୍ରେତା ଏବଂ ବିକ୍ରେତା ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷେ, ଜିଲ୍ଲାରେ ଜମିର ବେଞ୍ଚମାର୍କ ଭାଲ୍ୟୁଏସନ୍ (ବିଏମଭି) ରେ ହୋଇଥିବା ହଠାତ୍ ବୃଦ୍ଧିକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକାଶ ପାଇବା ସହ ବିଧାୟକ ଆପାଲାସ୍ୱାମୀ ମୂଳ ନୀତିକୁ ପୁନଃ ସମୀକ୍ଷା କରିବାକୁ ଦାବି କରିଛନ୍ତି। ଏହି ଏପ୍ରିଲ ପ୍ରଥମ ଦିନରୁ ରାୟଗଡ଼ା ସହର ଠାରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ସମସ୍ତ ଜମିର ବେଞ୍ଚମାର୍କ ଭାଲ୍ୟୁଏସନ୍ ମୂଲ୍ୟ ବୃଦ୍ଧି କରାଯାଇଛି । ଯାହା ରାୟଗଡ଼ା ମୌଜା ଜମିର ଏକର ପ୍ରତି ମୂଲ୍ୟ ପ୍ରାୟ ୩.୬୩ କୋଟିରୁ ୮ କୋଟି ପର୍ଯ୍ୟନ୍ତ ବଢ଼ିଛି । ସେହିପରି ବାରିଝୋଲା, ଚେକାଗୁଡା, ତୁମ୍ବିଗୁଡା, ରାମଚନ୍ଦ୍ରପୁର, ରାଣିଗୁଡା , କତାପେଟା, ଚାନ୍ଦିଲି, ପେଣ୍ଟା ଏବଂ ଖଲିଗୁଡା ମୌଜାର ଏକ କୋଟିରୁ ୩ କୋଟି ପର୍ଯ୍ୟନ୍ତ ରହିଥିବା ବେଳେ ତାହା ୮କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଯାହା ପ୍ରାୟ ୪ହଜାର ୯ଶହ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯଦିଓ ପୂର୍ବରୁ ଜମିର ବେଞ୍ଚମାର୍କ ଭାଲ୍ୟୁଏସନ କେବଳ ୧୦ ପ୍ରତିଶତ ବୃଦ୍ଧି କରାଯାଇଥିଲା। ରାୟଗଡ଼ା ଯେହେତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏଠାରେ ଦିଲ୍ଲୀ ପରି ଲୋକଙ୍କ ପାଖରେ ଅର୍ଥ ନାହିଁ। ଏଠି ଲୋକଙ୍କର କ୍ରୟ କ୍ଷମତା ସୀମିତ ଥିବାରୁ ଏପରି ନୀତି ଭୂମିସ୍ତରର ଅର୍ଥନୀତିକ କାର୍ଯ୍ୟକଳାପକୁ ବାଧା ଦେଇପାରେ ତେଣୁ ଏନେଇ ବିଧାୟକ କାଡ୍ରାକା ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖି ଏହାକୁ ପୁନର୍ବାର ବିଚାର କରି ଜମିର ବେଞ୍ଚମାର୍କ ଭାଲ୍ୟୁଏସନ୍ ଦର ପୂର୍ବ ପରି କରାଯାଉ ବୋଲି ଜଣାଇବି ବୋଲି କହିଛନ୍ତି।

## ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍-୩ ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍ -୩ ଉଦ୍ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଆୟୋଜନ କମିଟି ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ସୁଧିର ବହିଦାର, ଯୁଗ୍ମ ସମ୍ପାଦକ ରାଜା ବରାଳ, ଉପଦେଷ୍ଟା ଉମାପତି ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍ଘାଟନୀ ମ୍ୟାଚ୍ ମାଁ ଘିକୁଣ୍ଡି ବନାମ ବାଟମଙ୍ଗଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଁ ଘିକୁଣ୍ଡି ୨୫ଏପଏଣ୍ଟ ଓ ବିପକ୍ଷ ବାଟମଙ୍ଗଳା ଦଳ ୩୬ ପଏଣ୍ଟ ଅକ୍ତିଆର କରିଥିଲା । ବିଜୟୀ ଦଳର ସିଦ୍ଧାନ୍ତ ନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ରେଫରି ଭାବେ ଦିଲ୍ଲୀପ କୁମାର ସାହୁ, କାର୍ତ୍ତିକ ବାରିକ ଓ ଗୀତା କଂସାରୀ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଆନନ୍ଦ ଚନ୍ଦ୍ର ପତି ସ୍କୋରର, ସନ୍ତୋଷିନୀ ଭୂୟାଁ, ମାଳତୀ ସେଠ, ରମେଶ ବରିହା, ମଦନଲାଲ ଡନସନା, ଲୀଳାବତୀ ମୁଣ୍ଡ, ଭରତ ପ୍ରଧାନ, ଯଶବନ୍ତି ସେନାପତି, ମ୍ୟାଚ୍ କମିସନର ଜଗବନ୍ଧୁ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସୁବର୍ଣ୍ଣପୁରରେ ଜଳବାୟୁ ପରିବର୍ତ୍ତନ ସମାବେଶ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ସଦର ମହକୁମା ସ୍ଥିତ ମହାନଦୀ ଧାରା ପୂର୍ଣ୍ଣାଙ୍ଗ ଆବାସିକ ଶିକ୍ଷାନୁଷ୍ଠାନ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଉପରେ ଏକ କନକ୍ଲେଭ ଅନୁଷ୍ଠିତ ହୋଇଥିଲା । କନକ୍ଲେଭରେ ବିଭିନ୍ନ ବୌଦ୍ଧିକ ମଣ୍ଡଳରୁ ଅନେକ ବୁଦ୍ଧିଜୀବୀ , ଗବେଷକ , ପରିବେଶବିତ୍, ଲେଖକ, ଶିକ୍ଷାବିତ୍, ଲୋକ କଳାକାର ଓ ଅନେକ ବରିଷ୍ଠ ସାମ୍ବାଦିକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ତିନୋଟି ବିଷୟରେ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନେକ ବିଶିଷ୍ଟ ବ୍ୟକ୍ତି , ପ୍ରସିଦ୍ଧ ଜାତୀୟ ସ୍ତରର ପରିବେଶ ସାମ୍ବାଦିକ ତଥା ଡାଉନ ଟୁ ଆର୍ଥ ପତ୍ରିକାର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର , ଓଡ଼ିଶାର ଜଳପୁରୁଷ ରଞ୍ଜନ ପଣ୍ଡା , ପ୍ରତିଷ୍ଠିତ ସମ୍ବଲପୁର ଆଇଆଇଏମର ଅଧ୍ୟାପକ ସୁଜିତ୍ ପୃଷେଠ ଏବଂ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର ଆଲୋଚକ ଭାବେ ଯୋଗଦେଇଥିଲେ । ମହାନଦୀ ଧାରା ପୂର୍ଣ୍ଣାଙ୍ଗ ଆବାସିକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର ଆଲୋଚନାଚକ୍ରର ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଏହି କନକ୍ଲେଭରେ ମୁଖ୍ୟ ଅତିଥି ତଥା ମୁଖ ବିଷୟବସ୍ତୁ ବକ୍ତା ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ୍ ସାହୁ ଯୋଗଦେଇ ତାଙ୍କର ବକ୍ତବ୍ୟରେ ସେ ଜଳବାୟୁ ପରିବର୍ତ୍ତନର ଭୟାବହତା ଦର୍ଶାଇ ଅନେକ ପରିସଂଖ୍ୟାନ ତଥ୍ୟ ଦେଇ ପରିବେଶ ସୁରକ୍ଷା ତଥା ଧରଣୀର ବିକାଶ ଦିଗରେ ସଂଗଠିତ କାର୍ଯ୍ୟର ଆହ୍ୱାନ ଦେଇଥିଲେ।ଡ଼ାଉନ ଟୁ ଆଥିର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର ତାଙ୍କର ଭାଷଣରେ ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ମହାନଦୀର ପ୍ରଦୂଷଣ ତଥା ସୁରକ୍ଷା ଉପରେ ଆଲୋକପାତ କରିଥିଲେ ।



ଦ୍ୱିତୀୟ ଆଲୋଚନା ଚକ୍ର ଜଳବାୟୁ ପରିବର୍ତ୍ତନ ଏବଂ ମାନବର ଭବିଷ୍ୟତରେ ସାମ୍ବାଦିକ ଶ୍ରୀ ଝାଙ୍କର୍ ଅତିଥି ଆଲୋଚକ ତଥା ପରିବେଶବିତ ରଞ୍ଜନ ପଣ୍ଡାଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଥିଲେ । ଶ୍ରୀ ପଣ୍ଡା ଜଳବାୟୁ ପରିବର୍ତ୍ତନରେ ସଂସ୍କାର ପାଇଁ ଅନ୍ଧ ଭାବରେ ବୃକ୍ଷରୋପଣ ନ କରି ଜୈବ ବିବିଧତାକୁ ବଜାୟ ରଖିବାକୁ ତର୍କ ରଖିଥିଲେ । ଏଥି ସହିତ ସେ ପ୍ରକୃତିରୁ ସଂସ୍କୃତିର ଲୋକମାନସରେ ବିଚ୍ଛିନ୍ନତା ଏବଂ ମାନସିକ ସ୍ତରରେ ଯୁବ ସମାଜର ପ୍ରକୃତି ଠାରୁ ଦୂରତାକୁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ପ୍ରକାଶ କରିଥିଲେ । ତୃତୀୟ ଆଲୋଚନା ଚକ୍ର ଯୁବାବର୍ଗ,ଶିକ୍ଷା ଏବଂ ଜଳବାୟୁ ଉତ୍ତରଦାୟିତ୍ୱରେ ମହାନଦୀ ଧାରା ପ୍ରତିଷ୍ଠାତା, ଅତିଥି ଆଲୋଚକ ସୁଜିତ ପୃଷେଠଙ୍କୁ ପରିବେଶ ସୁରକ୍ଷାରେ ଯୁବବର୍ଗର ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଶ୍ରୀ ପୃଷେଠ ଏହାରି ଉପରେ ଯୁବ ସମାଜର ସୃଜନଶୀଳତା ଏବଂ ଉଦ୍ଭାବନକୁ ଜୋର ଦେଇଥିଲେ । ଏଥି ସହିତ ସେ ଅର୍ଥନିତିକ ଅସମାନତା , ଲିଙ୍ଗଗତ ବୈଷମ୍ୟତା ଆଦିକୁ ଜଳବାୟୁ ଉତ୍ତରଦାୟିତ୍ୱରେ ପ୍ରତିବନ୍ଧକ ବୋଲି ଦର୍ଶାଇ ଥିଲେ । ଶେଷରେ ଛାତ୍ର ଛାତ୍ରୀ,ବୁଦ୍ଧିଜୀବୀ ଏବଂ ଅନ୍ୟ ଦର୍ଶକ ଅତିଥି ବକ୍ତା ମାନଙ୍କୁ ପ୍ରଶ୍ନ ପଚାରିଥିଲେ । ସଭାର ପରିଚାଳନା ଶିକ୍ଷୟତ୍ରୀ ପ୍ରିୟଙ୍କାରାଣୀ ନେଗୀ କରିଥିଲେଛ। ଶେଷରେ ଜଣାଶୁଣା ଲୋକ କଳାକାର ଦିଲ୍ଲୀପ ଦୀପ ଏବଂ ତାଙ୍କର ସାଥୀ କଳାକାର ଘୁଡକା ବାଦ୍ୟର ତାଳେ ତାଳେ ପରିବେଶ ସୁରକ୍ଷା ଉପରେ ସ୍ୱରଚିତ ଏକ ସଙ୍ଗୀତ ତଥା ନୃତ୍ୟ ପରିବେଷଣ କରିଥିଲେ।

## ମହିଳା ସଂରକ୍ଷଣ ବିଲକୁ ବିରୋଧ ପ୍ରତିବାଦରେ ବିକ୍ଷୋଭ



ସୋନପୁର,(ସବ୍ୟୁ): ବିରୋଧୀ ଦଳର ମହିଳା ସଂରକ୍ଷଣ ବିଲକୁ ବିରୋଧ ପ୍ରତିବାଦରେ ଗୁରୁବାର ସୁବର୍ଣ୍ଣପୁର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସମସ୍ତ କର୍ମକର୍ତ୍ତା ମୁଣ୍ଡରେ କଳାପଟି ବାନ୍ଧି ବିକ୍ଷୋଭ ପ୍ରଦର୍ଶନ ସହ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ସୂଚନା ଯୋଗ୍ୟ ଯେ ସଂସଦରେ ମହିଳା ସଂରକ୍ଷଣ ବିଲକୁ ବିରୋଧୀ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ବିରୋଧ କରିବା ଏବଂ ଉକ୍ତ ବିଲକୁ ପ୍ରାରିତ କରି ନଦେବା ପ୍ରତିବାଦରେ ଗୁରୁବାର ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ଛକରେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ପକ୍ଷରୁ ବିରୋଧୀ ଦଳ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ବିରୋଧୀ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ମହିଳା ବିରୋଧୀ ବୋଲି ବିଜେପି ନେତୃବୃନ୍ଦ ମତ ରଖିଥିଲେ । ଏହି ବିକ୍ଷୋଭରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ରିତେଶ ପୃଷେଠ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ଟାଉନ ସଭାପତି ଅନନ୍ତ ମିଶ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ଷଡ଼ଙ୍ଗୀ, ଜିଲ୍ଲା କିଷାନ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ବିଶ୍ୱମ୍ବର ମିଶ୍ର, ଦୀପକ ମହାପାତ୍ର, ସୁରେଶ ବିଶ୍ୱାଳ, ନବକୃଷ୍ଣ ଦନ୍ତା, ସୁକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ ।

# ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ଆନ୍ଦୋଳନକୁ ଓହ୍ଲାଇଲେ ମହିଳା



କନ୍ଧମାଳ,(ସବ୍ୟୁ): ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ଆନ୍ଦୋଳନକୁ ଓହ୍ଲାଇଲେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଲସାଗୋରା ଯୁକ୍ତ ୨ କଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ । ଏଭଳି ଘୃଣ୍ୟ ରାଜନୀତିକୁ ବିରୋଧ କରି ଗୁରୁବାର କଲେଜର ଛାତ୍ରୀମାନେ ରାହୁଲ ଗାନ୍ଧି ଏବଂ ନବୀନ ପଟ୍ଟନାୟକଙ୍କ ବିରୋଧରେ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କୁଶ ପୁତ୍ତଳିକା ଦାହ କରିଥିଲେ । ଆନ୍ଦୋଳନରେ ବିଜେପି ଯୁବ ମୋର୍ଚ୍ଚା– ଜିଲ୍ଲା ସଭାପତି ମଣ୍ଟୁ ସାହୁ, ରାଜ୍ୟ କୋଷାଧ୍ୟକ୍ଷ ଚନ୍ଦନ ସାହୁ, ମଣ୍ଡଳ ସଭାପତି ତ୍ରିଦେବ ନାୟକ,ବିଜେପି କନ୍ଧମାଳ ମଣ୍ଡଳ ସାଧାରଣ ସମ୍ପାଦକ ରାଜୀବ ମିଶ୍ର, ଅନିଲ ପ୍ରଧାନ, ଶିତିକଣ୍ଠ ମିଶ୍ର, ରଞ୍ଜନ କୁମାର ପଣ୍ଡା, ପିକୁନ ସାହୁ ପ୍ରମୁଖ କାର୍ଯ୍ୟକର୍ତା ଯୋଗଦାନ କରିଥିଲେ ।

# ପଞ୍ଜିକରଣ ଆଶା ମଉଳିଲା, ଚାଷୀ ହତାଶ

ଜୟପାଟଣା,(ସବ୍ୟୁ): ପରିଶେଷରେ ଆଶା ନିରାଶାରେ ପରିଣତ ହୋଇଛି। ଇନ୍ଦ୍ରାବତୀ ଉଠାଜଳସେଚନରେ ମେଗା ଲିଫ୍ଟ ଉପରେ ନିର୍ଭର କରି ଚାଷ କରିଥିବା ତିନୋଟି ନିର୍ବାଚନ ମଣ୍ଡଳୀ ଜୟପାଟଣା, କୋକସରା ଓ ଧର୍ମଗଡ଼ର ୧୨ହଜାରରୁ ଊର୍ଦ୍ଧ ଚାଷୀଙ୍କ ଭବିଷ୍ୟତ ଅନ୍ଧାର ହେବା ଜଳଜଳ ଦିଶୁଛି।

ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଧାନ ପଞ୍ଜିକରଣ ସମ୍ପର୍କୀୟ ୨୪/୦୩/୨୦୨୬ର ପତ୍ରର ପ୍ରତ୍ୟୁତ୍ତରରେ ଏହା ସମ୍ଭବ ନୁହେଁ ବୋଲି ରୋକଠୋକ ଶୁଣାଇଲା ଭଳି ପାତର ଅନ୍ତର ନିଷ୍ପତ୍ତି କଳାହାଣ୍ଡି ଜିଲ୍ଲାରର ମେଗା ଲିଫ୍ଟ ଚାଷୀଙ୍କୁ ହତାଶ କରିଦେଇଛି। ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ଜଳ ସମ୍ପଦ ଓ କୃଷି ବିଭାଗ ରବି ଜଳ ସେବନକୁ ମଞ୍ଜୁରି ଦେଇ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ପରିସର ମଧ୍ୟରେ ୧୮୮୫୫ ହେକ୍ଟର ଜଳ ସେଚନ ପାଇଁ ମଞ୍ଜୁରୀ ଦେଇଥିଲେ । ତେବେ ଧାନ ପଞ୍ଜିକରଣ ସମୟରେ ସିଷ୍ଟମରେ ଅପସନ ନ ଆସିବାରୁ ଚାଷୀ ବେସାହାରା ଭାବରେ ସରକାରଙ୍କୁ କାକୁଡି ମିନତି ହୋଇ ନିଷ୍ପତ୍ତିର ପୁନଃର୍ବିଚାର ପାଇଁ ଅନୁରୋଧ କରିଥିଲେ।

ଗତ ଡ଼ିସେମ୍ବର ୩୧ ତାରିଖ କଳାହାଣ୍ଡି ଜିଲ୍ଲାପାଳଙ୍କ ସଦଭାବନା କକ୍ଷରେ ଆୟୋଜିତ ଡି ଏଲ ପି ସି ବୈଠକରେ ଇନ୍ଦ୍ରାବତୀର ସ୍ୱାଭାବିକ ଜଳ ସେଚନରେ ୫୭, ୫୭୪ ହେକ୍ଟର ଓ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ୧୮, ୮୫୫ହେକ୍ଟର ଜମିରେ ରବି ଜଳ ସେଚନ ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ଗତ ମାସ ୨୫ତାରିଖ ସୁଦ୍ଧା ପଞ୍ଜିକରଣ ଅବଧି ସରି ଯାଇଥିବା ବେଳେ ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲର ଚାଷୀ ପଞ୍ଜିକରଣ କରିଥିବା ବେଳେ ମେଗା ଲିଫ୍ଟ କେନାଲ ର ୧୮, ୮୫୫ହେକ୍ଟର ଜମିର ଚାଷୀଙ୍କୁ ବଞ୍ଚିତ ହେବାକୁ ପଡ଼ିଛି। ଏସଂକ୍ରାନ୍ତରେ ଧର୍ମଗଡ ବିଧାୟକ ଓ ଲାଞ୍ଜିଗଡ଼ ବିଧାୟକ ସରକାରୀ ସ୍ତରରେ ଯାବତୀୟ ଉଦ୍ୟମ ସତ୍ତ୍ୱେ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ୬୬୭୧ ହେକ୍ଟର ଜମି, ଧର୍ମଗଡ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆସୁଥିବା କୋକସରା ବ୍ଲକର ୪୧ଟି ଗ୍ରାମର ୯୮୩୨ ହେକ୍ଟର ଓ ଧର୍ମଗଡ ବ୍ଲକ ୧୩ଗ୍ରାମର ୨୩୩୪ ଏହିପରି ମୋଟ ୧୨, ୦୬୬ ହେକ୍ଟର ଜମିର ରଖୀ ପ୍ରଭାବିତ ହେବେ ବୋଲି ଜଣାପଡ଼ିଛି । ଏହି ସବୁ ସ୍ଥାନରୁ ଉତ୍ପାଦିତ ହେବାକୁ ଥିବା ହାରା ହାରି ୧୧.୩୮ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀ କେଉଁଠି ବିକ୍ରି କରିବେ, ତାହା ଏକ ଗମ୍ଭୀର ସମସ୍ୟା ହୋଇଛି। ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଯେଉଁ ସରକାର ଇମ୍ପୁଟ ସବ ସିଡି ନାମରେ ୭୩୧ଟଙ୍କା କ୍ୱିଣ୍ଟାଲ ପିଛା ଦେଇଆସୁଥିବା ବେଳେ ସେହି ବିଭାଗର ଏଭଳି ନିଷ୍ପତ୍ତି ଯୋଗୁଁ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି ।

# ପର୍ଯ୍ୟଟନ ମାନଚିତ୍ରରେ ଦୁଇଟି ଶୈବ ପୀଠକୁ ମିଳିଲା ପର୍ଯ୍ୟଟନସ୍ଥଳୀ ମାନ୍ୟତା



ବରଗଡ଼,(ସବ୍ୟୁ): ଦୀର୍ଘ ବର୍ଷର ଦାବୀ ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ସ୍ଥିତ ବିଶ୍ୱେଶ୍ୱର ବାବା ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିବା ଜଣାପଡିଛି । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନମ୍ବର ୬୬୨୦/ ୧୮/୦୪/୨୦୨୬ ଅନୁସାରେ ରାଜ୍ୟର ୩ଟି ଧାର୍ମିକ ପୀଠ ଓ ପୁରୀ ଜିଲା ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ଦାଶଙ୍କ ଜନ୍ମ ପୀଠକୁ ସରକାର ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିଛନ୍ତି । ଫଳରେ ରାଜ୍ୟ ମାନଚିତ୍ରରେ ଥିବା ୩୭୮ ରୁ ୩୮୨ କୁ ବଢ଼ିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ବୋଲି ଚିଠିରେ ଦର୍ଶାଯାଇଛି ।

ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ଅନ୍ୟତମ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁର ବୈଦ୍ୟନାଥ ମନ୍ଦିର ନୂତନ ଭାବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି । ବିଗତ ସରକାର ବେଳେ ସରଣ୍ଡା ବିଶ୍ୱେଶ୍ୱର ପୀଠର ଉନ୍ନତିକାରଣ ପାଇଁ ୨କୋଟି ୬୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ ସତ ହେଲେ ବାରମ୍ବାର ଦାବୀ ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରି ନ ଥିଲେ । ତେବେ ଓଡ଼ିଶାରେ ମୋହନ ସରକାର ଆସିବା ପରେ ସ୍ଥାନୀୟ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦନଙ୍କୁ ଗତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୁତି ଜାନୁୟାରୀ ୨୬ ରେ ପୁନଃ ଦାବୀ ଉପସ୍ଥାପନ କରାଯାଇଥିଲା । ସେହିଦିନ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ମହାନନ୍ଦ ଖୁବ ଶୀଘ୍ର ବିଶ୍ୱେଶ୍ୱର ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗୁରୁବାର ତାହା ସଫଳ ହୋଇଛି । ବିଶ୍ୱେଶ୍ୱର ପୀଠକୁ ମିଳିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ୫ ଶେଷରେ ସରକାରଙ୍କ ଦୃଷ୍ଟି ପଡିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି । ମନ୍ଦିର ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି ଯେ, ଦୀର୍ଘ ବର୍ଷରୁ ଆମର ଏହି ଦାବୀ ରହିଥିଲା, ସେ ଯାହା ହେଉ ସରକାର ଆମ ଦାବିକୁ ପ୍ରାଧାନ୍ୟ ଦେଇ ଆମ ଅଷ୍ଟଶମ୍ଭୁ ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଥିବାରୁ ଧନ୍ୟବାଦ ଜଣାଉଛୁଁ । ଏହା ଦ୍ୱାରା ମନ୍ଦିରର ଆହୁରି ଅନେକ ଅଧୁରା ରହିଯାଇଥିବା ଉନ୍ନୟନ କାର୍ଯ୍ୟ ହୋଇ ପାରିବ । ଯାହା ଦ୍ୱାରା ସମଗ୍ର ଦେଶର ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ହୋଇ ପାରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ସି.ଏମ୍. କପ ଭଲିବଲ ବାଳକ ଓ ବାଳିକା ପ୍ରତିଯୋଗିତା

# ନବୋଦୟ ବିଦ୍ୟାଳୟ ଚାମ୍ପିଅନ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଭାସ୍କର ସୁତାକଳ ପଡିଆରେ ସ୍ଥାନିୟ ସହିଦ ଭଗତ ସିଂ କ୍ଲବର ସହଯୋଗରେ ଗତକାଲି ଠାରୁ ସକାଳ ଓ ସନ୍ଧ୍ୟାରେ ଆରମ୍ଭ ହୋଇ ଥିବା ସି.ଏମ୍. କପ ଭଲିବଲ ବାଳକ ଓ ବାଳିକା ୧୪ ବର୍ଷ ବୟସ ବର୍ଗର ଶେଷ ହୋଇଛି । ଭଲିବଲ ବାଳିକା ବିଭାଗ ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟ ଚାମ୍ପିଅନ ହୋଇଥିବା ବେଳେ ବେଲପାହାଡ ବିବେକାନନ୍ଦ ବିଦ୍ୟାଳୟ ରନର୍ସ ଅଫ୍ ହୋଇଛି । ବାଳକ ବିଭାଗରେ ନବୋଦୟ ବିଦ୍ୟାଳୟ ଚମ୍ପିଆନ ହୋଇ ଥିବା ବେଳେ ପାଚଗାଁ ର ପଲସଦା ସ୍କୁଲ ରନର୍ସ ଅଫ୍ ହୋଇଛି ।

ବୁଧବାର ବ୍ରଜରାଜନଗରର ପୌରପରିଷଦର ଅଧ୍ୟକ୍ଷ କ୍ରିଷ୍ଣା ଗୋପାଲ ସିତାନୀ ଉଦ୍ଘାଟନ କରିଥିବା ବେଳେ ଉଦ୍ୟାପନୀ ଦିବସରେ ୨ୟ ବ୍ୟାଟେଲିଆନ ର ଉପ–ଦୁର୍ଗପତି ଭବାବୀଶଙ୍କର ସେଠ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଓଡିଶା ଦଳର ପୂର୍ବତନ ଭଲିବଲ ଖେଳାଳି ବୟଜେଷ୍ଠ ଭାସ୍କର ରାଓ ଯୋଗଦେଇ ରନର୍ସ ଅର୍ପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ବାଳିକା ୬ଟି ଦଳ ଯୋଗ ଦେଇଥିବା ବେଳେ ୮ଟି ବାଳକ ଦଳ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଭଲିବଲ ଆସୋସିଏସନର ସଂପାଦକ ବିଷ୍ଣୁ ଚରଣ ନାଏକ,ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ବିଜୟ ବେହେରା, କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧରୀ, କୋଷାଧକ୍ଷ ପ୍ରଜ୍ୱଲ ପଟେଲ,ମାନସ ଆଚାର୍ଯ୍ୟ,ମନୋଜ ଦାସ, ସୁଶାନ୍ତ ମାଲି, ନବୋଦୟ ବିଦ୍ୟାଳର ଉପାଦକ୍ଷ ଉମେଶ ଝାଙ୍କର ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ,ସହିଦ ଭଗତ ସିଂ କ୍ଲବର ସଭାପତି ଆଶିଷପାତ୍ର, ସଂପାଦକ କ୍ଲପତରୁ ସ୍ବାଇଁ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଭଲିବଲ ପ୍ରତିଯୋଗିତାକୁ ରାଜେଶ ପଟେଲ,ବିବେକା ପ୍ରଧାନ, ,ସୁଶାନ୍ତ ପଟେଲ, ଅମିୟ ପଟେଲ ଓ ଶୁଭାଂଶୁ ଶେଖର ସାହୁ ପରିଚାଳନା କରିଥିଲେ ।

# ପୁଞ୍ଜିପତି ଓ ଶିଳ୍ପପତିଙ୍କ ପ୍ରତି ସରକାରଙ୍କ ବେଶ ଦରଦ ରହିଛି : ଇଂ.ରୋହିତ



ସମ୍ବଲପୁର, (ସବ୍ୟୁ): ରାଜ୍ୟ ସରକାର କମ୍ପାନୀ ମାନଙ୍କ ସ୍ୱାର୍ଥ ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କ ଜୀବନ ସହ ଖେଳୁଛି। ସମ୍ବଲପୁର ଜିଲ୍ଲାରେ ଅନେକ କଳକାରାଖାନା ଗଢି ଉଠିଛି। ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ଥାନୀୟ ନିଯୁକ୍ତି ପ୍ରତି ଅଣଦେଖା କରାଯାଉଛି। ସମ୍ବଲପୁରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିନଦେଇ ପୁଞ୍ଜିପତି ଓ ଶିଳ୍ପପତି ପ୍ରତି ସରକାରଙ୍କ ବେଶ ଦରଦ ରହିଛି। ଗୁରୁବାର ସାକ୍ଷୀପଡା ସ୍ଥିତ ଆବାସିକ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରମ୍ବାର କଳକାରଖାନା ସମ୍ପ୍ରସାରଣ ପାଇଁ ସମ୍ବଲପୁର ଆସୁଛନ୍ତି। ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶା ଗସ୍ତ କରି କେବଳ କଳକାରଖାନା ମାଲିକ ମାନଙ୍କୁ ଖୁସି କରିଲେ ଚଳିବ ନାହିଁ। ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲାବାସୀ ଏହି କଳକାରଖାନା ଯୋଗୁଁ ଅତିଷ୍ଠ ହୋଇ ଅଛନ୍ତି। ବାୟୁ , ଜମି ଓ ଭୂତଳ ଜଳ ପ୍ରଦୂଷଣ ଧିରେ ଧିରେ ଅନ୍ୟ ଜିଲ୍ଲା ଗୁଡିକୁ ମଧ୍ୟ ବ୍ୟାପିବାରେ ଲାଗିଛି। କେବଳ କଳକାରଖାନା ଗୁଡିକ ସ୍ୱାର୍ଥକୁ ପ୍ରାଥମିକତା ଦେଇ ସରକାର ପଶ୍ଚିମ ଓଡ଼ିଶାର ଜନସାଧାରଣ ଏକ ସ୍ଲୋ ଡେଥ୍ ଆଡ଼କୁ ଠେଲି ଦେଉଛନ୍ତି। କେନ୍ଦ୍ରୀୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଶ୍ୟାମ ମେଟାଲିକ୍ସକୁ ପ୍ରଦୁଷଣ ଯୋଗୁଁ ବନ୍ଦ କରିଥିଲେ। ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିପରି ଏ ବିଷୟରେ ଅବଗତ ନଥିଲା। ପୁଣି କାହା ସ୍ୱାର୍ଥରେ ଏହି ବନ୍ଦ କାରାଖାନା ଖୋଲାଗଲା ବୋଲି ପ୍ରଶ୍ନ କରିଥିଲେ। ତେବେ ଆଗାମୀ ଦିନରେ ଏହାକୁ ବରଦାସ୍ତ କରାଯିବ ନାହିଁ। ଜନସାଧାରଣଙ୍କ ହିତକୁ ନଜରରେ ରଖି ଆନ୍ଦୋଳନ ଦୁର୍ବାର କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ଦେବନାରାୟଣ ତିୱାରୀ ଓ ଏମ୍‌ବି ସତ୍ୟେନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି ଜୁନିୟର ବାଳକ ବାଳିକ କବାଡି, ଭଲିବଲ୍ ଓ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ



ବରଗଡ,(ସବ୍ୟୁ) : ଓଡ଼ିଶା ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଓଡ଼ିଶା କବାଡ଼ି ଏସୋସିଏସନ୍ ଆନୁକୁଲ୍ୟରେ ଓ ଜିଲ୍ଲା କ୍ରୀଡା ସଂସଦ ବରଗଡର ସହଯୋଗରେ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଯୁକ୍ତ ଦୁଇ ମହାବିଦ୍ୟାଳୟ ଠାରେ ସିଏମ ଟ୍ରଫି ଜୁନିୟର ବାଳକ ବାଳିକ କବାଡି ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି। ଉଭୟ ବାଳକ ଓ ବାଳିକା ବିଭାଗ ଫାଇନାଲରେ ଯଥାକ୍ରମେ ମାଣ୍ଡୋସିଲ ଓ ବାଳିକା ବିଭାଗରେ ପେଟୁପାଲି ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ୧୦ ଟି ଦଳ ଭାଗ ନେଇଥିବା ବେଳେ , ୬ ଟି ବାଳିକା ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତା ପରିଚାଳନାରେ ବୈବସ୍ୱତ ପ୍ରଧାନ , ସୁମନ୍ତ ସାହୁ, ସୁଦର୍ଶନ ମହାକୁର , ହେମସାଗର ସାହୁ , ଅଜିତ ପ୍ରଧାନ, କ୍ଷୀରୋଦ୍ର ଦାଶ, ଉଦ୍ଧବ ଡନସନା , ଉମାଶଙ୍କର ସାହୁ , ଗଣେଶ ଭୋଇ ଓ ଝରଣା ଦାଶ ସହଯୋଗ କରିଥିଲେ ।

ସେହିପରି ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଓଡ଼ିଶା ଖୋ ଖୋ ଏସୋସିଏସନ୍ ସହଯୋଗରେ ଓ ଜିଲ୍ଲା କ୍ରୀଡା ସଂସଦ ବରଗଡର ସହଯୋଗରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗାଇସିଲେଟ ୟୁପି ସ୍କୁଲ ଠାରେ ଅନୁଷ୍ଠିତ ପ୍ରତିଯୋଗିତାର ବାଳକ ବିଭାଗରେ ବଡ଼ମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜେତା ହୋଇଥିବା ବେଳେ ଓ ବାଳିକା ବିଭାଗରେ ଗାଇସିଲେଟ ସ୍କୁଲ ଉପ ବିଜେତା ହୋଇଥିଲେ । ସେହିପରି ବାଳିକା ବିଭାଗରେ ଗାଇସିଲେଟ କ ଦଳ ବିଜେତା ଓ ଗାଇସିଲେଟ ଖ ଦଳ ଉପ ବିଜେତା ହୋଇଥିଲେ।

ଅନ୍ୟ ପକ୍ଷରେ ଓଡିଶା ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଓଡ଼ିଶା ଭଲିବଲ ଏସୋସିଏସନ୍ ପକ୍ଷରୁ ଓ ଜିଲ୍ଲା କ୍ରୀଡା ସଂସଦ ବରଗଡର ସହଯୋଗରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଭଲିବଲ୍ ପ୍ରତିଯୋଗିତାର ବାଳକ ବିଭାଗରେ ଆମ୍ଭଭୋନା ଦଳ ବିଜେତା ଓ ପେଟୁପାଲି ଦଳ ଉପ ବିଜେତା ଏବଂ ବାଳିକା ବିଭାଗରେ ପେଟୁପାଲି ବିଜେତା ଓ ଅମ୍ଭାଭୋନା ଦଳ ଉପ ବିଜେତା ହୋଇଥିଲା।

# ଗଞ୍ଜେଇ ଜବତ, ୩ ଗିରଫ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ନିଶା କାରବାର ବିରୋଧରେ ପୋଲିସକୁ ମିଳିଛି ସଫଳତା। କୋମନା ଥାନା ପୋଲିସ ପକ୍ଷରୁ କରାଯାଇଥିବା ଏକ ବିଶେଷ ଅଭିଯାନରେ ପ୍ରାୟ ୧୭ କେଜି ୮୨୦ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ଥିଲା। ସୂଚନା ଅନୁଯାୟୀ, ଗତକାଲି ବୁଧବାର ଦିନ କୋମନା ପୋଲିସ ଦୁଇଟି ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ବରକୋଟ ଗ୍ରାମ ଠାରୁ ୬ କେଜି ୩୨୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହା ସହ ଗୋଟିଏ ବାଇକ୍ ଏବଂ ଗୋଟିଏ ମୋବାଇଲ୍ ଫୋନ ମଧ୍ୟ ପୋଲିସ ହାତରେ ଲାଗିଛି। ନୂଆଗାଁ ଫୁଟବଲ ପଡ଼ିଆ ନିକଟରୁ ପୋଲିସ ୧୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଉଦ୍ଧାର କରିଛି। ଏଠାରୁ ମଧ୍ୟ ଏକ ବାଇକ୍ ଓ ମୋବାଇଲ୍ ଫୋନ ଜବତ ହୋଇଛି । ଅପରେସନରେ ପୋଲିସ ମୋଟ ୧୭ କେଜି ୮୨୦ ଗ୍ରାମ କେଜି ଗଞ୍ଜେଇ, ୨ଟି ବାଇକ ଏବଂ ୨ଟି ମୋବାଇଲ୍ ଫୋନ ଜବତ କରିଛି। ଗିରଫ ହୋଇଥିବା ୩ ଜଣ ଅଭିଯୁକ୍ତଙ୍କୁ ଏନଡିପିଏସ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ନିଶାମୁକ୍ତ ସମାଜ ଗଠନ ପାଇଁ ନୁଆପଡ଼ା ପୋଲିସ ସର୍ବଦା ପ୍ରତିବଦ୍ଧ। ଏହି କାରବାର ପଛରେ ଥିବା ଅନ୍ୟ ସଂଯୋଗର ତଦନ୍ତ ଜାରି ରହିଛି ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# କଳସ ଯାତ୍ରା ସହ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ



ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ବିରାଟ କଳସ ଶୋଭାଯାତ୍ରା ମାଧ୍ୟମରେ ନବନିର୍ମିତ ଭବ୍ୟ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ପ୍ରାୟ ୫ ଶହ ମହିଳା ସ୍ଥାନୀୟ ଉଦନ୍ତୀ ନଦୀରୁ ଅଭିମନ୍ତ୍ରିତ ପୂର୍ଣ୍ଣ କଳସ ଧାରଣ କରିନଗର ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । କଳସ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଣ୍ଟ, ସଂକୀର୍ତ୍ତନ, ଘୁମୁରା, ରାମକାଠି ଆଦି ପାରମ୍ପରିକ ସାଂସ୍କୃତିକ ଦଳ ମୁଖ୍ୟ ଆକର୍ଷଣ ଥିଲା । ମନ୍ଦିର ପ୍ରତିଷ୍ଠା ଅବସରରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା, ବିଗ୍ରହଙ୍କ ନଗର ପରିକ୍ରମା, ଧ୍ୱଜାରୋହଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆସନ୍ତା ସୋମବାର ଯାଏଁ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନା କମିଟିରେ ସଭାପତି ସୁବାଷ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶରାମ ମେହେର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମେହେରଙ୍କ ସହ ଲୋକନାଥ ମେହେର, ଉଦ୍ଧବ ମେହେର, କ୍ଷୀରସିନ୍ଧୁ ମେହେର, ପ୍ରମୋଦ ମେହେର, ମୁରଲୀଧର ମେହେର, କେଶରୀ ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆଗେଇ ଚାଲିଥିବା ଜଣାପଡିଛି । ଏଥିସହ ହରେକୃଷ୍ଣ ମେହେର, ଲମ୍ବୋଦର ମେହେର, ବନ୍ଧୁ ଅଗ୍ରୱାଲ, ସୁବାଷ ଗର୍ଗ, ବିଘ୍ନରାଜ ମେହେର, ରସିକ ମେହେର, ଈଶ୍ୱର ପ୍ରସାଦ ମେହେର, ଆଲୋକ ମେହେର, ପ୍ରମୋଦ ମେହେର, ଗିଘୁଧର ସା ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱରେ ରହିଛନ୍ତି । ସେହିପରି ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଓ ସାଥି ପୂଜା ଦାୟିତ୍ୱରେ ରହିଛନ୍ତି। ଶୋଭାଯାତ୍ରାରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ସାମ୍ବାଦିକ ଶରତ ସୁନାନୀଙ୍କ ପରଲୋକ

କଳମପୁର, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକର ସାମ୍ବାଦିକ ଶରତ ଚନ୍ଦ୍ର ସୁନାନୀ (୪୬) ନିକଟସ୍ଥ ପୋଟେଶ ଗାଁ ରେ ବସବାସ କରୁଥିଲେ । ସାମ୍ବାଦିକତା କ୍ଷେତ୍ରରେ ଅନେକ ସମସ୍ୟାକୁ ଲୋକଲୋଚନକୁ ଆଣି ସେ ଲୋକଙ୍କ ପ୍ରୀୟଭାଜନ ହୋଇପାରିଥିଲେ । ତାଙ୍କର ଆଜି ପରଲୋକ ହୋଇଛି । ପରିବାରରେ ସ୍ତ୍ରୀ ଉକିଆ ତିନି ଝିଅ ଭାରତୀ,ନମ୍ରତା, ଏବଂ ଦିଲେଶ୍ୱରୀ ରହିଛନ୍ତି। ତାଙ୍କ ଅସୁସ୍ଥାକୁ ନେଇ କଳମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ମୃତ୍ୟୁ ହୋଇଥିବା ପ୍ରକାଶ କରିଥିଲେ । ପରେ ତାଙ୍କ ମର ଶରୀରକୁ ନିଜ ଗାଁକୁ ନିଆଯାଇଥିଲା । ଭାଇ ବିନୋଦ ସୁନାନୀ ମୁଖାଗ୍ନି ଦେଇଥିଲେ । ଶବ ସଂସ୍କାର ବେଳେ ପରିବାର, ବନ୍ଧୁ ବାନ୍ଧବ, ସମ୍ପର୍କୀୟ ତଥା ଅଞ୍ଚଳର ସାମ୍ବାଦିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate Kalampur on dtd 26.09.2025 I Kumuda Bag S/O Jalandhar Bag Resident of village At-Bhatigaon Po-Mandal Ps-Kalampur Dist-Kalahandi (odisha) Pin-766013, I declar that I have change my name from Muna Bag S/O- Jalandhar Bag to Kumuda Bag S/O-Jalandhar Bag , Kumuda Bag and Muna Bag is a one and same porson Henceforth I Shall be Known as Kumuda Bag for all purpose

# ମହିଳା ବିଲ୍ ଗୃହୀତ ନାମରେ କେନ୍ଦ୍ର ସରକାର ହୀନ ରାଜନୀତି କରୁଛି : କଂଗ୍ରେସ



ଭବାନୀପାଟଣା, (ସବ୍ୟୁ): କେନ୍ଦ୍ର ସରକାର ମହିଳା ସରଂକ୍ଷଣ ବିଲ୍ କୁ ନେଇ ଆଣିଥିବା ସଂଶେଶଧନକୁ କଂଗ୍ରେସ ନାଟକ ବାଜି ବୋଲି ଅଭିଯୋଗ କରିଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କହିଲେ ଯେ କେନ୍ଦ୍ର ମୋଦୀ ସରକାର ମହିଳା ମାନଙ୍କୁ ଢ଼ାଲ କରି ରାଜନୈତିକ ଉଦ୍ଦେଶ୍ୟ ହାସଲ ପାଇଁ ଏକ ହୀନ ଓ ଲଜ୍ଜାକର ପ୍ରୟାସ କରୁଛନ୍ତି। ମହିଳା ମାନଙ୍କ ସାମ୍ବିଧାନିକ ଅଧିକାରକୁ ବଞ୍ଚିତ କରି ବାକୁ ଯେଉଁ ହୀନ ଚକ୍ରାନ୍ତ ମୋଦୀ ସରକାର କରୁଛନ୍ତି ସେଥିରୁ କେନ୍ଦ୍ର ସରକାର ବିରତ ରହନ୍ତୁ ନଚେତ୍ କଂଗ୍ରେସ ଏହାର ଉଚିତ୍ ଜାବାବ ଦେବ। ପ୍ରଧାନମନ୍ତ୍ରୀ ଭଳି ପଦବୀର ଗାରିମାକୁ ମୋଦୀ ଭ୍ରୂକ୍ଷେପ ନ କରି ଖୋଲଖୋଲି ନିର୍ବାଚନ ଆଚରଣ ର ଉଲଘଂନ କରିଛନ୍ତି। ଦେଶର ୨ ଟି ରାଜ୍ୟରେ ନିର୍ବାଚନ ହେବାକୁ ଥିବାବେଳେ ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରି ସଂସଦ ଭଳି ସ୍ଥାନରେ ମହିଳା ବିଲ ପାସ ହେଲା ନାହିଁ କାହିଁକି ବୋଲି ବିରୋଧୀ ଦଳକୁ ସମାଲୋଚନା କରି ନିର୍ବାଚନ ବୈତରଣୀ ପାର ହେବା ଭଳି ହୀନ ଓ ଲଜ୍ଜା ଜନକ ଭାବେ ନିର୍ବାଚନ ପ୍ରଚାର କରିଥିଲେ।

ଗତ ୨୦୨୩ ରେ ସର୍ବସମ୍ମତି କ୍ରମେ ମହିଳା ବିଲ୍ ଲାଗୁ ହୋଇଥିଲା ତାହାକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରନ୍ତୁ। ତାହା ଲାଗୁ ନ କରି ରାଜନୈତିକ ଫାଇଦା ହାସଲ ପାଇଁ ମହିଳା ବିଲ୍ ପାସ କଥା ଉଠାଇ ଗାରିମା କ୍ଷତି କରିଛନ୍ତି। ଜାତୀୟ ଗଣମାଧ୍ୟମରେ ସଂସଦ ଭଳି ସ୍ଥାନରେ ପ୍ରଧାନମନ୍ତ୍ରୀ ରାଜନୈତିକ ଭାଷଣ ଦେବା ଦୁଃଖ ଓ ଲଜ୍ଜା ଜନକଛ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ସାଂସଦ ରେ ରାଜନୀତି ଭାଷଣ ଦେଇଥିଲେଛ ବିଲ୍ ପାସ ସମ୍ପର୍କରେ ଆଲୋଚନା ଯେତେ ନ କରି ରାଜନୈତିକ ହାସଲ ପାଇଁ ବିରୋଧୀ ଦଳ ଏବଂ କଂଗ୍ରେସ ଦଳ ବିରୋଧରେ ବେଶୀ ସମାଲୋଚନା କରି କହିଥିଲେ। ଏହା ଭଳି ହୀନ ରାଜନୀତି କୁ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ମହିଳା ବିଲ୍ ସପକ୍ଷରେ ରହିଚି। ଗତ ୨୦୨୩ ରେ ଲାଗୁ ହୋଇଥିବା ମହିଳା ବିଲ୍ କୁ ଲାଗୁ କରୁଛ ମହିଳା ବିଲ୍ କୁ ଢ଼ାଲ କରି ସୀମା ପୁନଃ ନିର୍ଦ୍ଧାରଣ କରି ସବୁଦିନ ପାଇଁ ବିଜେପି କ୍ଷମତାରେ ରହିବା ସକାସେ କରୁଥିବା ହୀନ ଓ ଲଜ୍ଜା ଜନକ ଚକ୍ରାନ୍ତ କୁ କଂଗ୍ରେସ ବିରୋଧ କରିବ। ଏହି ବିଲ ଦ୍ୱାରା ଓଡିଶା ଯେପରି ବଳି ନ ପଡ଼ିବ ସେଥିପାଇଁ ପି ସି ସି ସଭାପତି ତୁରନ୍ତ ବିଧାନସଭା ଡାକି ସର୍ବସମ୍ମତି କ୍ରମେ ଆଲୋଚନା କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଡି ସି ସି ସଭାପତି ଭାରତ ଭୂଷଣ ବେମାଲ ମଧ୍ୟ କେନ୍ଦ୍ର ସରକାରଙ୍କ ଏହି ହୀନ ରାଜନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାୟକ, ପୂର୍ବତନ ସଭାପତି ଜୟଦେବ ନାୟକ, ଜିଲା ସାଧାରଣ ସମ୍ପାଦକ ନୀମାଞ୍ଚଳ ନାୟକ, ସୁବାଷ ପ୍ରଧାନ, ପ୍ରୀତମ ବେହେରା, ବାବା ଖାଁ, ସୁଦର୍ଶନ ବିଶ୍ୱାଳ, ଭାଗବତ୍ ବାବୁ, ଜିଲା ଗଣମାଧ୍ୟମ ସଂଯୋଜକ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before the Exeutive Magistrate Kalampur on dtd 06.10.2025 I Rangadhar Pradhani S/O Ananta Pradhani Resident of village At-Bhalagaon Po-Kotagaon Ps-Kalampur Dist-Kalahandi (odisha) Pin-766013 I declar that I have change my son name from Manu Pradhani S/O- Rangadhar Pradhani to Manoj Pradhani S/O-Rangadhar Pradhani , Manoj Pradhani and Muna Pradhani is a one and same porson Henceforth I Shall be Known as Manoj Pradhani for all purpose

**AFFIDAVIT**

By virtue of an affidavit sworn before Notary Public, Borigumma, dated 21.04.2026, I BHAGATRAM GADABA Address-Kanheijaba, Po-Jujhari, PS-Borigumma, Dist-Koraput, Odisha-764056 declare that I have changed the name of My daughter from KEMANTI GADABA(Old Name) to HEMANTI GADABA(New Name) and date of birth is 11.09.2011. Henceforth , she shall be known as HEMANTI GADABA(New Name) for all purposes.

Bhagatram Gadaba

**ମହକୁମେ, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା-ସମ୍ବଲପୁର**

Order 5 Rule 20 C.P.C.

ସିଭିଲ ମୋକଦ୍ଦମା ନଂ. ୬୬/୨୦୨୫

ଦ୍ରୌପଦି ମେହେର ............................................ ବାଦୀ

ବନାମ

ବରୁଣ ମେହେର ଓ ଅନ୍ୟମାନେ ................................ ପ୍ରତିବାଦୀ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ. ୧. ବରୁଣ ମେହେର, ବୟସ ୮୦ ବର୍ଷ, ପିତା- ସ୍ୱର୍ଗତ ନାରାୟଣ ମେହେର,
ପ୍ରତିବାଦୀ ନଂ.୨. ସୁରଥ ମେହେର, ବୟସ ୬୨ ବର୍ଷ,
ପ୍ରତିବାଦୀ ନଂ. ୩. ସନ୍ତୋଷ ମେହେର, ବୟସ ୬୦,
ଉଭୟ ପିତା- ସ୍ୱର୍ଗତ ଜର୍ନାଦନ ମେହେର, ସମସ୍ତ ନିବାସୀ-ମହୁଲମୁଣ୍ଡା, ପୋ.ଅ.- ଗୌଡ଼ପାଲି, ଥାନା-ଜମନକିରା, ଜିଲ୍ଲା-ସମ୍ବଲପୁର ।

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦ୍ରୌପଦି ମେହେର, ପିତା– ସ୍ୱର୍ଗତ ସନାତନ ମେହେର ଓ ସ୍ୱାମୀ–ସ୍ୱର୍ଗତ ଲମ୍ବୋଦର ମେହେର, ନିବାସୀ–ମହୁଲମୁଣ୍ଡା (କୁଲୁଣ୍ଡି), ପୋ.ଅ.– ଗୌଡ଼ପାଲି, ଥାନା–ଜମନକିରା, ଜିଲ୍ଲା–ସମ୍ବଲପୁର । ତୁମ୍ଭମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ କୁଲୁଣ୍ଡି ମୌଜା ସ୍ଥିତ ଖାତା ନଂ. ୧୮୪ ଏବଂ ଗୌଡ଼ପାଲି ମୌଜାର ଖାତା ନଂ. ୭୨ ପାଇଁ ଦୁହି ଖାତାର ସମସ୍ତ ଜମି ପାଇଁ ଭାଗବଣ୍ଟା (Partition) ନିମନ୍ତେ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି । ତୁମ୍ଭଙ୍କୁ ଅଦାଲତ ତରଫରୁ ନୋଟିସ ଯାଉଥିଲେ ମଧ୍ୟ ତୁମ୍ଭେ ଜାଣିଶୁଣି ଏହାକୁ ଗ୍ରହଣ ନ କରି ଅଗ୍ରାହ୍ୟ କରୁଥିବା ପ୍ରତିତ ହେଉଅଛି ।

ଏଣୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା.୦୪.୦୫.୨୬ ରିଖ ସମୟ ୧୦.୦୦ ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ କରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ ମୋକଦ୍ଦମାଟି ତୁମ୍ଭମାନଙ୍କ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।

ସ୍ୱା/- ବରିଷ୍ଠ ଦେୱାନୀ ବିଚାରପତି କୁଚିଣ୍ଡା, ଜିଲ୍ଲା-ସମ୍ବଲପୁର

# ସମ୍ପାଦକୀୟ



## ମହାନଦୀ ଟ୍ରିବ୍ୟୁନାଲଙ୍କ ଗତି କୁଆଡେ ?

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏବେ ଉଭୟ ଓଡ଼ିଶା ଓ ଛତିଶଗଡ ରାଜ୍ୟ ଦୁଇଟିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅବଶ୍ୟ ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ସମ୍ଭବ ହୋଇନାହିଁ । ମାତ୍ର ଏହି ଟ୍ରିବ୍ୟୁନାଲ ଉଭୟ ରାଜ୍ୟଙ୍କ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି କାହିଁକି ? ଦୋଷ କରିଛି ଛତିଶଗଡ଼ । ଓଡ଼ିଶା ଉପରେ ଅଯଥା ଅସନ୍ତୋଷ ପ୍ରକାଶ କରି ଲାଭ କ'ଣ ? ଏହି ଟ୍ରିବ୍ୟୁନାଲଙ୍କ ଦୋଷ ହେଉଛି ଯେ ସେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର କାର୍ଯ୍ୟ କରି ପାରିଲେ ନାହିଁ । ଏପରିକି ଏହି ଟ୍ରିବ୍ୟୁନାଲ ଗଠନ କରିଥିବା କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରଣାଳୟଙ୍କୁ ଟ୍ରିବ୍ୟୁନାଲ କାର୍ଯ୍ୟ ଶେଷ କରିବା ପାଇଁ ଅଧିକ ସମୟ ମାଗିବାରୁ, ମନ୍ତ୍ରଣାଳୟ ଟ୍ରିବ୍ୟୁନାଲର ଅବଧିକୁ ଅଧିକ ନଅ ମାସ ଯାଏଁ ବଢ଼ାଇ ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଉଲ୍ଲେଖନୀୟ ଯେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ ତାରିଖରେ ଏହି ଟ୍ରିବ୍ୟୁନାଲ ଗଠନ କରିଥିଲେ । ଟ୍ରିବ୍ୟୁନାଲ ଯେପରି ଚାଲିବା କଥା, ସେପରି ଚାଲି ନଥିଲା । ୨୦୧୯ ଡିସେମ୍ବର ୧୪ ତାରିଖରେ ଟ୍ରିବ୍ୟୁନାଲ ଏହି ମହାନଦୀ ଜଳ ବିବାଦର ଶୁଣାଣୀ ଆରମ୍ଭ କରିଥିଲେ । ଏହା ପରେ ଟ୍ରିବ୍ୟୁନାଲର କାର୍ଯ୍ୟ କରୋନା ମହାମାରୀ ଆଳରେ ଧିମେଇ ଯାଇଥିଲା । ୨୦୨୦ ମାର୍ଚ୍ଚ ମାସରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କରୋନା ମହାମାରୀ ଯୋଗୁଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟ ଆଗେଇ ପାରିଲା ନାହିଁ । ଫଳରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ୨୦୨୪ ମସିହା ଏପ୍ରିଲ ୧୪ ତାରିଖରୁ ଅଧିକ ଦୁଇବର୍ଷ ପାଇଁ ବୃଦ୍ଧି କରିଥିଲେ । ଗତ ଏପ୍ରିଲ ୧୩ ତାରିଖ ସୁଦ୍ଧା ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଆଉ ନଅ ମାସ ପାଇଁ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ ତାରିଖ ସୁଦ୍ଧା ବୃଦ୍ଧି କରିଥିଲେ ।

> ଦୀର୍ଘ ଆଠ ବର୍ଷ ହେଲା ଟ୍ରିବ୍ୟୁନାଲ କି କି କାର୍ଯ୍ୟ କରିଛନ୍ତି ? କେନ୍ଦ୍ର ସରକାରଙ୍କ ରାଜକୋଷରୁ ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବ । ମାତ୍ର ନିଜର ଦୋଷତ୍ରୁଟିକୁ ଲୁଚାଇ ଏବେ ଉଭୟ ରାଜ୍ୟ ଉପରେ ନାଲି ଆଖି ଦେଖାଇବା ଉଚିତ ହେଉନାହିଁ । ଛତିଶଗଡ଼କୁ ଟ୍ରିବ୍ୟୁନାଲ ଏ ପର୍ଯ୍ୟନ୍ତ ଦୋଷାରୋପ ନ କରିବା ଯଥାର୍ଥ କି ? ଜବାବ ଦିଅନ୍ତୁ ।

ବିଭିନ୍ନ ସମୟରେ ଟ୍ରିବ୍ୟୁନାଲ ତାଙ୍କର କାର୍ଯ୍ୟ ଦକ୍ଷତା ଦେଖାଇ ପାରିଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ମହାନଦୀ ହେଉଛି ଓଡ଼ିଶାର ସବୁଠାରୁ ବଡ଼ ନଦୀ । ଯଦିଓ ମହାନଦୀ ବସ୍ତାରର ଅମରକଣ୍ଟକ ପାହାଡ଼ରୁ ବାହାରିଛି । ମହାନଦୀର ଦୈର୍ଘ୍ୟ ସମୁଦାୟ ୮୫୧ କିଲୋମିଟର । ଓଡ଼ିଶା ମଧ୍ୟରେ ଏହାର ଦୈର୍ଘ୍ୟ ହେଉଛି ୪୯୪ କିଲୋମିଟର । ହୀରାକୁଦ ନଦୀବନ୍ଧର କାର୍ଯ୍ୟ ୧୯୫୭ ମସିହାରେ ଶେଷ ହୋଇଥିଲା । ଓଡ଼ିଶା ଓ ମଧ୍ୟପ୍ରଦେଶ (ଏବର ଛତିଶଗଡ଼) ମଧ୍ୟରେ ଯେଉଁ ରାଜିନାମା ୧୯୮୩ ମସିହାରେ ହୋଇଥିଲା, ତାହାକୁ ଛତିଶଗଡ଼ ଅମାନ୍ୟ କରୁଛି । ଓଡ଼ିଶା ସହିତ ପରାମର୍ଶ ନ କରି ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ନଦୀବନ୍ଧ ଓ ଆନିକଟ ବେଆଇନ ଭାବେ ନିର୍ମାଣ କରି ଚାଲିଛି । ଫଳରେ ହୀରାକୁଦ ଜଳଭଣ୍ଡାରରେ ଜଳାଭାବ ଦେଖାଯାଇଛି । ତଦ୍ଦ୍ୱାରା ଓଡ଼ିଶାର ଚାଷ ଓ ଅନ୍ୟାନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଟ୍ରିବ୍ୟୁନାଲ ଏଥିପ୍ରତି ଆଖି ବୁଜି ଦେଇ ଉଭୟ ରାଜ୍ୟ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି କାହିଁକି ?

ଦୀର୍ଘ ଆଠ ବର୍ଷ ହେଲା ଟ୍ରିବ୍ୟୁନାଲ କି କି କାର୍ଯ୍ୟ କରିଛନ୍ତି ? କେନ୍ଦ୍ର ସରକାରଙ୍କ ରାଜକୋଷରୁ ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବ । ମାତ୍ର ନିଜର ଦୋଷତ୍ରୁଟିକୁ ଲୁଚାଇ ଏବେ ଉଭୟ ରାଜ୍ୟ ଉପରେ ନାଲି ଆଖି ଦେଖାଇବା ଉଚିତ ହେଉନାହିଁ । ଛତିଶଗଡ଼କୁ ଟ୍ରିବ୍ୟୁନାଲ ଏ ପର୍ଯ୍ୟନ୍ତ ଦୋଷାରୋପ ନ କରିବା ଯଥାର୍ଥ କି ? ଜବାବ ଦିଅନ୍ତୁ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପଞ୍ଚାୟତିରାଜ ଭିତ୍ତିଭୂମିରୁ ଅନ୍ତୋଦୟ



**ରବି ନାରାୟଣ ନାଏକ**

ଇଂରେଜମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀର ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା । ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ । ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଜଡିତ ହୋଇ ଆରମ୍ଭ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା ।

ସମ୍ବିଧାନର ୭୩ ତମ ସଂଶୋଧନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା, ଯାହା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା ।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲା ପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା । ସେଗୁଡିକ ହେଲା ଲୋକ ଆଧାରିତ ବିକାଶ, 'ଗ୍ରାମସଶକ୍ତୀକରଣ', 'ଅନ୍ତର୍ଭୁକ୍ତି ଅଭିବୃଦ୍ଧି', 'ପ୍ରଯୁକ୍ତି ବିଦ୍ୟାର ଉନ୍ନତି', 'ସାଂସ୍କୃତିକ ଅସ୍ମିତା' ଏବଂ 'ଦାୟିତ୍ୱପୂର୍ଣ୍ଣ ଶାସନ' । ଏହାକୁ ପାଥେୟକରି ପଞ୍ଚାୟତିରାଜ ବିଭାଗ ଆଗକୁ ବଢି ଚାଲିଛି ।

ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ । ଭିତ୍ତିଭୂମିର ବିକାଶ, ମୌଳିକ ସେବାଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ଆମର ଲକ୍ଷ୍ୟ । କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିଶଗୁଡିକୁ କାର୍ଯ୍ୟକାରୀ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର । ସହରୀକରଣର ଆଁ ଭିତରେ ଗାଁଗୁଡିକୁ ହଜିଯିବାକୁ ଦିଆଯିବ ନାହିଁ ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା ।

ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା- ଘର, ରାସ୍ତା ଓ ପାନୀୟ ଜଳ ଯୋଗାଇଦେବା ପଞ୍ଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ । ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଉଥିଲା, ତେବେ ଅନେକ ସ୍ଥଳରେ ସରକାରୀ ନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇ ପାରୁନଥିଲା । ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତ୍ତବ୍ୟବିମୁଢ ହୋଇ ରହିବାକୁ ବାଧ ହେଉଥିଲେ । ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ । ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେସିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇ ପାରୁଛି । ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି ।

ରାଜ୍ୟରେ ଅନୁନ୍ନତ ଜିଲ୍ଲା ଓ ପଛୁଆ ଅଞ୍ଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇଭଉଣୀମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀଗୁଡିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି । ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି । କେବଳ ଭିତ୍ତିଭୂମିର ବିକାଶ ନୁହେଁ ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରି ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତିକରଣ, ଗ୍ରାମସଭା ସଶକ୍ତିକରଣ ଓ ପାରମ୍ପାରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ଆମ ରାଜ୍ୟରେ ୧୫ଟି ଆଦିବାସୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ।

ବହୁଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡ଼କକୁ ଦେଖି ବହୁତ ଖୁସିହେଲେ । ତେବେ ଗାଁରେ ପହଞ୍ଚି ସାରିଲାପରେ ଦୀର୍ଘଶ୍ୱାସଟିଏ ମାରି କହିଲେ ସଡ଼କ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡି ସହରକୁ ଚାଲିଗଲେଣି ।

ଏହାର ଅର୍ଥ କେବଳ ସଡ଼କ, ପୋଲ, କୋଠାବାଡି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେ ନାହିଁ କିମ୍ବା ପଳାୟନ ବନ୍ଦ କରାଯାଇ ପାରିବ ନାହିଁ । ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗୀନ ବିକାଶ ।

ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡ଼କ, ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣ ମଣ୍ଡପ,କମ୍ୟୁନିଟି ସେଣ୍ଟର, ପାଠାଗାର, ଡ୍ରେନ, ପୋଖରୀ, ଗାଧୁଆ ତୁଠ, ପୋଷାକ ପରିବର୍ତ୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡା ଭିତ୍ତିଭୂମି, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇପାରିବ ।

> **୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ । ଏହାକୁ ଆଖି ଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି । ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁ କିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ । ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜୀଇଁବାର ସ୍ୱାଧୀନତା । ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି ।**

୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ । ଏହାକୁ ଆଖି ଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି ।

ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁ କିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ । ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜୀଇଁବାର ସ୍ୱାଧୀନତା । ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି ।

ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା । ଗ୍ରାମାଞ୍ଚଳରେ 'ନିଶ୍ଚିନ୍ତ କର୍ମ ନିଯୁକ୍ତି' ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ମନରେଗା ପରିବର୍ତ୍ତେ ଅନ୍ୟ ଏକ ମହତ୍ୱାକାଂକ୍ଷୀ ଯୋଜନା 'ଭିବି ଜୀ ରାମ ଜୀ' ଆରମ୍ଭ ହୋଇଛି । ଏହି ଯୋଜନାରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷି କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ ଅର୍ଥାତ୍ ୬୦ ଦିନକୁ ଏଥିରୁ ବାଦ ଦିଆଯାଇଛି । ଫଳରେ କୃଷକ ଭାଇମାନେ ନିଜ ଚାଷ କାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ ।

ବିଶେଷ କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରିପାରିବେ । କେବଳ 'ଭିବି ଜୀ ରାମ ଜୀ' ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି । ଏଥିପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଓ ସଚିବସ୍ତରୀୟ ଟାସ୍କ ଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି ।

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି । 'ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା' ମାଧ୍ୟମରେ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମ ବଜାର ଆବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି । 'ଜୀବିକା ବିକାଶ' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି । ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ ।

ବିକଶିତ ଓଡ଼ିଶା ଗଠନର ଦୀର୍ଘମିଆଦୀ ଖସଡ଼ା ସାମାନ୍ୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହଁ । ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣ ସବୁ ଉପଲବ୍ଧ ହେଲାଣି । ଆମେ କିଛି ବାଟ ଅତିକ୍ରମ କରି ସାରିଲୁଣି ଏବଂ ଆମ ଚାରିପାଖରେ ଅପାର ସମ୍ଭାବନା ଭରି ରହିଛି । ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରି ଚାଲିଛି ।

**ମନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା**

# ସେଦିନର ସଂଗ୍ରାମୀ ଭାଗୀରଥି ମହାପାତ୍ର



**ଦାଶରଥୀ ଶତପଥୀ**

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ କେତେଜଣ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ବାଜି ଲଗାଇ ଭାରତ ବର୍ଷରେ ସ୍ୱାଧୀନତା ଆଣିବାରେ ସଙ୍କଳ୍ପ ନେଇଥିଲେ, ସେମାନଙ୍କ ମଧ୍ୟରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗୀରଥି ମହାପାତ୍ର ଥିଲେ ଅନ୍ୟତମ। ଜନ୍ମ ଅବିଭକ୍ତ କଟକ ଜିଲ୍ଲାରେ ୧୮୯୩ ମସିହାରେ । ଶ୍ରୀକୃଷ୍ଣ ଏକାଡେମୀରେ ମାଇନର ସ୍କୁଲର ପ୍ରାଥମିକ ଶିକ୍ଷା । ତା ପରେ କଟକର କଲିଜିଏଟ ସ୍କୁଲ । ସେତେବେଳର ରେଭେନ୍‌ସା କଲେଜ, ବର୍ତ୍ତମାନର ରେଭେନ୍‌ସା ବିଶ୍ୱ ବିଦ୍ୟାଳୟରୁ ବି.ଏ. ଏବଂ କଲିକତାର ପ୍ରେସିଡେନ୍ସି କଲେଜରୁ ଉଭୟ ଇତିହାସ ଓ ଦର୍ଶନ ଶାସ୍ତ୍ରରେ ଏମ୍.ଏ.ବି.ଏଲ୍ ପାସ୍ ।

ଏହା ପରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ସହକାରୀ ଭାବରେ ସେ କଟକରେ ଓକିଲାତି ଆରମ୍ଭ । ସେ ଥିଲେ ଉତ୍କଳମଣି ଗୋପବନ୍ଧୁଙ୍କର ସାଥୀ । ଜଗତସିଂହପୁରର 'ଅଳକା ଆଶ୍ରମ' ସେ ପ୍ରତିଷ୍ଠା କରିଥିଲେ । ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସେ ସର୍ବପ୍ରଥମ ସମ୍ପାଦକ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ଜୀବନ ଆଦର୍ଶ, ଧର୍ମ, ସାହିତ୍ୟ, ସଙ୍ଗଠନ ପ୍ରଭୃତିଦ୍ୱାରା ପ୍ରଭାବିତ ହୋଇଥିଲା । ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନରେ ନାଗପୁର ଅଧିବେଶନ ଭାଗୀରଥୀ ମହାପାତ୍ରଙ୍କୁ ଉଦ୍‌ବୁଦ୍ଧ କରିଥିଲା, ଯାହାଫଳରେ ମାର୍ଚ୍ଚ ୧୯୨୧ରେ 'ଉତ୍କଳ ପ୍ରଦେଶ କଂଗ୍ରେସ' କମିଟି ନାମରେ ଏକ ସଙ୍ଗଠନ କଟକଠାରେ ପ୍ରତିଷ୍ଠା କରାଯାଇଥିଲା, ଯାହାର ପ୍ରଥମ ସଭାପତି ଥିଲେ ଉତ୍କଳମଣି ଗୋପବନ୍ଧୁ ଏବଂ ପ୍ରଥମ ସମ୍ପାଦକ ଭାଗୀରଥି ମହାପାତ୍ର ।

ଅସହଯୋଗ ଆନ୍ଦୋଳନ ତଥା ସ୍ୱରାଜ୍ୟ ବିଷୟରେ ପ୍ରାୟ ପ୍ରତ୍ୟେକ ସଭାର ନେତୃତ୍ୱ ନେଉଥିଲେ ସ୍ୱର୍ଗତଃ ଭାଗୀରଥି ମହାପାତ୍ର । ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଭାଗୀରଥି ମହାପାତ୍ରଙ୍କର ଭୂମିକା ମଧ୍ୟ ଥିଲା ଅତ୍ୟନ୍ତ ପ୍ରଶଂସନୀୟ । ତାଙ୍କର ତ୍ୟାଗ ଓ ତପସ୍ୟା ବଳରେ ଏହା ସମ୍ଭବ ହୋଇ ପାରିଥିଲା । ପରାଧୀନ ଭାରତରେ ସେ ତତ୍କାଳୀନ ଇଂରେଜ ସରକାରଙ୍କ ଦ୍ୱାରା ବହୁବାର କାରାବରଣ କରିଥିଲେ ।

ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଜୀବନାଦର୍ଶ ଏ ଜାତି, ସମାଜ ଓ ବିଶେଷକରି ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ହେଉଛି ପ୍ରେରଣାର ଉତ୍ସ । ହୁଏତ ମଧୁବାବୁଙ୍କର ସହକାରୀ ଓକିଲଭାବେ କାର୍ଯ୍ୟ ଆରମ୍ଭ କରିଥିବା ଭାଗୀରଥି ଯଦି ସେହି ବୃତ୍ତିରେ ରହିଥାନ୍ତେ ନିଶ୍ଚିତ ଭାବେ ଏକ ନାମକରା ଓକିଲଭାବେ ସେ ଭାରତବର୍ଷରେ ପରିଗଣିତ ହୋଇ ପାରିଥାନ୍ତେ । ନିଜର ସ୍ୱାର୍ଥ ଅପେକ୍ଷା ଜାତୀୟ ସ୍ୱାର୍ଥ ଥିଲା ତାଙ୍କ ପାଇଁ ସେ ସମୟରେ ଏକ ବିରାଟ ଆହ୍ୱାନ । ଆଦର୍ଶ, ନିଷ୍ଠା, ତ୍ୟାଗ



ଓ ସେବାର ଥିଲେ ସେ ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କର ନଥିଲା କ୍ଷମତା ବା ପଦପଦବୀର ଲାଳସା । ନିର୍ବାଚନ ଯୁଦ୍ଧରେ ସେ ଥିଲେ ସାରଥୀ କିନ୍ତୁ ନିଜେ କେବେ ନିର୍ବାଚନ ଲଢ଼ି ନଥିଲେ ।

୧୯୩୭ରୁ ୧୯୪୦ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ସର୍ବ ପ୍ରାଚୀନ ମ୍ୟୁନିସିପାଲଟି କଟକର ପ୍ରଥମ କଂଗ୍ରେସ ଚେୟାରମ୍ୟାନ ଥିଲେ । ୧୯୪୭ ମସିହା ପର୍ଯ୍ୟନ୍ତ ସେଣ୍ଟ୍ରାଲ୍ (Dରଭସ୍ବକ୍ସବକ୍ଷ) ଆସେମ୍ବ୍ଲିର ସଦସ୍ୟ ଏବଂ ୧୯୫୬ରୁ ୧୯୬୨ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାରୁ ରାଜ୍ୟସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ତିରୋଧାନ ଘଟିଥିଲା ୮୨ ବର୍ଷ ବୟସରେ ତା ୨.୮.୧୯୭୫ ମସିହାରେ ।

ମଣିଷ ହୋଇ ଜନ୍ମ ହେଲେ ମୃତ୍ୟୁ ନିଶ୍ଚିନ୍ତ କିନ୍ତୁ ଏହି ଯୋଗଜନ୍ମା ସ୍ୱାଧୀନତା ସଂଗ୍ରାମୀଙ୍କର ବିଶେଷକରି ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଜାତୀୟ ଚେତନା, ଜାତୀୟ ଭାବନାର ବିକାଶ ଓ ପ୍ରସାର ପାଇଁ ତାଙ୍କର ତ୍ୟାଗ ଓ ଦାନ ଅତୁଳନୀୟ । ଜମିଦାର ପରିବାରରେ ଜନ୍ମ ହୋଇ ଏକ କୃତିଛାତ୍ର ହିସାବରେ ନିଜର କୃତିତ୍ୱ ସୃଷ୍ଟି କରିଥିବା ମହାତ୍ମାମାନଙ୍କୁ ସଂସାରରେ ଲୋଭ, ଆସକ୍ତି, ମାୟା, ମୋହ ପ୍ରଭୃତି ବାନ୍ଧି ରଖି ପାରି ନଥିଲା । ଜାତୀୟତାବାଦର ଧ୍ୱନି ତାଙ୍କ ଅନ୍ତରାତ୍ମାକୁ ଭାବାବେଗରେ ବାନ୍ଧି ରଖିଥିଲା ।

ଆଜି ସେ ଆମ ଗହଣରେ ନାହାନ୍ତି ସତ, ତଥାପି ତାଙ୍କର ତ୍ୟାଗ, ଆଦର୍ଶ ଓ ବିଶେଷକରି ଜଗତସିଂହପୁର ଅଳକା ଆଶ୍ରମ ପ୍ରତି ତାଙ୍କର ଅବଦାନ ଆମ ସମସ୍ତଙ୍କୁ ଏକତ୍ର ସୂତ୍ରରେ ବାନ୍ଧି ରଖି ପାରିଛି । ଆଜି ଏ ପବିତ୍ର ତିରୋଧାନ ଦିବସରେ ସେହି ଅମର ଆତ୍ମାପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଶ୍ରଦ୍ଧା ସୁମନ ।

**(୧୩୪ ତମ ଜୟନ୍ତୀ ଉପଲକ୍ଷେ)**

**ଭୁବନେଶ୍ୱର**
**ମୋ-୯୪୩୮୦୮୧୭୧୩**

# ସକାରାତ୍ମକ ଚିନ୍ତା

**ପ୍ରଭାତ କୁମାର ମହାପାତ୍ର**

ପ୍ରାୟତଃ କଥାରେ କୁହନ୍ତି, ଯେପରି ତୁମେ ଚିନ୍ତା କରିବ, ସେହିପରି ତୁମେ ହୋଇଯିବ । କିନ୍ତୁ ଏହି ନୀତି କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଚିନ୍ତାଧାରା କାର୍ଯ୍ୟରେ ପରିଣତ ହୁଏ । ତେଣୁ ଆମକୁ ଦୃଢ ଭାବରେ ମନରେ ସକାରାତ୍ମକ ଭାବନା ଆଣିବାକୁ ହିଁ ପଡ଼ିବ ।

ପୁନଶ୍ଚ ମାନବ ଜୀବନ ଦୁଇଟି ସ୍ତମ୍ଭ ଉପରେ ନିର୍ଭର କରେ: ଚିନ୍ତାଧାରା ଏବଂ ଆଚରଣ । ଏହି ଦୁଇଟି ଯେତେ ସନ୍ତୁଳିତ ଓ ସମନ୍ୱିତ, ବ୍ୟକ୍ତି ସେତେ ଭଲ, ସମାଜ ସେତେ ବିକଶିତ ଏବଂ ଜାତି ସେତେ ଉନ୍ନତ ହୋଇଥାଏ । ଏକ ହ୍ରଦକୁ ବର୍ଣ୍ଣନା କରିବା ଦ୍ୱାରା ଜଣେ ତୃଷାର୍ତ୍ତ ବ୍ୟକ୍ତିଙ୍କ ତୃଷା ମେଣ୍ଟା ଯାଇପାରିବ ନାହିଁ । ସେହିପରି, ସମାଜ କେବଳ ଚିନ୍ତାଧାରାର ଚମକ ଦ୍ୱାରା ପରିବର୍ତ୍ତନ ହୁଏ ନାହିଁ । ପରିବର୍ତ୍ତନ କେବଳ ସେତେବେଳେ ହୁଏ ଯେତେବେଳେ ଚିନ୍ତାଧାରା ଆଚରଣରେ ପରିଣତ ହୁଏ । ଯେଉଁମାନେ ଅତ୍ୟନ୍ତ ସକ୍ରିୟ କିନ୍ତୁ ସୀମିତ ଚିନ୍ତାଧାରା ରଖନ୍ତି ସେମାନେ ବିକାଶ ଅପେକ୍ଷା ଅଧିକ ବିନାଶ ଆଣନ୍ତି । ଯେଉଁମାନଙ୍କ ପାଖରେ ଉତ୍କୃଷ୍ଟ ଚିନ୍ତାଧାରାର ସମ୍ପତ୍ତି ଅଛି କିନ୍ତୁ କାର୍ଯ୍ୟର ଅଭାବ ଅଛି ସେମାନେ ସମାଜ ପାଇଁ ଉପଯୋଗୀ ହୋଇପାରିବେ ନାହିଁ ।

କେବଳ ବିଡ଼ମ୍ବନା ହେଉଛି ଯେ ଆଜିର ଚିନ୍ତାଧାରାର କୌଣସି ଅଭାବ ନାହିଁ । ଯୁଗ ଯୁଗ ଧରି ଶଙ୍କରାଚାର୍ଯ୍ୟ, ବୁଦ୍ଧ ଏବଂ ଦୟାନନ୍ଦଙ୍କ ଭଳି ମହାପୁରୁଷମାନେ ମାନବଜାତିକୁ କେବଳ ଚିନ୍ତାଧାରା ଦେଇ ନାହାନ୍ତି ବରଂ କାର୍ଯ୍ୟକୁ ପ୍ରେରଣା ମଧ୍ୟ ଦେଇଛନ୍ତି । କିନ୍ତୁ ଆଜି, ଅଗଣିତ ଉପଦେଶ ସତ୍ତ୍ୱେ, ସମାଜ ଇପ୍‌ସିତ ପରିବର୍ତ୍ତନ ଆଡ଼କୁ ଗତି କରିପାରୁନାହିଁ ।

ଏହାର କାରଣ ଗୋଟିଏ: ଶବ୍ଦ ଏବଂ କାର୍ଯ୍ୟ ମଧ୍ୟରେ ସଂଯୋଗ ଭାଙ୍ଗି ଯାଉଛି । ଯେଉଁ ଧାରଣାଗୁଡ଼ିକ କାର୍ଯ୍ୟରେ ପରିଣତ ହୁଏ ନାହିଁ ତାହା କେବଳ ବୌଦ୍ଧିକ ଅଭ୍ୟାସ । ସମୟର ଆବଶ୍ୟକତା ହେଉଛି ଚିନ୍ତା ଏବଂ କାର୍ଯ୍ୟ ମଧ୍ୟରେ ଏହି ଭଙ୍ଗା ସେତୁକୁ ପୁନଃ ସଂଯୋଗ କରିବା । ଆଧୁନିକ ମାନବଜାତିର ସମସ୍ୟାଗୁଡ଼ିକ ଚିନ୍ତାଧାରାର ଅଭାବରୁ ନୁହେଁ, ବରଂ କାର୍ଯ୍ୟାନ୍ୱୟନର ଅଭାବରୁ ବୃଦ୍ଧି ପାଇଛି । ତେଣୁ, ଏହା ଅତ୍ୟନ୍ତ ଜରୁରୀ ଯେ ଆମେ ଆମର ଆଚରଣକୁ ଆମର ଚିନ୍ତାଧାରାର ସମାନ ସ୍ୱରକୁ ଉନ୍ନତ କରିବା । ସାମାଜିକ ପ୍ରଗତି ପାଇଁ ପଥ ଚିନ୍ତାଧାରାରୁ ଆରମ୍ଭ ହୁଏ ଏବଂ କାର୍ଯ୍ୟରେ ଶେଷ ହୁଏ, ଯେଉଁଠାରେ ଏହି ଦୁଇଟି ମିଶିଥାନ୍ତି, ସେଠାରେ ପ୍ରଗତିର ଆଲୋକ ନିଶ୍ଚିତ ପ୍ରକାଶ ପାଇଥାଏ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ କୋରାପୁଟ,**
**ମୋ- ୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ.ବଙ୍ଗ...

ଓ ସେମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦାବି କରିଥିଲେ । ମୁସିଦାବାଦରେ ହ୍ୟୁମାୟୁନ କବୀରଙ୍କ ଏଜିୟୁପି ସମର୍ଥକ ଓ ତୃଣମୂଳ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ବ୍ୟାପକ ଗଣ୍ଡୋଗୋଳ ହୋଇଛି । ସେହିଭଳି ଦକ୍ଷିଣ ଦିନାଜପୁର ଜିଲ୍ଲାରେ ବିଜେପି ପ୍ରାର୍ଥୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ପୋଲିଂବୁଥ ନିକଟରେ ବ୍ୟାପକ ଭିଡ ଦେଖିବାକୁ ମିଳିଛି । ସନ୍ଧ୍ୟା ୭ଟା ସୁଧା ୯୧.୩୫% ଭୋଟ୍ ହୋଇଥିବା ରେକର୍ଡ କରାଯାଇଛି । ସେହିଭଳି ତାମିଲନାଡୁରେ ମତଦାନ ଶାନ୍ତିପୂର୍ଣ୍ଣ ରହିଛି । ତାମିଲନାଡୁରେ ଡିଏମକେ-କଂଗ୍ରେସ ମେଣ୍ଟ ସହ ଏଆଇଏଡିଏମକେ-ବିଜେପି ମଧ୍ୟରେ ଲଢ଼େଇ ହେଉଛି । ଅଭିନେତା ବିଜୟଙ୍କ ଇଭିକେ ପ୍ରଥମଥର ପାଇଁ ମୈଦାନକୁ ଓହ୍ଲାଇଛି । ମୁର୍ସିଦାବାଦରେ କେନ୍ଦ୍ରୀୟ ଫୋର୍ସ ଲାଠିଚାଳନା କରି ଭିଡକୁ ଗୌଡାଇଦେଇଛନ୍ତି । ହିଂସାରେ ଅଧିକାଂଶ ଗାଡିକୁ ଭଙ୍ଗାରୁଜା କରାଯାଇଛି । ପଶ୍ଚିମବଙ୍ଗରେ ହାଇଭୋଲଟେଜ ଲଢ଼େଇ ଟିଏମସି ଓ ବିଜେପି ମଧ୍ୟରେ ହେଉଛି । ପ୍ରଥମ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ମତଦାନ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ତୃଣମୂଳ କଂଗ୍ରେସ ଏବେ ଜିତିବା ପର୍ଯ୍ୟାୟରେ ରହିଛି । ଲୋକଙ୍କ ଚିନ୍ତାଧାରାକୁ ମୁଁ ବୁଝିପାରିଛି । ଆଜିର ଭୋଟ୍ ପରେ ଏହା ସ୍ପଷ୍ଟ ହୋଇଛି ଯେ, ଆମେ ଜିତିବାକୁ ଯାଉଛୁ । ସେହିଭଳି ତାମିଲନାଡୁରେ ତିରୁଚାପଲ୍ଲୀ ଜିଲ୍ଲାରେ ୮୫.୦୪% ମତଦାନ ହୋଇଛି । ଡିଏମକେ ସଭାପତି ତଥା ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଲଢୁଥିବା କୋଲାଥୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୫. ୭୩% ମତଦାନ ସନ୍ଧ୍ୟା ୭ଟା ଯାଏଁ ହୋଇଛି । ତାମିଲନାଡୁର କେତେକ ଭୋଟ୍‌ରେ ମଧ୍ୟ ହିଂସା ହୋଇଥିବା ଘଟଣା ରିପୋର୍ଟ କରାଯାଇଛି । ମଦୁରାଇ ଅଞ୍ଚଳର କେତେକ ବୁଥରେ ଏଜେଣ୍ଟ ମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ରିପୋର୍ଟ ହୋଇଛି ।

## ହରମୁଜ

କୌଣସି କୁଣ୍ଠାବୋଧ ହେବ ନାହିଁ । ଆମେରିକା ଏବେ ମାଇନ-କ୍ଲିୟରିଂ ଅପରେସନ ଜାରି ରଖିଛି । ଏହି କାର୍ଯ୍ୟ ହରମୁଜ ପ୍ରଣାଳୀ ଉପରେ ଚାଲିଛି । ଆମର ମାଇନ୍ସ ସୁଇପରମାନେ ଏବେ ଏହି ପ୍ରଣାଳୀକୁ ମୁକ୍ତ କରିଛନ୍ତି । ଏହି କାର୍ଯ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ହରମୁଜ ପ୍ରଣାଳୀ ଉପରେ ଆମେରିକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିବା ଟ୍ରମ୍ପ ଦାବି କରିଛନ୍ତି । ଏହି ଚେତାବନୀ ଆସିଛି ଯେ, ଯେତେ ବେଳେ ମାଇନ୍ସର ବିପଦ ଏବଂ ଦୁଇଟି ନୌସେନାର ଜାହାଜ ମୁହାଁମୁହିଁ ହୋଇଥିଲେ । ପୁଣି ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ, ଇରାନ ଏବେ ଅତି କଠିନ ସମୟରେ ଗତି କରୁଛି । ତାଙ୍କର ନେତା କିଏ ବର୍ତ୍ତମାନ ଜଣାପଡୁନାହିଁ । କଠୋରପନ୍ଥୀ ଓ ମଧ୍ୟସ୍ଥିଙ୍କ ମଧ୍ୟରେ ଅନ୍ତଦ୍ୱନ୍ଦ୍ୱ ଲାଗି ରହିଛି । ଆମେରିକା ଏବେ ଜଳପଥ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖୁଛି । ଆମେରିକା ନୌସେନାର ଅନୁମୋଦନ ବିନା କୌଣସି ଜାହାଜ ଏଠାରେ ପ୍ରବେଶ କରିପାରିବ ନାହିଁ । ଇରାନ ପକ୍ଷରୁ ତାର ସ୍ଥିତିକୁ ସ୍ପଷ୍ଟ କରାଯାଇଛି । ଯେ ପର୍ଯ୍ୟନ୍ତ ଆମେରିକା ଯୁଦ୍ଧ ବିରତିକୁ ଉଲ୍ଲଂଘନ କରୁଥିବ ସେ ପର୍ଯ୍ୟନ୍ତ ଏହି ପ୍ରଣାଳୀକୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇପାରିବ ନାହିଁ । ଆମେରିକା ଏବେ ଅସ୍ତ୍ର ବିରତି ଉଲ୍ଲଂଘନ କରିଚାଲିଛି । ଫଳରେ ବିଶ୍ୱ ବଜାରରେ ତୈଳ ଓ ଗ୍ୟାସର ମୂଲ୍ୟରେ ଅନିଶ୍ଚିତତା ଦେଖାଦେଇଛି ।

## ରାଜ୍ୟରେ...



ନିସ୍ତାର ମିଳିବନି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗର କହିବାନୁସାରେ, ଗୁରୁବାର ୨୪ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି । ତେବେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଢେଙ୍କାନାଳ ଓ ଅନୁଗୁଳରେ ୪୩.୫ ଡିଗ୍ରୀ, ହୀରାକୁଦରେ ୪୩.୪ ଡିଗ୍ରୀ, ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ୪୩ ଡିଗ୍ରୀ, ବରଗଡରେ ୪୨.୭ ଡିଗ୍ରୀ, ରାଉରକେଲା, ସୁନ୍ଦରଗଡ ଓ ନୂଆପଡା ୪୨.୫ ଡିଗ୍ରୀ, ଭୁବନେଶ୍ୱର ୪୨.୧ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ବୌଦ୍ଧ ୪୧.୪ ଡିଗ୍ରୀ, ନୟାଗଡ ଓ ଖୋର୍ଦ୍ଧାରେ ୪୧ ଡିଗ୍ରୀ, କେନ୍ଦୁଝରେ ୪୦.୯ ଡିଗ୍ରୀ, ଯାଜପୁର ଓ ଫୁଲବାଣୀରେ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଆଜି ଦିନ ୧.୩୦ଟା ସୁଦ୍ଧା ଭୁବନେଶ୍ୱର ଏୟାରପୋର୍ଟ ଅଞ୍ଚଳରେ ୪୨ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି ।

ଆସନ୍ତାକାଲି(ଶୁକ୍ରବାର) ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଜିଲ୍ଲାର ବହୁ ସ୍ଥାନରେ ଗରମ ସହିତ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ଅଛି । ତେବେ ୨୫ ତାରିଖରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ ।

ଉତ୍ତର ଆଭ୍ୟନ୍ତରୀଣରେ ଠାରୁ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଟ୍ରଫ୍‌ଲାଇନ ସହିତ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଶନିବାର ଠାରୁ ରାଜ୍ୟରେ କାଳବୈଶାଖୀ ବର୍ଷା ହୋଇପାରେ । ୨୫ରେ ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ବହୁ ସ୍ଥାନରେ ଗରମ ସାଙ୍ଗକୁ ଗୁଳୁଗୁଳି ହୋଇପାରେ । ତେବେ ୨୬ରୁ କାଳବୈଶାଖୀ ପ୍ରଭାବ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ସରକାରୀ...

ବିଭାଗରେ ୧୫୪ ଜଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ୧୪୩ ଜଣ, ଇସ୍ପାତ ଓ ଖଣି ବିଭାଗରେ ୭୭ ଜଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ୭୦ ଜଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୫୨ ଜଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗରେ ୧୪ ଜଣ ନିଯୁକ୍ତି ପତ୍ର ପାଇଛନ୍ତି । ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ଓ ପ୍ରଶାସନ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଉଛନ୍ତି, ସରକାରଙ୍କ ପ୍ରକୃତ ଚେହେରା । ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ପହଞ୍ଚାଇବା । ବର୍ତ୍ତମାନ ସାଧାରଣ ଲୋକ ଅନୁଭବ କରୁଛନ୍ତି, ଏ ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର । ଏହି ଭାବନାକୁ ଆପଣମାନେ ଆଗେଇନେଲେ, ସରକାରୀ ଚାକିରିର ମର୍ଯ୍ୟାଦା ରହିବ ଏବଂ ଆପଣମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ ବୋଲି ସେ କହିଥିଲେ । ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୪ ଜୁନ ମାସରୁ ଆଜି ସୁଦ୍ଧା ସରକାରୀ ଚାକିରୀରେ ୪୪,୦୮୨ ଓ ବେସରକାରୀ କ୍ଷେତ୍ରରେ ୯୨,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି । ନବନିଯୁକ୍ତମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ପୂର୍ଣ୍ଣ ଦକ୍ଷତା ଓ କର୍ତ୍ତବ୍ୟବୋଧ, ସମର୍ପଣ ଓ ସ୍ୱଚ୍ଛତାର ସହିତ ଦାୟିତ୍ୱ ନିର୍ବାହ କରିବେ ବୋଲି ଆଶାବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ କର୍ମକ୍ଷେତ୍ରରେ ପାଳନ କରିବା ପାଇଁ ୫ଟି ପରାମର୍ଶ ଦେଇଥିଲେ । ଦୁର୍ନୀତିରୁ ସବୁବେଳେ ଦୂରେଇ ରୁହନ୍ତୁ, ଦୁର୍ନୀତି ବିରୁଦ୍ଧରେ ସରକାର ଶୂନ୍ୟସହନଶୀଳତା ଅବଲମ୍ବନ କରୁଛନ୍ତି । ଗଣତନ୍ତ୍ରରେ ଜନତା ହେଉଛନ୍ତି ଭଗବାନ ଓ ଜନତାଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର । ତେଣୁ ସହୃଦୟତାର ସହିତ ନିଜ ନିଜ ସ୍ତରରେ ଜନତାଙ୍କ କଥା ଶୁଣିବେ ଓ ତାଦର ସମାଧାନ କରିବାକୁ ଚେଷ୍ଟା କରିବେ । କାର୍ଯ୍ୟ ସମ୍ପାଦନ କରିବା ସମୟରେ ନିଜର ବୈଚାରିକ ମତ ପ୍ରତିବନ୍ଧକ ହେବା ଉଚିତ ନୁହେଁ । ସରକାରଙ୍କ ଆଭିମୁଖ୍ୟ ହିସାବରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ । ସମୟାନୁବର୍ତ୍ତିତା- ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟ ସମ୍ପାଦନ କରିବେ । କାର୍ଯ୍ୟକ୍ଷେତ୍ରରେ ଭଦ୍ର ଓ ଶାଳୀନତା ସହିତ ବାର୍ତ୍ତାଳାପ ଓ ବ୍ୟବହାର ପ୍ରଦର୍ଶନ କରିବେ । ନଚେତ୍ ନିଜେ ବଦନାମ୍ ହେବା ସହିତ ସରକାର ବଦନାମ୍ ହେବାର ଆଶଙ୍କା ରହିଛି । ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଓ ମହିଳା ମାନଙ୍କ ପ୍ରତି ସମ୍ମାନଜନକ ବ୍ୟବହାରକୁ ନିଜ କାର୍ଯ୍ୟଶୈଳୀର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ କହିଥିଲେ ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଓ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ମିଳୁଛି । ଜନସେବାକୁ ସର୍ବୋଚ୍ଚ ବୃତ୍ତି ଭାବେ ଗ୍ରହଣ କରି କର୍ମକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସେ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ ।

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆପଣମାନଙ୍କ ଏହି ନିଯୁକ୍ତି କେବଳ ଏକ ପଦବୀ ନୁହେଁ, ଏହା ଜନସେବା ପାଇଁ ଆପଣମାନଙ୍କ ଦାୟିତ୍ୱ । ଆଜିଠୁ ଆପଣମାନଙ୍କ ଦାୟିତ୍ୱବୋଧ, ଆପଣମାନଙ୍କ ପାଇଁ ନୂଆ ପରିଚୟ ସୃଷ୍ଟି କରିବ । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ, ଏହି ନିଯୁକ୍ତି ରାଜ୍ୟର ସାଢ଼େ ଚାରିକୋଟି ଜନତାଙ୍କ ସେବା କରିବାର ଦାୟିତ୍ୱ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ରାଜ୍ୟରେ କ୍ରମାଗତ ଭାବରେ ନିଯୁକ୍ତି ମେଳା ଆୟୋଜନ ହୋଇ ଚାଲିଛି । ଏହି ନିଯୁକ୍ତି ସରକାରଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରୁଛି । କାର୍ଯ୍ୟକ୍ରମରେ ଏମଏସଏମଇ ବିଭାଗରେ ନିଯୁକ୍ତି ପାଇଥିବା ଦୃଷ୍ଟିବାଧିତ ସହକାରୀ ଶିଳ୍ପ ଅଧିକାରୀ ବିକାଶ ରଞ୍ଜନ ପାଢ଼ୀ, ଜଙ୍ଗଲ ବିଭାଗରେ ଏସିଏଫ ଭାବେ ନିଯୁକ୍ତି ପାଇଥିବା ଅଭିଶେକ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଟିଜିଟି ଭାବେ ନିଯୁକ୍ତି ପାଇଥିବା ଅଞ୍ଜଳୀ ମୁଣ୍ଡା ଓ ଇସ୍ପାତ ଓ ଖଣି ବିଭାଗରେ ଖଣି ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ତପସ୍ୱିନୀ ପ୍ରିୟଦର୍ଶିନୀ ପ୍ରମୁଖ ସ୍ୱଚ୍ଛ ଓ ପାରଦର୍ଶୀ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ରାଜ୍ୟରେ ଯୁବବର୍ଗଙ୍କୁ ସରକାରୀ ନିଯୁକ୍ତି ମିଳୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତରେ ଏଆଇ-ପରିଚାଳିତ ଡେଲ୍ ୧୫ର ବଜାର ପ୍ରବେଶ

ଭୁବନେଶ୍ୱର,(ସବ୍ୟୁ): ଡେଲ୍ ଟେକ୍ନୋଲୋଜିସ ପକ୍ଷରୁ ଆଜି ଭାରତରେ ଡେଲ୍ ୧୫ ର ଶୁଭାରମ୍ଭ କରାଯାଇଛି । ଆରୋ ଲେକ୍ ଆର୍କିଟେକଚର ସହ ଇଂଟେଲ କୋର ଅଲଫ୍ରା ୨ ସିରିଜ ଏଚ ପ୍ରୋସେସର ଏବଂ ଆଡଭାନ୍ସଡ ଅନ୍-ଡିଭାଇସ ଏଆଇ ପାଇଁ ଏକ ଡେଡିକେଟେଡ ଏନପିୟୁ ଦ୍ୱାରା ପରିଚାଳିତ ଡେଲ୍ ୧୫, ପାଠ ପଢିବା, କାର୍ଯ୍ୟ କରିବା କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ଯୋଗାଯୋଗ ସମୟରେ ଉପଭୋକ୍ତାଙ୍କୁ ସ୍ମାର୍ଟ, ସହଜ ମଲଫିଟାସ୍କିଙ୍ଗ ପାଇଁ ସଶକ୍ତ କରିଥାଏ । ଓ୍ୱିଣ୍ଡୋଜ୍ ୧୧ରେ ଇଂଟେଲିଜେଂଟ ଆସିଷ୍ଟାଂଟ ପାଇଁ ତତ୍କାଳ ପହଂଚ ଲାଗି ଏକ ଡେଡିକେଟେଡ କୋପାଇଲଟ କୀ, ସହଜ କାର୍ଯ୍ୟଦକ୍ଷତା ପାଇଁ ଆଡାପଫିଭ ଥର୍ମାଲ ଟେକ୍ନୋଲୋଜି ଏବଂ ଶୀଘ୍ର ଚାର୍ଜିଙ୍ଗ ପାଇଁ ଏକ୍ସପ୍ରେସ ଚାର୍ଜ ଭଳି ଫିଚର ରହିଛି । ଏହି ଡିଭାଇସ ଇଂଟେଲ କୋର୍ ଅଲଫ୍ରା ୫ ୨୨୫ଏଚ ଓ କୋର୍ ଅଲଫ୍ରା ୭ ୨୫୫ଏଚ କନ®ଗରେଶନରେ ଉପଲବ୍ଧ । ଡେଲ୍ ୧୫ର ପ୍ରାରମ୍ଭିକ ମୂଲ୍ୟ ୬୯,୬୯୯ ଟଙ୍କା ରହିଛି । ଏହାର କ୍ରୟ ଉପରେ ବିଭିନ୍ନ ବ୍ୟାଙ୍କ ଅଫର୍ ଓ ସହଜ ଋଣ ସୁବିଧା ମଧ୍ୟ ଉପଲବ୍ଧ ରହିଛି । ନୂଆ ଡେଲ୍ ୧୫ ଡିଭାଇସ କ୍ରୟ ପାଇଁ ଉରକ୍ଷଷ.ମକଫଞ୍ଜ, ଡିଇଏସ, ବଡ ଫର୍ମାଟର ରିଟେଲ ଓ ମଲଫି-ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ ହେବ ।ଏହି ଶୁଭାରମ୍ଭ ସମ୍ପର୍କରେ ଡେଲ୍ ଟେକ୍ନୋଲୋଜିସର ଏପିଜେ କଞ୍ଜ୍ୟୁମର ବିଜ୍ନେସ୍ ବିଭାଗର ଉପାଧ୍ୟକ୍ଷ ଓ ମହାପ୍ରବନ୍ଧକ ରାଜକୁମାର ରିଷି କହିଛନ୍ତି, ଆମେ ବିଶ୍ୱାସ କରୁ ଯେ, ଟେକ୍ନୋଲୋଜି ଲୋକମାନଙ୍କୁ ଅଧିକ କିଛି ହାସଲ କରିବା ପାଇଁ ସଶକ୍ତ କରିବା ଉଚିତ ଏବଂ ନୂଆ ଡେଲ ୧୫ ଭାରତରେ ଉପଭୋକ୍ତାଙ୍କ ପାଇଁ ଠିକ୍ ସେହି କାର୍ଯ୍ୟ କରୁଛିଛ ଡେଲ ଟେକ୍ନୋଲୋଜିସ୍ ବିଭିନ୍ନ ମାର୍କେଟ ସେଗ୍ମେଂଟରେ ନିଜ ପୋର୍ଟଫୋଲିର ସମ୍ପ୍ରସାରଣ ଜାରି ରଖିଥିବାରୁ, ଏକ ବ୍ୟାପକ ଗ୍ରାହକ ଆଧାର ପାଇଁ ପ୍ରତ୍ୟେକ ମୂଲ୍ୟ ବର୍ଗରେ ସର୍ବୋତମ ଉତ୍ପାଦ ଆଣିବା ପାଇଁ ଆମର ପ୍ରତିବଦ୍ଧତା ବଜାୟ ରହିଛି । ଡେଲ୍ ଟେକ୍ନୋଲୋଜିସ ଇଣ୍ଡିଆର କଞ୍ଜ୍ୟୁମର ସେଲ୍ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଓ ମହାପ୍ରବନ୍ଧକ ଅନୁରାଗ ଅରୋରା କହିଛନ୍ତି, ଆମେ ଭାରତରେ ମେଟ୍ରୋ ଓ ଅଣ ମେଟ୍ରୋ ସହରଗୁଡିକରେ ଉପଭୋକ୍ତାଙ୍କ ପାଇଁ ଡେଲ୍ ୧୫ର ଲଂଚ କରିଛୁ ।

# ବିଦ୍ୟୁତ ତାରରୁ ନିଆଁ ଖସି ଜଳିଗଲା ଘର

ବାରଙ୍ଗ ,(ସବ୍ୟୁ): ବିଦ୍ୟୁତ ତାର ସର୍ଟ ସର୍କିଟରୁ ନିଆଁ ଲାଗି ଜଳି ଯାଇଛି ଦୁଇ ବଖରା ଚାଳ ଘର ।ଏଭଳି ଘଟଣା ଦେଖିବାକୁ ମିଳିଛି ବାରଙ୍ଗ ନରାଜ ଗ୍ରାମରେ । ଗୁରୁବାର ଦିନ ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ଗ୍ରାମର କାଞ୍ଚନ ବେହେରାଙ୍କ ଘର ପାଖରେ ଥିବା ବିଦ୍ୟୁତ ତାରରୁ ନିଆଁ ଖସି ଚାଳ ଉପରେ ପଡ଼ିଥିଲା ।ଲୋକେ ଦେଖିଲା ବେଳକୁ ଘରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଏପରି ଥିଲା ଯେ ମାତ୍ର ଅଳ୍ପ ସମୟ ମଧ୍ୟରେ ଘର ଜଳି ପୋଡ଼ି ଦୁଇ ବଖରା ଚଲ ଘର ଜଳି ପାଉଁଶ ହୋଇଯାଇଥିଲା । କାଞ୍ଚନ ସକାଳୁ କର୍ମକ୍ଷେତ୍ରକୁ ଯାଇଥିବା ବେଳେ ନିକଟସ୍ଥ ବିଦ୍ୟୁତ ଖୁଣ୍ଟରୁ ସର୍ଟସର୍କିଟ ଘଟି ତାଙ୍କ ଦୁଇ ବଖରା ଚାଳ ଘର ଜଳିଯାଇଛି । ଘରେ ଥିବା ଆସବାବପତ୍ର ସମେତ ନଗଦ ପ୍ରାୟ ୫୦ ହଜାର ଟଙ୍କା ପୋଡ଼ି ଯାଇଥିଲା । ସ୍ୱାମୀ ଦୁଇ ଝିଅଙ୍କୁ ନେଇ କାଞ୍ଚନଙ୍କ ପରିବାର ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.eT-M-ANGL-ROH-322-26

କାର୍ଯ୍ୟର ନାମ : ଏକ ବର୍ଷ ପାଇଁ ROH ସେଡ୍, ଅନୁଗୁଳ ଠାରେ ନିୟମିତ ଓଭରହଲିଙ୍ଗ୍ ସମୟରେ ୱାଗନଗୁଡ଼ିକର ମରାମତି ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 3,25,87,733.06, EMD (ଟଙ୍କାରେ): 6,51,800/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.24.04.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2026 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-76/R/26-27



## AFFIDAVIT

By virtue of an affidavit sworn before the executive magistrate, Rairakhol. I, Haresh Kumar Pradhan, S/o- Late Himadri Pradhan, Resident of Vill-Purunagarh, Po- Badabahal, Ps-Rairakhol, Dist- Sambalpur, Odisha, Pin-768106, Declare by this affidavit no. 439, dated.08.04.2026. I have changed my minor daughtr's name from Seem Pradhan to Seema Pradhan. Henceforth, She shall be known as Seema Pradhan for all purposes .

Sd/- Haresh Kumar Pradhan



## ପୂର୍ବ ତଟ ରେଳପଥ

### ସାମଗ୍ରୀଗୁଡ଼ିକର ଯୋଗାଣ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ: www.ireps.gov.in ରେ ଅପଲୋଡ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2026-27/02, ତା.20.04.2026ରିଖ

କ୍ରମ ସଂ.01: ଟେଣ୍ଡର ସଂ.81265486, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ପୋର୍ଟ୍‌ସ WAN ଥିବା ରାଉଟରର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ, ୱାୟରିଂ ଏବଂ ପ୍ରଚାଳନ, ପରିମାଣ: 11 ଗୋଟି ।

କ୍ରମ ସଂ.02: ଟେଣ୍ଡର ସଂ.81265441, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫ୍ରିକ୍ସନ ଡାମ୍ପିଙ୍ଗ୍ ଆରେଞ୍ଜମେଣ୍ଟ ସହିତ କାସନବ(CASNUB) 22 HS କାଷ୍ଟ ଷ୍ଟିଲ୍ ବଗି, ପରିମାଣ: 50 ଗୋଟି ।

ବନ୍ଦ ହେବା ତାରିଖ ଏବଂ ସମୟ: ତା.11.05.2026 ରିଖ 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ସହାୟକ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-72/R/26-27


## ଭୋଜି ଖାଇ ୬୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବାଙ୍କୀ , (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ଗୋଡ଼ି ସାହିର ଜଣେ ବ୍ୟବସାୟୀଙ୍କ ଘରେ ମଙ୍ଗଳବାର ରାତିରେ ଶ୍ରାଦ୍ଧ ବାର୍ଷିକୀ ଭୋଜି ଖାଇବାକୁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଲୋକ ଆସିଥିଲେ । ସେମାନଙ୍କ ମଧ୍ୟରୁ ବୁଧବାର ସନ୍ଧ୍ୟାରେରେ ୬୦ ରୁ ଉର୍ଦ୍ଧ୍ୱ ଝାଡ଼ା ଓ ବାନ୍ତି ରେ ଆକ୍ରାନ୍ତ ହୋଇ କଳାପଥର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ପରେ ଘରକୁ ଅନେକ ଫେରି ଥିବା ବେଳେ ଗୁରୁବାର ସକାଳୁ ଆହୁରି ବହୁ ମହିଳା ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି । ଆହୁରି ଅନେକ ସମ୍ପର୍କୀୟ ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ନିକଟସ୍ଥ ଭାପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ର ସୂଚନା ମିଳିଛି । ଭୋଜି ରୋଷେଇରେ ବିଷାକ୍ତ ହୋଇ ଯାଇଥିବାର ଅନେକ ଆକ୍ରାନ୍ତ ଅଭିଯୋଗ କରିଛନ୍ତି ।ଆଶାକର୍ମୀ ଘରକୁ ଘର ଯାଇ ସ୍ଥିତି ପରଖୁଛନ୍ତି । ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଚିକିତ୍ସା କରୁଥିବା କଳାପଥର ଡାକ୍ତର ମିଳନ କୁମାର ତ୍ରିପାଠୀ କହିଛନ୍ତି । ସମସ୍ତଙ୍କୁ ସାଲାଇନ ଓ ସଠିକ ଭାବେ ଚିକିତ୍ସା କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣକୁ ଆସିଛି ।ଘଟଣା ସମ୍ପର୍କରେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକଙ୍କୁ ଖବର ଦିଆ ଯାଇଛି । ସମସ୍ତ ନଳକୂପରେ ବ୍ଲିଚିଂଗ ପାଉଡର ପକା ଯାଉଛି । ଏବେ ବି ଚିକିତ୍ସିତ ହେଉଛନ୍ତି ।

## ବାଧା...

ଭିତରେ ପୁଣି ଯିବେ । ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଞ୍ଚଳକୁ ଜଣେ ପୋଲିସ କର୍ମଚାରୀ ଯିବେ ।

ଜନଗଣନାକୁ ଯିବା ବେଳେ ସ୍ଥାନୀୟ ମୁରବୀମାନଙ୍କ ସହଯୋଗ ନେଇପାରିବେ । ବିଚ୍ଛିନ୍ନ କିମ୍ବା ସମ୍ବେଦନଶୀଳ ଅଞ୍ଚଳରେ, ସୁରକ୍ଷା ସୁନିଶ୍ଚିତ କରିବାକୁ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଏକାଠି ଯାଇପାରିବେ । ଜନଗଣନା କାର୍ଯ୍ୟର ସ୍ଥିତି ଜାଣିବା ଏବଂ ଯେକୌଣସି ସୁରକ୍ଷା ଚିନ୍ତାର ସମାଧାନ ପାଇଁ ପର୍ଯ୍ୟବେକ୍ଷକ ପ୍ରତି ଘଣ୍ଟାରେ ଗଣନାକାରୀଙ୍କୁ ଟ୍ରାକ୍ କରିବେ ।

ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ତଥ୍ୟ ସ୍ଥାନୀୟ ଥାନାରେ ରହିବ । ଜନଗଣନା କାର୍ଯ୍ୟକର୍ତ୍ତାମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦିନର ଅତ୍ୟଧିକ ଖରା ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ@ ୩ଟା ମଧ୍ୟରେ ଜନଗଣନାରେ ନିୟୋଜିତ କର୍ମଚାରୀ କାମ କରିବେ ନାହିଁ ।


## AFFIDAVIT

By virtue of an affidavit sworn before Notary Public, Bhubaneswar, dated 13/04/2026 I, Manisha Behera, Address At-Sai Nagar, Madhusudan Nagar, Po- Jatani, Ps- Jatani, Dist-Khordha, Odisha, Pin- 752050 declare that I have changed my name from Manisha Ravindra Dakwa to Manisha Behera. Henceforth, I shall be known as Manisha Behera for all purposes.

Manisha Behera

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 04/04/2026 I, Rajib Kumar Sahoo, Address At- Kajidiha, Po- Kalayani Nagar, Ps- Madhupatana, Dist- Cuttack, Odisha, Pin- 753013 declare that I have changed the name of my daughter from Pratyusha Das to Pratyusha Sahoo. Henceforth, She shall be known as Pratyusha Sahoo for all purposes.

Rajib Kumar Sahoo

## AFFIDAVIT

By virtue of an affidavit sworn before The Notary public Bhadrak dated 23.04.2026. I PITABAS BARIK,S/o-Hadibandhu Barik, vill-Sathuapatana, Po-Marjitapur, Ps-Jenapur, Dist. -Jajpur, Pin - 755023, Odisha declare that I have changed my daughter's name from SILK BARIK TO SILI BARIK. Henceforth she shall be known as SILI BARIK for all purpose.

PITABAS BARIK

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 30/10/2025 I, Padmanav Tripathy, Address At- Bachhara Patna, Po- Jatani, Ps- Jatani, Dist- Khordha, Odisha, Pin- 752050 declare that I have changed the name of my daughter from Truptimayee Das to Truptimayee Tripathy. Henceforth, She shall be known as Truptimayee Tripathy for all purposes.

Padmanav Tripathy

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 13/04/2026 I, Jyotshna Pradhan, Address At-Daleiput, Po- Daleiput, Ps-Khordha Sadar, Dist- Khordha, Odisha, Pin- 752056 declare that I have changed my name from Jyoshna Srichandan to Jyotshna Pradhan. Henceforth, I shall be known as Jyotshna Pradhan for all purposes.

Jyotshna Pradhan

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 13/04/2026 I, Pravati Sahoo, Address At- Kothapatana, Po- Baideswar, Ps- Baideswar, Dist- Cuttack, Odisha, Pin- 754009 declare that I have changed my name from Pravat Sahoo to Pravati Sahoo. Henceforth, I shall be known as Pravati Sahoo for all purposes.

Pravati Sahoo



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/280/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା: ୪୫ **ବିଜ୍ଞାପନ** ତା : ୧୬.୦୪.୨୦୨୬

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ.ଆଇ.ଜି–୧–୨/୧ (MIG-1-2/1), ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ମମତା ମହାପାତ୍ର, ସ୍ୱାମୀ–ପ୍ରଫୁଲ୍ଲ କୁମାର ମାହାପାତ୍ର, ୨. ପ୍ରଣୀତା ମହାପାତ୍ର, ୩. ବିଶ୍ୱରଂଜିତା ମହାପାତ୍ର, ପିତା–ପ୍ରଫୁଲ୍ଲ କୁମାର ମାହାପାତ୍ର, ସା–ସୁଭଦ୍ରା ନଗର, ବାଲିଘାଟ, ପୋ–ପୁରୀ–୨, ଥାନା–ତାଳବଣିଆ, ଜିଲ୍ଲା–ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସାଗରିକ ଦାଶ, ସ୍ୱାମୀ–ବିନାୟକ କର, ସା–ଏମ.ଆଇ.ଜି.୧.୭/୫, ୧ମ ପର୍ଯ୍ୟାୟ ହାଉସିଂ ବୋର୍ଡ କଲୋନୀ, ପୋ/ଥାନା–ଚନ୍ଦ୍ରଶେଖରପୁର, ଜିଲ୍ଲା–ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0031



## ମାଲଭିୟ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଜୟପୁର

ଜବାହର ଲାଲ ନେହେରୁ ମାର୍ଗ, ଜୟପୁର ୩୦୨୦୧୭
ପିଏଚଡି ଏବଂ ମାଷ୍ଟର ଡିଗ୍ରୀ ପ୍ରୋଗ୍ରାମ ୨୦୨୬–୨୭ ରେ ପ୍ରବେଶ

F. 4/A-1-1 /2026-27/Acad/Ph.D/01

ଅଡ ସେମିଷ୍ଟର ୨୦୨୬–୨୭ (ଜୁଲାଇ ୨୦୨୬) ପାଇଁ ସମସ୍ତ ବିଭାଗ / କେନ୍ଦ୍ରରେ ପିଏଚଡି ଏବଂ ଏମ୍.ଟେକ୍/ ଏମ୍.ପ୍ଲାନ୍ (ପ୍ରାୟୋଜିତ (ପୂର୍ଣ୍ଣକାଳୀନ / ଅଂଶକାଳୀନ) ଏବଂ ପୂର୍ଣ୍ଣକାଳୀନ ସ୍ୱୟଂ–ଅର୍ଥପ୍ରାପ୍ତ) ରେ ପ୍ରବେଶ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି । ଅଧିକ ସୂଚନା ପାଇଁ www.mnit.ac.in ପରିଦର୍ଶନ କରନ୍ତୁ । ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି ୦୭ ମଇ ୨୦୨୬ ।

cbc 21312/11/0003/2627 କୁଳସଚିବ



34001/112/2627

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR

Phone/Fax 0680-2233996, e-mail sernb2 ganjam@gmail.com

INVITATION FOR BIDS (IFB) [e-Procurement]

TENDER CALL NOTICE

Bid Identification No. SC (R&B)-GM-II-01/2026-27

No. 4651 Dated. 21.04.2026

1) The Superintending Engineer, Ganjam [R&B] Division No.II, Berhampur on behalf or Governor of Odisha invites percentage rate bid in single cover system to be received in ONLINE MODE only for the work as detailed below :
2) Nature of Work : Electrical work
3) No. of work : 07 Nos.
4) Tender Cost : Rs.6,000/- & Rs.2,000/-
5) Class of Contractor : MV / HT of registered with the ELBO
6) Availability of bid documents in the website : From 27.04.2026 10.00 AM to 05.05.2026 4.00 P.M.
7) Date of opening of Bid : 06.05.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The authority reserves the right to cancel/reject any or all bids without assigning any reason thereof

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR : 34001/34080/1/26-27/0002



34001/113/2627

## GOVERNMENT OF ODISHA
### e-Procurement Notice, ANGUL (R&B) DIVISION

Bid Identification No 02 Of 2026-27

e-mail ID- angulrbdivision@yahoo.co.in

1. Number of Works : 13 (Thirteen) number of Electrical works
2. Approximate estimated cost : Varies from Rs.8.00 lakhs to Rs.42.00 lakh
3. Period of completion : Varies from 01 (One) to 03 (Three) Calendar months
4. Date & Time of availability of bid document In the portal : from Dt. 28.04.2026
5. Last date / Time for receipt of bid in the portal : Dt. 07.05.2026 up to 5.00 P.M.
6. Date of opening Bid : Dt. 08.05.2026 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only

Further details can be seen from the e-procurement portal https:/ tendersodisha.gov.in

Superintending Engineer,
Angul ( R&B ) Division.

OIPR : 34001/34074/1/26-27/0001



32001/111/2627

## GOVERNMENT OF ODISHA
### Office of the Superintending Engineer
U.K.Head Works Division, Kolabnagar (K). PIN. 764011
e-mail id-seukhwdivision@gmail.com

SHORT QUOTATION CALL NOTICE No. 01/2026-27 Dated. 22.04.2026

Sealed quotations are Invited from interested reputed Travel Agencies/Tour Operators or private individuals for providing 01 (One) no. of Diesel/ Petrol driven vehicle(Bolero/ Sumo Gold/TUV300/Ertiga) having sitting capacity not more than ten including driver, which shall conform to the Terms & Conditions ( Annexture-II) for official use in the office of the Superintending Engineer, Upper Kolab Head Works Division, Kolabnagar. Dist. : Koraput on monthly rent basis other necessary documents will be available in the office of the **Superintending Engineer, Upper Kolab Head Works Division, Kolabnagar, Dist: Koraput.**

| | | | |
|---|---|---|---|
| 1. | Name of the work | : | Hiring of Private vehicle (Bolero /Sumo Gold / TUV300/Ertiga) for the Superintending Engineer, Upper Kolab Head Works Division. Kolabnagar for the year 2026-27. |
| 2. | Date & Time of Bidding | : | From 24.04.2026 to 02.05.2026 up to 11.30 hours |
| 3. | Last date & time for receipt of bids | : | 02.05.2026 up to 11.30 Hours |
| 4. | Opentng of Bids | : | 02.05.2026 at 12.00 Hours |
| 5. | Name & address of the officer inviting Bid | : | Superintending Engineer, Upper Kolab Head Works Division, Kolabnagar. Dist: Koraput |

Addendum/corrigendum/cancellation required, if any will be published in the notice board office of the Superintending Engineer, Upper Kolab Head Works Division, Kolabnagar, Dist. : Koraput.

Sd/- (Er. Nilamani Gyanchand Behera)
Superintending Engineer
Upper Kolab Head Works Division
At/PO : Kolabnagar, Koraput (O)

OIPR : 32001/32015/1/26-27/0001



## NOTICE INVITING TENDER
### OFFICE OF THE MUNICIPAL COUNCIL, NAYAGARH NAYAGARH (ODISHA),PIN-752069

13001/283/2627 e-Mail:- nacnayagarh@yahoo.co.in

Tender Call Notice No. 930 / Dt. 17.04.2026

E- Procurement Notice No.MUNLNGR - 10 / 2025-26

| | | | |
|---|---|---|---|
| 1 | Name of the Work | : | Supplying and installation of Signage / sign board (customized design) at Balangi Park and maintenance for a period of 05 year. |
| 2 | Financial Bid | : | Item rate basis to be entered by the Bidder per Sqft. (excluding GST) |
| 3 | Class of Bidder | : | Registered Advertising Agency / Art Agency / Contractor |
| 4 | Date of Publication | : | Dt. 22.04.2026 |
| 5 | Date and Time of availability of document in the portal | : | Frm Dt. 22.04.2026 at 10.00 AM to Dt. 05.05.2026 upto 5.00 PM. |
| 6 | Last date of Submission of filled-up bid documents in this Office | : | On or before 1.30 P.M. on Dt. 08.05.2026 by Registered Post / Speed Post/ Courier |
| 8 | Date and Time of opening Bid | : | Dt. 11.05.26 at 11.00 AM at Municipality Office, Nayagarh. |
| 9. | Name and address of the officer inviting bid | : | Sd/- Executive Officer, Nayagarh Municipality |

Further details can be seen from e-Procurement portal https:// tendersodisha.gov.in

OIPR : 13001/13134/1/26-27/0010



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୯୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ନେଇ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ପୁରୀ, (ସବ୍ୟୁ) : ସଂସଦରେ ଗତ ଏପ୍ରିଲ ୧୬ ଓ ୨୭ ତାରିଖରେ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ, କେନ୍ଦ୍ରଶାସିତ ଅଞ୍ଚଳ ଆଇନ ବିଲକୁ ବିରୋଧ କରି କଂଗ୍ରେସ , ସମାଜବାଦୀ ପାର୍ଟି, ଟିଏମସି ଏବଂ ଡିଏମକେ ଦେଶବାସୀ ବିଶେଷ କରି ମହିଳାଙ୍କ ସହ ବିଶ୍ୱାସଘାତକତା କରିଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୁଦ୍ଧରେ ସମଗ୍ର ଦେଶରେ ନାରୀ ଶକ୍ତି ଓ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୁରୀ ଭିଆଇପି ରୋଡ ସ୍ଥିତ ହୋଟେଲ ଅନନ୍ୟା ଠାରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ପୁରୀ ଲୋକ ସଭା ସାଂସଦ ଡଃ ସମ୍ବିତ ପାତ୍ର ଯୋଗ ଦେଇ ଥିଲେ। ଉଭୟ ନେତା ଜୁଏଲ ଓରାମ ଓ ସାଂସଦ ସମ୍ବିତ ପାତ୍ର ୩ ଟି ଗୁରୁତ୍ୱପୂର୍ଣ୍ଣ ବିଲ ସମ୍ପର୍କରେ ସବିଶେଷ ତଥ୍ୟ ରଖି କହିଛନ୍ତି କଂଗ୍ରେସ ଓ ଇଣ୍ଡି ମେଣ୍ଟ ଦେଶର ମହିଳାଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବୀରୁ ବଞ୍ଚିତ କରିଛନ୍ତି ।ବିଲ ଆସିଥିଲେ ଓଡ଼ିଶାରେ ଏମପି ସିଟ ସଂଖ୍ୟା ବୃଦ୍ଧି ପାଇଁ ୩୨ ହୋଇଥାନ୍ତା। ପର୍ସେଣ୍ଟ ରେପ୍ରେଜେ ଏଣ୍ଟେସନ୍ ଅନୁସାରେ ଓଡ଼ିଶାର ୩.୮୭ ପ୍ରତିଶତ ଅଛି ।ଏହା ବୃଦ୍ଧି ପାଇଁ ୩.୯୧ ହୋଇଥାନ୍ତା ।କିନ୍ତୁ ଏହା ୩.୪ ପ୍ରତିଶତକୁ ଖସି ଯାଇଥାନ୍ତା ବୋଲି ଅପ ପ୍ରଚାର କରୁଛି କଂଗ୍ରେସ ।ସୀମା ନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟର କ୍ଷତି ହୋଇନଥାନ୍ତା ବରଂ ଦକ୍ଷିଣ ଭାରତର ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିବ । ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ବିରୋଧ ଯୋଗୁଁ ବର୍ତ୍ତମାନ ପଶ୍ଚିମବଙ୍ଗ ନିର୍ବାଚନ ଚାଲୁ ଥିବାବେଳେ ଏହାର ପ୍ରଭାବ ପଡ଼ିବ ଓ ମହିଳା ମାନେ ଏହାର ଉଚିତ୍ ଜବାବ ଦେବେ । ଯେତେବେଳେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଅଣାଯାଇଥିଲା ।ସେତେବେଳେ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ବିରୋଧୀ ଦଳ ଗୁଡିକ ବାଧ ବାଧକତାରେ ଏହାକୁ ସମର୍ଥନ କରିଥିଲେ। କିନ୍ତୁ ଯେତେବେଳେ ପ୍ରକୃତରେ ମହିଳାଙ୍କୁ ସେମାନଙ୍କ ଅଧିକାର ଦେବାର ସମୟ ଆସିଲା ସେମାନଙ୍କର ମହିଳା ବିରୋଧୀ ମାନସିକତା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଲା। ରାଜ୍ୟର ଜନ ସଂଖ୍ୟା ଆଧାରରେ ନୁହେଁ ବରଂ ପଚାଶ ପ୍ରତିଶତ ଫର୍ମୁଲା ଆଧାରରେ ସୀମା ନିର୍ଦ୍ଧାରଣ ହୋଇଥାନ୍ତା ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି।



# କେନାଲରେ ବୁଡ଼ି ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ର ମୃତ

ବାରଙ୍ଗ , (ସବ୍ୟୁ): ପୁରୀ ମେନକେନାଲରେ ବୁଡ଼ି ଗୁରୁବାର ଦିନ ଜଣେ ଛାତ୍ର ମୃତ୍ୟୁବରଣ କରିଛନ୍ତି ।ମୃତ୍ୟୁ ବରଣ କରିଥିବା ଛାତ୍ରଙ୍କ ନାମ କୁମାରେଶ୍ୱର୍ ବେହେରା । ସେ ବାରଙ୍ଗ ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ଏଗ୍ରିକଲଚରାଲ ବିଭାଗର ୪ର୍ଥ ବର୍ଷର ଛାତ୍ର ଥିଲେ । ଗୁରୁବାର ମଧ୍ୟାହ୍ନ ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ୪ଜଣ ଛାତ୍ର ଷ,,ପୁର ଗାଁ ପାଖରେ ଭୋଜି କରିଥିଲେ ।ଏହାପରେ ପୁରୀମେନ କେନାଲକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ଅସାବଧାନତା ବଶତଃ କୁମାରେଶ୍ୱରଙ୍କ ଗୋଡ଼ ଖସିଯିବାରୁ ସେ ପୁରୀ ମେନ କେନାଲରେ ବୁଡି ଯାଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ମୃତଦେହକୁ କେନାଲ ଭିତରୁ ଉଦ୍ଧାର କରିଥିଲେ ।

## ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ

# ଶୁଦ୍ଧ ସୁଆର ଓ ଦଇତାପତି ସେବକଙ୍କୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଓ ସେବାରୁ ନିଲମ୍ବନ

ପୁରୀ, (ସବ୍ୟୁ): ଅନୈତିକ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗରେ ଶ୍ରୀମନ୍ଦିରର ଶୁଦ୍ଧ ସୁଆର ଓ ଦଇତାପତି ସେବକ, ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏଥି ସହିତ ଉଭୟଙ୍କୁ ସେବାରୁ ନିଲମ୍ବନ କରାଯାଇଛି। ଉଭାୟଙ୍କ ବିରୁଦ୍ଧରେ ପୋଲିସ୍ ମୋକଦ୍ଦମା ରୁଜୁ କରାଯାଇଥିବା ଖବର ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆସିବା ପରେ ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପାଇଁ ନିଲମ୍ବନ କରିଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ସେବକଙ୍କ ବିରୁଦ୍ଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ଉକ୍ତ ସେବକ ସେବାରୁ ବଞ୍ଚିତ ହେବା ସହିତ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ନିଷେଧାଜ୍ଞା ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ସଠିକ ରହି ନୀତିକାନ୍ତି ସମ୍ପାଦନ ଶୃଂଖଳିତ ରହୁଥିବା ବେଳେ କିଛି ସେବକଙ୍କ ଅବାଂଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ୍ କରୁଥିବା ଦର୍ଶାଇ କୌଣସିବି ବିଶୃଂଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ଼.ଅରବିନ୍ଦ ପାଢୀ।

# ସୋଆ କମ୍ୟୁନିଟି ରେଡିଓ ବୁଲି ଦେଖିଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ




ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪କୁ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବୁଲି ଦେଖିଛନ୍ତି। ଗଣମାଧ୍ୟମ ଓ ତତ୍‌ସମ୍ପର୍କିତ କାର୍ଯ୍ୟଧାରା ସମ୍ପର୍କରେ ଓ ରେଡ଼ିଓ ସହ ଜଡ଼ିତ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସୋଆ ରେଡ଼ିଓ ବୁଲି ଦେଖିଛନ୍ତି ଛାତ୍ରୀମାନେ। ସୋଆ ରେଡ଼ିଓରେ ପହଂଚି ଛାତ୍ରୀମାନେ ରେଡ଼ିଓର କାର୍ଯ୍ୟଧାରା ସହ ବୈଷୟିକ ଦିଗଗୁଡ଼ିକ ଉପରେ ଅଧିକ ତଥ୍ୟ ଗ୍ରହଣ କରିଥିଲେ। କୃତ୍ରିମ ବୁଦ୍ଧିମତା ଏବଂ ରେଡ଼ିଓ ମଧ୍ୟରେ କିପରି ଭାବେ ସମ୍ପର୍କ ସୁଦୃଢ଼ ହୋଇପାରିବ ସେ ବିଷୟରେ ବୁଝିଥିଲେ। ରେଡ଼ିଓର ଭବିଷ୍ୟତ କାର୍ଯ୍ୟକଳାପ ସହିତ ପ୍ରଯୁକ୍ତି ବିଦ୍ୟାକୁ ଏଥିରେ କିଭଳି ଯୋଡ଼ି ହେବ ସେ ନେଇ ଛାତ୍ରୀମାନେ ଅଧିକ ଜ୍ଞାନ ଆହରଣ କରିଥିଲେ ବୋଲି ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ର ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀମତି ହନୀ ପଟ୍ଟନାୟକ କହିଛନ୍ତି।

## ପେନ୍‌ସନ୍ ଦେବାରେ ଅହେତୁକ ବିଳମ୍ବ

# ସୁଧ ସହ ୫୦ ହଜାର ଟଙ୍କା ମକଦ୍ଦମା ଖର୍ଚ୍ଚ ଆବେଦନକାରୀଙ୍କୁ ଦେବେ ସରକାର :ହାଇକୋର୍ଟ

କଟକ, (ସବ୍ୟୁ) : ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ତାଙ୍କର ପେନସନ ପ୍ରଦାନ କରିବାରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରିଥିବାରୁ ଓଡ଼ିଶା ହାଇକୋର୍ଟ ସରକାରଙ୍କୁ କଡ଼ା ଟିପ୍ପଣୀ କରିବା ସହ ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି। ବିଳମ୍ବରେ ମିଳିଥିବା ସମସ୍ତ ଅର୍ଥ ଉପରେ ମାସିକ ୧ ପ୍ରତିଶତ (ଅର୍ଥାତ୍ ୧୨ ପ୍ରତିଶତ ବାର୍ଷିକ) ସୁଧ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଦୁଇ ମାସ ମଧ୍ୟରେ ଏହି ଅର୍ଥ ପ୍ରଦାନ କରା ନ ଯାଏ, ତେବେ ସୁଧ ହାର ବୃଦ୍ଧି କରାଯାଇ ପ୍ରଥମ ତିନି ମାସ ପାଇଁ ୧.୫ ପ୍ରତିଶତ ଏବଂ ପରବର୍ତ୍ତୀ ସମୟ ପାଇଁ ୨ ପ୍ରତିଶତ କରାଯିବ। ଆବେଦନକାରୀଙ୍କୁ ଅଯଥା ଆଇନଗତ ଲଢ଼େଇ ମଧ୍ୟକୁ ଟାଣିଥିବାରୁ ଅଦାଲତ ସରକାରଙ୍କୁ ମକଦ୍ଦମା ଖର୍ଚ୍ଚ ବାବଦକୁ ୫୦,୦୦୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁଧ ବାବଦକୁ ଦିଆଯିବାକୁ ଥିବା ଅର୍ଥକୁ ଏହି ବିଳମ୍ବ ପାଇଁ ଦାୟୀ ସମ୍ପୃକ୍ତ ଅଧିକାରୀଙ୍କ ଦରମାରୁ ଅସୁଲ କରାଯାଇପାରିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ କୃଷ୍ଣ ଶ୍ରୀପଦ. ଦୀକ୍ଷିତ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଦେବବ୍ରତ ରାୟ ୨୦୧୫ ଏପ୍ରିଲ ୩୦ରେ ଜଙ୍ଗଲ ଓ ପରିବେଶ ବିଭାଗରୁ ଅବସର ଗ୍ରହଣ କରିଥିଲେ; କିନ୍ତୁ ତାଙ୍କ ବିରୋଧରେ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବା ଦର୍ଶାଇ ତାଙ୍କର ଅବସରକାଳୀନ ସୁବିଧା ବନ୍ଦ ରଖାଯାଇଥିଲା।

# ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ପ୍ରତିଷ୍ଠାତା ଶରତ ରାଉତରାୟଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଶରତ ଚନ୍ଦ୍ର ରାଉତରାୟଙ୍କର ଗୁରୁବାର ପରଲୋକ ହୋଇଛି । ପାତ୍ରପଡ଼ା ନିବାସୀ ଶ୍ରୀ ରାଉତରାୟ ଦୀର୍ଘଦିନ ହେଲା କର୍କଟ ରୋଗାକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ୬୧ ବର୍ଷ ବୟସ୍କ ଶିକ୍ଷାବିତ୍ ଶ୍ରୀ ରାଉତରାୟ ରାଜ୍ୟର ଅନ୍ୟତମ ପୁରୁଣା ଦି ଟେକ୍ନୋ ସ୍କୁଲ, ଡୁନ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଛତାବରସ୍ଥିତ ଗୁରୁକୁଳ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭଳି ବହୁ ଖ୍ୟାତନାମା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା । ଏହି ଶିକ୍ଷାନୁଷ୍ଠାନ ସମୂହରୁ ଲକ୍ଷାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଦେଶର ବିଭିନ୍ନ ଗୋôରବମୟ



ପ୍ରତିଷ୍ଠାନରେ ସୁପ୍ରତିଷ୍ଠିତ । ସେ ଏକାମ୍ର ପୂଜା କମିଟି, ସ୍ଥାନୀୟ ଲକ୍ଷ୍ମୀମନ୍ଦିର ଏବଂ ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ରଂଜିତା ରାଉତରାୟ, ସାନଭାଇ ହେମନ୍ତ ରାଉତରାୟ, ପୁତ୍ର ବିଶ୍ୱଜିତ ରାଉତରାୟ, କନ୍ୟା ଅନନ୍ୟା ରାଉତରାୟ, ଜାମାତା ସନ୍ଦୀପ ସତ୍ୟନାରାୟଣ ଭୂୟାଁ, ଶାଳକ ଜୀବନ କୁମାର ଜେନା ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ପରିସରରେ ପ୍ରତିଷ୍ଠାତାଙ୍କୁ ଅଧକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜି ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ଏକମାତ୍ର ପୁତ୍ର ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ ।

# ତବଲା - ସୀତାରର ଯୁଗଳବନ୍ଦୀ ସଙ୍ଗୀତରେ ବିଭୋର ଜାପାନୀ ପର୍ଯ୍ୟଟକ

ଭୁବନେଶ୍ୱର (ସବ୍ୟୁ) : ଜାପାନ ତୋତରିରେ ଓଡ଼ିଶାର ନିପୁଣ କଳାକୁ ତାବଲା ଓ ସୀତାର ଜରିଆରେ ପରିବେଷଣ କରିଛନ୍ତି ତାବଲା ବାଦକ ଗୁରୁ ଲିଙ୍ଗରାଜ ଦାସ ଓ ସୀତାର ବାଦକ ଗୁରୁ ସତ୍ୟବାନ ସେଠୀ। ତାବଲା - ସୀତାର ଯୁଗଳବନ୍ଦୀ ସଙ୍ଗୀତ ରେ ବିଭୋର ହୋଇ ପଡ଼ିଥିଲେ ଜାପାନୀ। ଇଣ୍ଡିଆ - ଜାପାନ ଫ୍ରେଣ୍ଡସିପ ସେଣ୍ଟର୍ ଓ ତୋତରୀ ସରାକାରଙ୍କ ବାଣିଜ୍ୟ ପରାମର୍ଶ ଦାତା କୁନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବ ଧାନରେ ତୋତରୀରେ ୨ ଦିନିଆ ଆୟୋଜିତ ଜାପାନ ଫେଷ୍ଟିଭାଲରେ ଓଡ଼ିଶାର ଦୁଇ କଳାକାରଙ୍କ ତବଲା ଓ ସୀତାରର ସ୍ୱର ଜାପାନବାସୀ ଭାବବିହ୍ୱଳ ହୋଇ ପଡ଼ିଥି ଲେ।। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟର୍ ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଗତ ଫେବ୍ରୁ ଆରୀ ୭ଓ ୮ରେ ତାଳବଣି ଆରେ ଓଡ଼ିଶା ଜାପାନ ଫେଷ୍ଟିଭାଲ ଅନୁ ଷ୍ଠିତ ହୋଇଥିଲା। ଏଥିରେ ଜପାନ କଳା କାରମାନେ ସାମିଲ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏବେ ଜାପାନ ର ତୋତରୀ ଜାପାନ ଫେଷ୍ଟିଭାଲରେ ଓଡିଶାର କଳାକାରମାନଙ୍କୁ ସାମିଲ ଲାଗି ନିମନ୍ତ୍ରଣ କରିଥିଲେ। ଆଗାମୀ ଦିନରେ ଉଭୟ ଦେଶର କଳାକାରମାନଙ୍କୁ ଓଡ଼ିଶା ଓ ଜାପାନର କଳା ଓ ସଂସ୍କୃତି ପ୍ରଚାର ପ୍ରସାର ହେବା ସହିତ ପର୍ଯ୍ୟଟନର ବିକା ଶ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।



# ଜେଇ ମେନ୍ - ୨ରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶିତ ତଥା ଚଳିତ ବର୍ଷ ଏପ୍ରିଲ୍ ମାସରେ ହୋଇଥିବା ଜେଇ ମେନ୍-୨ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଉକ୍ତ ପରୀକ୍ଷାରେ ୧୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିବା ବେଳେ ସେଥିରୁ ୭ଜଣ ପିଲା ଅଧିକ Percentile ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ମାନ ବଜାୟ ରଖିବା ସହ ଆଗାମୀ ବର୍ଷ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସହାୟକ ହୋଇଛନ୍ତି। କ୍ଷେତ୍ରବାସି ମହନ୍ତ - ୯୭.୬, ଶୁଭଲକ୍ଷ୍ମୀ ମୁଦୁଲି - ୯୭.୦୩, ଶୁକ୍ରୁ ମହନ୍ତ - ୯୫.୪, ଗୋପୀନାଥ ସେଠୀ - ୯୪.୧୨ ଓ ସୌମ୍ୟା ଯସମିନ୍ - ୯୨.୮୪ ପ୍ରତିଶତ ମାର୍କ ରଖିବା ସହ ଅନେକ ଛାତ୍ରଛାତ୍ରୀ ଉଚ୍ଚମାନର ନମ୍ବର ମଧ୍ୟ ରଖିଛନ୍ତି। ଉକ୍ତ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ +୨ ବିଜ୍ଞାନ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସହ କିପରି ଭାବରେ ଜେଇ ଓ ନିଟ୍ ପରୀକ୍ଷାରେ ଭଲ କରିବେ ସେଥିପାଇଁ ସ୍ୱତନ୍ତ୍ରଭାବେ ତାଲିମ ପ୍ରାପ୍ତ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତର କୋଚିଙ୍ଗ ବ୍ୟବସ୍ଥା ଦିଆଯାଇଥାଏ। ଯେଉଁଥିପାଇଁ ଏଠାରେ ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷାରେ ଭଲ କରିବା ସହିତ ବିଭିନ୍ନ ପ୍ରବେଶିକା ପରୀକ୍ଷା ଯଥା OUAT, JEE, NEET, NISER ରେ ମଧ୍ୟ କୃତକାର୍ଯ୍ୟ ହୋଇ ଥାଆନ୍ତି। ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କୁ ସର୍ବଦା ଏହାର ସୁଯୋଗ ନେବାକୁ ନିବେଦନ କରିଛନ୍ତି। ଶେଷରେ ଏହି ସଫଳତାର ଶ୍ରେୟ ନିରନ୍ତର ଉଦ୍ୟମ କରିଥିବା ଅଧାପନା ମଣ୍ଡଳୀଙ୍କୁ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଇଥିଲେ।







# ଆଶୀର୍ବାଦ ଫାଉଣ୍ଡେସନର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶନିବାର

କଟକ, (ସ୍ୱପ୍ର): କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୨୫ରେ ଖପୁରିଆ ସ୍ଥିତ ଓଇଆ ମଣ୍ଡପ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ମଣିପାଲ ହସ୍ପିଟାଲ ପକ୍ଷରୁ ଅଭିଜ୍ଞ ଡାକ୍ତର ଓ ଟେକ୍ନିସିଆନ ମାନଙ୍କ ଦ୍ୱାରା ଡାଏବେଟିସ, ଥାଇରଏଡ, ଚକ୍ଷୁ, ଫୁସଫୁସ, ଆସ୍ଥମା ଆଦି ରୋଗ ସମ୍ବନ୍ଧୀୟ ପରାମର୍ଶ ଦିଆଯିବ । ଏଥିସହିତ ବିପି ଏବଂ ଡାଏବେଟିସ ପରୀକ୍ଷା ସହ ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦିଆଯିବ ବୋଲି ସଭାପତି ମାଗୁଣୀ ଚରଣ ଦାସ ସୂଚନା ଦେଇଛନ୍ତି । ଏହି ଶିବିରଟି ଆସନ୍ତା ୨୫ ତାରିଖ ଶନିବାର ୯ ଘଟିକା ଠାରୁ ଆରମ୍ଭ ହେବ । ଏବେ ଏହାର ରେଜିଷ୍ଟ୍ରେସନ ଚାଲିଛି । ଯେଉଁମାନେ ଏହି ସ୍ୱାସ୍ଥ୍ୟ ଶିବରରେ ଭାଗ ନେବେ ସେମାନେ ୯୭୭୬୭୦୩୫୩୯, ୯୪୩୯୬୨୧୭୪୯, ୯୪୩୭୦୯୦୦୮୦ ନମ୍ବରରେ ଯୋଗାଯୋଗ କରି ଆଗୁଆ ରେଜିଷ୍ଟ୍ରେସନ କରି ପାରିବେ । ଉକ୍ତ ଦିନ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଏହାର ଲାଭ ଉଠାଇବା ପାଇଁ ଉପଦେଷ୍ଟା ଦେବଦତ୍ତ ଧଳ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସଂଯୋଜକ ସମୀର କର, ସରୋଜ କୁମାର ରାଉତ, ସୌରଭ ଅଗ୍ରୱାଲ, କେଶବ ଅଗ୍ରୱାଲ, ବିନୋଦ କୁମାର ବେହେରା ଏବଂ ରାଜେଶ କୁମାର ଜୋଶୀ ପ୍ରମୁଖ ନିବେଦନ କରିଛନ୍ତି ।

## ଜିନ୍ଦଲ ଷ୍ଟେନଲେସ୍ ତରଫରୁ ବ୍ରାଣ୍ଡ କ୍ୟାମ୍ପେନ "ଜିନ୍ଦଲ ସାଥୀ ସିଲ୍ ହେଁ

# ତୋ ଅସଲି ଷ୍ଟେନଲେସ୍ ଷ୍ଟିଲ୍ ହେଁ" ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ରଣବୀର ସିଂହଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରିବାର ଦୁଇ ସପ୍ତାହରୁ ଅଧିକ ସମୟ ପରେ, ଜିନ୍ଦଲ ଷ୍ଟେନଲେସ୍ ଏହାର ପ୍ରଥମ ବ୍ରାଣ୍ଡ ଅଭିଯାନ ଜିନ୍ଦଲ ସାଥି ସିଲ୍ ହେଁ, ତୋ ଅସଲି ଷ୍ଟେନଲେସ୍ ଷ୍ଟିଲ୍ ହେଁ (ଯଦି ଏହା ଜିନ୍ଦଲ ସାଥି ସିଲ୍ ବହନ କରେ, ତେବେ ଏହା ପ୍ରକୃତ ଷ୍ଟେନଲେସ୍ ଷ୍ଟିଲ୍) ଉନ୍ମୋଚନ କରିଛି । ଏହି ଅଭିଯାନ କମ୍ପାନୀ ପାଇଁ ଏକ ରଣନୀତିକ ଆଧାରର କେନ୍ଦ୍ରବିନ୍ଦୁ ଅଟେ । ମୁଖ୍ୟତଃ ବି-ଟୁ-ବି ନେତୃତ୍ୱରୁ ନେଇ ଅଧିକ ଗ୍ରାହକଙ୍କ ପାଖରେ ନିଜର ବ୍ରାଣ୍ଡକୁ ପହଂଚାଇବା ପାଇଁ ଏହା ବିଶେଷ ଭାବରେ ସହାୟକ ହେବ । ବଲିଉଡର ଲୋକପ୍ରିୟ ଅଭିନେତା ରଣବୀର ସିଂହଙ୍କ ନେତୃତ୍ୱରେ, ଏହି ଅଭିଯାନ କମ୍ପାନୀର ସହ-ବ୍ରାଣ୍ଡେଡ୍ ଟ୍ରଷ୍ଟର ଚିହ୍ନ ଜିନ୍ଦଲ ସାଥି ସିଲକୁ ପ୍ରାମାଣିକତାର ଏକ ହଲମାର୍କ ଭାବରେ ଉପସ୍ଥାପନ କରିଛି । ଯାହା ଗ୍ରାହକଙ୍କୁ ପ୍ରକୃତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦ ଚିହ୍ନଟ କରିବାରେ ସକ୍ଷମ କରିଥାଏ । ଏହି ବ୍ରାଣ୍ଡ ଫିଲ୍ମ ପାଇପ୍ ଏବଂ ଟ୍ୟୁବ୍ ବର୍ଗରେ ବିଶେଷ ଭାବରେ ଦରକାର ହେବ । ଯାହା ଭିତିଭୂମି, ଆବାସ, ଗୃହ ଏବଂ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବହୁଳ ଭାବରେ ବ୍ୟବହୃତ ହୁଏ ।

ଏହି ଅଭିଯାନର କେନ୍ଦ୍ରରେ ଏକ ଶକ୍ତିଶାଳୀ ଉପଭୋକ୍ତା ଅନ୍ତର୍ଦୃଷ୍ଟି ରହିଛି । ଯେତେବେଳେ ଷ୍ଟେନଲେସ୍ ଷ୍ଟିଲ୍ ଦୈନନ୍ଦିନ ଜୀବନରେ ଗଭୀର ଭାବରେ ଜଡିତ ଅଛି । ଗ୍ରାହକଙ୍କ ପାଖରେ ଏହାର ସତ୍ୟତା ଯାଂଚ କରିବାର ମାଧ୍ୟମ ନାହିଁ । ବାରମ୍ବାର ନକଲି ବିଭାଗ ମଧ୍ୟରୁ ଗୋଟିଏ ତାର ଦୂରୀକରଣ ପାଇଁ ଏବଂ ଜିନ୍ଦଲ ସାଥୀ ସିଲ୍, ଜିନ୍ଦଲ ଷ୍ଟେନଲେସର ପ୍ରାମାଣିକତାର ଯାଂଚ ଚିହ୍ନକୁ ଏକ ବିଶ୍ୱସନୀୟ ସମାଧାନ ଭାବରେ ପ୍ରଦର୍ଶନ କରେ । ଏଥିରେ ଜିନ୍ଦଲ ସାଥୀ ଇକୋସିଷ୍ଟମ ବିଶେଷ ଭାବରେ ଜଡ଼ିତ ରହିଛି । ଜିନ୍ଦଲ ସାଥି ସିଲ୍ ହେଉଛି ଜିନ୍ଦଲ ଷ୍ଟେନଲେସ୍ ଦ୍ୱାରା ଏକ ସହ-ବ୍ରାଣ୍ଡିଂ ପଦକ୍ଷେପ । ଯାହା ଶେଷ ସ୍ତରରେ ଥିବା ଗ୍ରାହକଙ୍କ ପାଇଁ ପ୍ରାମାଣିକତା ଏବଂ ଗୁଣବତା ନିଶ୍ଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି ବ୍ରାଣ୍ଡ ଫିଚର ଫିଲ୍ମ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସରେ, ଆମେ ଷ୍ଟେନଲେସ୍ ଷ୍ଟିଲକୁ ଭିତିଭୂମି, ଶିଳ୍ପ ଏବଂ ଦୈନନ୍ଦିନ ପ୍ରୟୋଗରେ ଭାରତର ଅଭିବୃଦ୍ଧିକୁ ଆଗେଇ ନେଉଥିବା ଏକ ମୂଳ ଉତ୍ପାଦ ଭାବରେ ଦେଖୁ । ତଥାପି, ନିମ୍ନମାନର ଏବଂ ନକଲି ଉତ୍ପାଦର ପ୍ରସାର ଏହି କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ରହିଛି । ଜିନ୍ଦଲ ସାଥି ସିଲ୍ ହେଁ, ତୋ ଅସଲି ଷ୍ଟେନଲେସ୍ ଷ୍ଟିଲ୍ ହେଁ ଅଭିଯାନ ସହିତ,ଆମେ ଗ୍ରାହକଙ୍କୁ ସଠିକ୍ ଉତ୍ପାଦକୁ ପସନ୍ଦ କରିବାକୁ ସଶକ୍ତ କରୁଥିବାବେଳେ ଏ ଦିଗରେ ଅଧିକ ସ୍ୱଚ୍ଛତା ଏବଂ ବିଶ୍ୱାସ ଆଣି ଏହି ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ ।




## ଝାରସୁଗୁଡାରେ ତାପ ନିୟନ୍ତ୍ରିତ କାର୍ଯ୍ୟକ୍ରମ କରିଛି ବେଦାନ୍ତ ଆଲୁମିନିୟମ

# ପାନୀୟ ଜଳର ସହଜ ଉପଲବ୍ଧତାରୁ ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ପଶ୍ଚିମ ଓଡ଼ିଶାରେ ଚାଲିଥିବା ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ମଧ୍ୟରେ ବର୍ତ୍ତମାନ ତୀବ୍ର ଗରମ ଚାପ ଅନୁଭବ କରୁଥିବା ଜିଲ୍ଲା ମଧ୍ୟରୁ ଗୋଟିଏ, ଝାରସୁଗୁଡାରେ ବହୁମୁଖୀ ତାପ ସହାୟତା କାର୍ଯ୍ୟକ୍ରମ ନିୟୋଜନ କରିଛି, ଯାହା ଦ୍ୱାରା ସ୍ୱାସ୍ଥ୍ୟ ବିପଦକୁ ହ୍ରାସ କରାଯାଇପାରିବ ଏବଂ ଗ୍ରୀଷ୍ମ ଋତୁରେ ପାନୀୟ ଜଳର ସହଜ ଉପଲବ୍ଧତାକୁ ସୁଗମ କରାଯାଇପାରିବ। କର୍ମଚାରୀ ଏବଂ ସମ୍ପ୍ରଦାୟ ସଦସ୍ୟ ଉଭୟଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ, ଏହି ପଦକ୍ଷେପଗୁଡ଼ିକ ୨ ଲକ୍ଷରୁ ଅଧିକ ଲୋକଙ୍କୁ ଲାଭ ପହଂଚାଇବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରୟାସର ଏକ ଅଂଶ ଭାବରେ, କମ୍ପାନୀ ଝାରସୁଗୁଡାରେ ବିଟିଏମ୍ ଚୌକ, କିଶାନ ଚୌକ, ନୂତନ ବସ୍ ଷ୍ଟାଣ୍ଡ ଚୌକ, ବଡ଼େଇମୁଣ୍ଡ ଛକ ଏବଂ ପୁରୁଣା ବସ୍ ଷ୍ଟାଣ୍ଡ ଚୌକ ସମେତ ଉଚ୍ଚ ପାଦଚଲା ସ୍ଥାନରେ ୬ଟି ଜଳଛତ୍ର ନାମକ ଜଳଛତ୍ର ସ୍ଥାପନ କରିଛି। ବାସିନ୍ଦା, ଯାତ୍ରୀ ଏବଂ ଦୈନିକ ମଜୁରିଆ ଶ୍ରମିକଙ୍କୁ ସେବା ଯୋଗାଇବା ପାଇଁ ରଣନୈତିକ ଭାବରେ ଅବସ୍ଥିତ ଏହି କିଓସ୍କଗୁଡ଼ିକ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରନ୍ତି। ଏହା ସହିତ, ଝାରସୁଗୁଡାର ୨୦ ରୁ ଅଧିକ ସ୍ଥାନରେ ଟ୍ୟାଙ୍କର୍ ଏବଂ ଉତ୍ସର୍ଗୀକୃତ ବଣ୍ଟନ ପଏଣ୍ଟ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ସୁଦୃଢ଼ କରାଯାଇଛି, ଯାହା ସବୁଠାରୁ ଦୂରବର୍ତ୍ତୀ ବସତିରେ ମଧ୍ୟ ନିରାପଦ ଏବଂ ପାନୀୟ ଜଳର ନିରନ୍ତର ପ୍ରବେଶ ସୁନିଶ୍ଚିତ କରିଥାଏ।

ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ଆମର କର୍ମଚାରୀ ଏବଂ ଆମ ଚାରିପାଖରେ ଥିବା ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଏକ ସର୍ବୋଚ୍ଚ ପ୍ରାଥମିକତା ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହିତ, ନିରାପଦ ପାନୀୟ ଜଳର ପ୍ରବେଶ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼େ। ଜଳ କିଓସ୍କ ଏବଂ ଟ୍ୟାଙ୍କର୍ ମାଧ୍ୟମରେ ଦ୍ୱାରଦେଶ ଯୋଗାଣ ଭଳି ଶେଷ ମାଇଲ୍ ହସ୍ତକ୍ଷେପ ମାଧ୍ୟମରେ, ଆମେ ଗ୍ରୀଷ୍ମ ତାପ ସହିତ ଜଡିତ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଲୋକଙ୍କୁ ସମର୍ଥନ କରିବା ଜାରି ରଖିବୁ। ଏହି ସମ୍ପ୍ରଦାୟ କେନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ପରିପୂରକ କରି, କମ୍ପାନୀର ପ୍ଲାଣ୍ଟ ପରିସର ମଧ୍ୟରେ ୬୦ ରୁ ଅଧିକ ହାଇଡ୍ରେସନ୍ କିଓସ୍କ ସ୍ଥାପନ କରାଯାଇଛି ଯାହା ୧୨,୦୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ଡ୍ରାଇଭରଙ୍କୁ ସମର୍ଥନ କରିବ। ଏହି କିଓସ୍କଗୁଡ଼ିକ ଡିହାଇଡ୍ରେସନ୍ ରୋକିବା ଏବଂ ଗରମ ସମ୍ବନ୍ଧୀୟ ରୋଗର ବିପଦକୁ ହ୍ରାସ କରିବା ପାଇଁ ଓରାଲ୍ ରିହାଇଡ୍ରେସନ୍ ସଲ୍ୟୁସନ୍ ଏବଂ ବଟରମିଲ୍କ ମଧ୍ୟ ପ୍ରଦାନ କରନ୍ତି।



# ଇସଲାମାବାଦରେ ଅଘୋଷିତ କର୍ଫ୍ୟୁ

## ଶାନ୍ତି ଆଲୋଚନା ପୂର୍ବରୁ ଜନଜୀବନ ଠପ୍

ଇସଲାମାବାଦ୍ : ଆମେରିକା ଓ ଇରାନ ମଧ୍ୟରେ ସମ୍ଭାବ୍ୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନର ରାଜଧାନୀ ଇସଲାମାବାଦ ବର୍ତ୍ତମାନ ଏକ ଅଘୋଷିତ 'ପିଞ୍ଜରା'ରେ ପରିଣତ ହୋଇଥିବା ବେଳେ ଏହି ହାଇ-ପ୍ରୋଫାଇଲ୍ ବୈଠକକୁ ନେଇ ଚରମ ଅନିଶ୍ଚିତତା ଦେଖାଦେଇଛି। ସହରର ଖାଲି ରାସ୍ତା, ବନ୍ଦ ବଜାର ଓ ସେନାବାହିନୀର କଡ଼ା ପହରା ମଧ୍ୟରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଥିବା ବେଳେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ସ୍ଥଗିତ ରହିବା ଏବଂ ଇରାନୀ ପ୍ରତିନିଧିମଣ୍ଡଳୀଙ୍କ ଆଗମନକୁ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବା ଫଳରେ ସମଗ୍ର ସହରରେ ଏକ ଅସ୍ୱାଭାବିକ



ପରିସ୍ଥିତି ସୃଷ୍ଟି ହୋଇଛି। ଲଗାତାର ସୁରକ୍ଷା କଟକଣା ଯୋଗୁଁ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଦୈନିକ ମଜୁରିଆଙ୍କ ଜୀବିକା ବିପନ୍ନ ହୋଇଛି ଏବଂ ଶିକ୍ଷାର୍ଥୀମାନଙ୍କୁ ହଠାତ୍ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ଫଳରେ ସାଧାରଣ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଇସଲାମାବାଦ ଓ ପଡ଼ୋଶୀ ରାୱଲପିଣ୍ଡି ସହରରେ ଗତ କିଛି ଦିନ ହେବ ଜାରି ରହିଥିବା ଏହି କଡ଼ା ସୁରକ୍ଷା ବଳୟ ଯୋଗୁଁ ବ୍ୟବସାୟିକ ପ୍ରତିଷ୍ଠାନ ଓ ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ରହିଛି। ଅଫିସ୍ କର୍ମଚାରୀମାନେ ବାଧ୍ୟ ହୋଇ ଘରୁ କାମ କରୁଥିବା ବେଳେ ସାର୍ବଜନୀନ ପରିବହନ ବନ୍ଦ ହେବା କାରଣରୁ ଟ୍ୟାକ୍ସି ଓ ପରିବହନ କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ଆୟ ପ୍ରାୟ ଅଧା ହୋଇଯାଇଛି। କେବଳ ସେତିକି ନୁହେଁ, ଫେବୃଆରୀ ମାସରୁ ଲାଗି ରହିଥିବା ଆମେରିକା-ଇରାନ ଉତ୍ତେଜନା ଫଳରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା କାରଣରୁ ପାକିସ୍ତାନର ଶକ୍ତି ସଙ୍କଟ ଆହୁରି ଘନୀଭୂତ ହୋଇଛି। ସହରର ବିଭିନ୍ନ ଭାଗରେ ଦୈନିକ ୭ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ଏଲପିଜି ଗ୍ୟାସର ଅଭାବ ରନ୍ଧନ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରିଛି। ସାଧାରଣ ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯିବାକୁ ରୋକାଯାଉଥିବାରୁ ଏହା ଏକ ପରିପକ୍ୱ 'ଲକଡାଉନ୍' ଭଳି ମନେ ହେଉଛି। ଏହି ସମସ୍ତ ସାମାଜିକ ଓ ଆର୍ଥିକ ବଳିଦାନ ସତ୍ତ୍ୱେ ଆଲୋଚନାର ଭବିଷ୍ୟତ ଏବେ ବି ଅନ୍ଧାରରେ ରହିଛି ଏବଂ ଦେଶରେ ବଢୁଥିବା ସମସ୍ୟା ଆଗାମୀ ଦିନରେ ଏକ ବଡ଼ ଧରଣର ଗୃହ ବିବାଦର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

# ଡଲାର ତୁଳନାରେ ଭାରତୀୟ ଟଙ୍କା ପୁଣି ଦୁର୍ବଳ

ମୁମ୍ବାଇ: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ପୁଣି କମି ଯାଇଛି । ଗୁରୁବାର ମୁଦ୍ରା ବିନିମୟ ବଜାରରେ ପ୍ରାରମ୍ଭିକ କାରବାର ବେଳେ ଡଲାର ମୂଲ୍ୟ ୯୪ ଟଙ୍କାରୁ ଅଧିକ ହୋଇଯାଇଥିଲା। ଗତକାଲି ତୁଳନାରେ ଡଲାର ଦାମ୍ ଆଜି ୨୦ ପଇସା ବଢ଼ିଛି। ଯୁଦ୍ଧ ବନ୍ଦ କରିବାକୁ ନେଇ ଇରାନ ଓ ଆମେରିକ ମଧ୍ୟରେ ସହମତି ହୋଇପାରୁନଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୧୦୦ ଡଲାର ସ୍ତର ଅତିକ୍ରମ କରିଛି। ତାହାର ପ୍ରଭାବରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇପଡ଼ିଛି। ଗତକାଲି ଡଲାରର ବିନିମୟ ମୂଲ୍ୟ ୯୩ ଟଙ୍କା ୮୦ ପଇସା ଥିଲା।ଡଲାରର ବିନିମୟ ମୂଲ୍ୟ ହେଉଛି ଗୋଟିଏ ଡଲାର କିଣିବା ପାଇଁ ଭାରତୀୟ ମୁଦ୍ରାରେ କେତେ ଟଙ୍କା ଗଣିବାକୁ ପଡୁଛି। ଏବେ ଏକ ଡଲାର କିଣିବାକୁ ୯୪ ଟଙ୍କା ଗଣିବାକୁ ପଡୁଛି। ଏହା ଆମଦାନି ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଦେଶ ଭାରତ ପାଇଁ ବଡ଼ ଚିନ୍ତାର ବିଷୟ ହୋଇରହିଛି। ତାହା ଆମଦାନି ଖର୍ଚ୍ଚ ବୃଦ୍ଧି, ବିଦେଶ ଭ୍ରମଣ ଓ ବିଦେଶରେ ପାଠପଢ଼ାକୁ ମହଙ୍ଗା କରିବା ଆଶଙ୍କା ରହିଛି। ଗତ ତିନିଟି ଅଧିବେଶନରେ ଟଙ୍କା ମୂଲ୍ୟରେ ପ୍ରାୟ ଏକ ପ୍ରତିଶତର ହ୍ରାସ ହୋଇଛି। ଫିନ୍ରେକ୍ସ ଟ୍ରେଜେରି ଆଡ୍ଭାଇଜର୍ସର ଆନାଲିଷ୍ଟ



କହିଛନ୍ତି ଯେ ଅଶୋଧିତ ତେଲ ମହଙ୍ଗା ହୋଇଥିବାରୁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ଟଙ୍କା ଦର ହ୍ରାସରେ ହସ୍ତକ୍ଷେପ କରିନାହିଁ। ତେଲ କମ୍ପାନିଗୁଡ଼ିକ ଅଧିକ ପରିମାଣର ଡଲାର କିଣୁଥିବାରୁ ତାହା ମହଙ୍ଗା ହୋଇଛି। କିଛି ଦିନ ପୂର୍ବେ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ଅତ୍ୟଧିକ ଦୁର୍ବଳ ହୋଇପଡ଼ି ୯୫ ଟଙ୍କା ଆଡ଼କୁ ଗତି କରୁଥିଲା। କିନ୍ତୁ ଭାରତୀୟ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରିବା ପରେ ସେଥିରେ ସୁଧାର ଘଟିଥିଲା। ଏହାପରେ ଇରାନ ଯୁଦ୍ଧକୁ ନେଇ ଆମେରିକା ଯୁଦ୍ଧବିରତି ଘୋଷଣା କରିବା ପରେ ସେଥିରେ ଆହୁରି ସୁଧାର ଘଟିଥିଲା। ଏକ ସମୟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨ ଟଙ୍କା ୫୦ ପଇସା ଭଳି ଉନ୍ନତ ସ୍ଥିତିକୁ ଚାଲିଆସିଥିଲା। ଏବେ ପୁଣି ଅବମୂଲ୍ୟାୟନର ଧାରା ଆରମ୍ଭ ହୋଇଯାଇଛି।

# ପେଟ୍ରୋଲ୍, ଡିଜେଲ୍ ଦାମ୍ ବଢ଼ିବନି: କେନ୍ଦ୍ର

ନୂଆଦିଲ୍ଲୀ : ବିଭିନ୍ନ ରାଜ୍ୟରେ ଚାଲିଥିବା ବିଧାନସଭା ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ୍ ଓ ଡିଜେଲ୍ ଦରରେ ବୃଦ୍ଧି ହେବ ନାହିଁ। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଛି। ତେଲ ଦରବୃଦ୍ଧି ସଂକ୍ରାନ୍ତ କୌଣସି ଯୋଜନା ବିଚାରାଧୀନ ନଥିବା ଏହା କହିଛନ୍ତି। କୋଟକ୍ ଇନଷ୍ଟିଚ୍ୟୁସନାଲ୍ ଇକ୍ୱିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ପେଟ୍ରୋଲ୍ ଓ ଡିଜେଲ୍ ଦାମ୍ ଲିଟର ପିଛା ୨୫-୨୮ ଟଙ୍କା ବଢ଼ିବା ଆଶଙ୍କା ରହିଛି ବୋଲି ଆକଳନ କରାଯାଇଥିଲା। ସେହି ରିପୋର୍ଟରେ କରାଯାଇଥିବା ଦାବିକୁ ମନ୍ତ୍ରାଳୟ ଖଣ୍ଡନ କରିଛି। ନାଗରିକମାନଙ୍କ ମନରେ ଭୟ ସୃଷ୍ଟି କରିବା ଲକ୍ଷ୍ୟ ରଖି ଏଭଳି ଖବର ପ୍ରକାଶ କରାଯାଉଛି। ତାହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ବୋଲି ମନ୍ତ୍ରାଳୟ ଜଣାଇଛି। ମନ୍ତ୍ରାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଭାରତ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ଗତ ଚାରି ବର୍ଷ ମଧ୍ୟରେ ତେଲ ଦରରେ କୌଣସି ବୃଦ୍ଧି ଘଟିନାହିଁ।ଚଳିତ ବର୍ଷ ଫେବ୍ରୁଆରି ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ତେଲ ଯୋଗାଣ ପ୍ରଭାବିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତାହାର ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୧୨୦ ଡଲାର ପାଖାପାଖି ବୃଦ୍ଧି ପାଇଥିଲା। ଗ୍ରାହକମାନଙ୍କୁ ତେଲ ଦରବୃଦ୍ଧିରୁ ସୁରକ୍ଷା ଦେବା ସହ ତୈଳ କମ୍ପାନିଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍ର ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ କରିଥିଲେ।ଦେଶର ତୈଳ ଓ ଗ୍ୟାସ୍ ସ୍ଥିତିକୁ ନେଇ ସରକାର ପ୍ରତିଦିନ ସୂଚନା ପ୍ରଦାନ କରୁଛନ୍ତି। ତେଲ ଓ ଗ୍ୟାସ୍ର କୌଣସି ଅଭାବ ନଥିବା, ପେଟ୍ରୋଲ୍ ପମ୍ପଗୁଡ଼ିକରେ ତେଲ ଥିବା କହୁଛନ୍ତି। ତୈଳ ବିଶୋଧନାଗାରଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଚାଲିଛି। ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତେଲ ରହିଛି। ବର୍ତ୍ତମାନ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୧୦୪ ଡଲାର ରହିଛି। ହର୍ମୁଜ ପ୍ରଣାଳୀ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ। ଏହି ବାଟ ଦେଇ ବିଶ୍ୱର ୨୦ ପ୍ରତିଶତ ତେଲ ପରିବହନ ହେଉଥିବା ସହ ଭାରତ ଏହାର ୪୦ ପ୍ରତିଶତ ତେଲ ଆମଦାନି କରୁଛି। ଇରାନ ଯୁଦ୍ଧ ଅଷ୍ଟମ ସପ୍ତାହରେ ପହଞ୍ଚିଥିବା ବେଳେ ଏହି ବାଟ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଇରାନ ଗୁଳିମାଡ଼ କରିଥିଲା ଓ ଦୁଇଟି ଜାହାଜକୁ ଜବତ କରିଥିଲା ଯାହା ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଘଟଣା। କୋଟକ୍ ଇନଷ୍ଟିଚ୍ୟୁସନାଲ ଇକ୍ୱିଟିଜ୍ ଆକଳନ କରିଛି ଯେ ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଶାନ୍ତି ସ୍ଥାପନ ନ ହେବା ପର୍ଯ୍ୟନ୍ତ ବିଶ୍ୱ ତୈଳ ବଜାରରେ ସ୍ଥିରତା ଫେରିବ ନାହିଁ।

## ବାଣିଜ୍ୟ ରାଜିନାମା

# ଭାରତକୁ ମନାଇବା ସହଜ ନୁହେଁ : ଆମେରିକା

ୱାସିଂଟନ : ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଲୋଚନା କରିବାକୁ ଆମେରିକା ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳୀକୁ ଆମେରିକାର ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିର ପ୍ରଶଂସା କରିଛନ୍ତି। ସେମାନଙ୍କୁ ମନାଇବା ଭାରି କଷ୍ଟକର ବୋଲି ସେ କହିଛନ୍ତି। ଆମେରିକା ସହ ତିନିଦିନିଆ ଆଲୋଚନା ବୁଧବାର ଶେଷ ହୋଇଥିଲା। ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଦର୍ପଣ ଜୈନଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ପ୍ରତିନିଧି ମଣ୍ଡଳୀ ଆମେରିକା ଯାଇଥିଲା। ସେମାନେ ଆମେରିକାର ଆସିଷ୍ଟାଣ୍ଟ ୟୁଏସ୍ଟିଆର୍ ବ୍ରେଣ୍ଡନ୍ ଲିଞ୍ଚଙ୍କ ନେତୃତ୍ୱାଧୀନ ଦଳ ସହ ଆଲୋଚନା କରିଥିଲେ। ଆଲୋଚନା ସମ୍ପର୍କରେ ସୂଚନା ଦେଇ ଗ୍ରିର କହିଛନ୍ତି ଯେ ଭାରତକୁ ବୁଝାଇବା ବେଶ୍ କଷ୍ଟକର ଥିଲା। ସେମାନେ କୃଷି ବଜାରକୁ ସୁରକ୍ଷିତ ରଖିବାକୁ ଚାହୁଛନ୍ତି। ବହୁ ବର୍ଷ ଧରି ସେମାନେ ଏହି କ୍ଷେତ୍ରକୁ ସୁରକ୍ଷିତ ରଖିଛନ୍ତି। ବାଣିଜ୍ୟ ରାଜିନାମାରେ ସେମାନେ କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବାକୁ ଚାହୁଛନ୍ତି। ତେବେ ଏଭଳି ଅନେକ ବିଷୟ ରହିଛି ଯାହା



ଉପରେ ସହମତିର ସମ୍ଭାବନା ଥିବା ସେ କହିଛନ୍ତି।ଗତବର୍ଷଠାରୁ ଭାରତ ଓ ଆମେରିକା ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବାକୁ ଉଦ୍ୟମ କରୁଛନ୍ତି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ବଢ଼ାଇବାକୁ ଉଭୟ ଦେଶ ଚାହୁଥିବା ଗତବର୍ଷ ଫେବ୍ରୁଆରିରେ କହିଥିଲେ। କିନ୍ତୁ ସେହିବର୍ଷ ଏପ୍ରିଲ୍ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତର ପାଲଟା ଶୁଳ୍କ ଲଗାଇଥିଲେ। ରୁଷଠାରୁ ତେଲ କ୍ରୟ କରୁଥିବାରୁ ଗତବର୍ଷ ଅଗଷ୍ଟ ବେଳକୁ ଜରିମାନା ଭାବେ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଥିଲା, ଫଳରେ ଭାରତ ଉପରେ ଆମେରିକାର ଶୁଳ୍କ ପରିମାଣ ୫୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏହାପରେ ଭାରତ ସରକାର ଆମେରିକା ସହ ସବୁ ପ୍ରକାର ଆଲୋଚନାକୁ ବନ୍ଦ କରିଦେଇଥିଲେ। କିଛି ଦିନ ନିରବ ରହିବା ପରେ ଟ୍ରମ୍ପ ପୁଣିଥରେ ନିଜ ଆଡ଼କୁ ବନ୍ଧୁତାର ହାତ ବଢ଼ାଇଥିଲେ। ସେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ ଓ ଜରିମାନା ବାବଦ ୨୫ ପ୍ରତିଶତ ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିଲେ। ଏହାପରେ ଭାରତ ବେଶ୍ ଉତ୍ସାହିତ ହେବା ସହ ଶୀଘ୍ର ଏକ ଅନ୍ତରୀଣ ରାଜିନାମା ସ୍ୱାକ୍ଷର କରିବାକୁ ଚାହିଥିଲା। କିନ୍ତୁ ସେହି ସମୟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପୂର୍ବ ନିର୍ଦ୍ଧାରିତ ପ୍ରସ୍ତାବ ସହ ଆଗକୁ ବଢ଼ିବାକୁ ଭାରତ ରାଜି ହୋଇନଥିଲା। କିଛି ଦିନ ତଳେ ଟ୍ରମ୍ପ ଏକ ଆଇନରେ ଦିଆଯାଇଥିବା କ୍ଷମତାକୁ ବ୍ୟବହାର କରି ଆମେରିକୀୟ ଆମଦାନି ଉପରେ ୧୦ ପ୍ରତିଶତ ଟିକସ ୧୫୦ ଦିନ ପାଇଁ ଲଗାଇଛନ୍ତି। ସେଭଳି ଏକ ସମୟରେ ଆମେରିକା ସହ ଭାରତର ଆଲୋଚନା ପୁଣି ଆରମ୍ଭ ହୋଇଥିଲା। ଭାରତ ନିଜକୁ ସୁହାଇବା ଭଳି ଏକ ଚୁକ୍ତି ହାସଲ କରିବାକୁ ଉଦ୍ୟମ କରୁଛି।

# ୫ ଶସ୍ୟକୁ ମିଳିବ ଏମ୍ଏସ୍ପି

ନୂଆଦିଲ୍ଲୀ : ଏଣିକି ଚିନାବାଦାମ, ସୂର୍ଯ୍ୟମୁଖୀ, ସୋରିଷଭଳି ତୈଳବୀଜ ସହ ମୁଗ ବିରି ଭଳି ଶସ୍ୟକୁ ମିଳିବ ସର୍ବନିମ୍ନ ସହାୟକ ମୂଲ୍ୟ। କେନ୍ଦ୍ର ସରକାର ରାଜ୍ୟର ଚାଷୀମାନଙ୍କଠାରୁ ଏହି ୫ ଶସ୍ୟକୁ କିଣିବେ। ଏ ନେଇ ରାଜ୍ୟର ବହୁତ ଦିନର ଦାବିକୁ ଗ୍ରହଣ କରି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ୧,୪୨୮.୩୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସହାୟତା ମିଳିବ।

ନୂଆଦିଲ୍ଲୀର କୃଷି ଭବନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଏକ ଭର୍ଚୁଆଲ୍ ବୈଠକରେ ଆଲୋଚନା କରିବା ପରେ ସେ ଏହି ଘୋଷଣା କରିଛନ୍ତି। ବୈଠକରେ ଶ୍ରୀ ଚୌହାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା, ସାଧୁତା ରକ୍ଷା ସହ କୌଣସି ପ୍ରକାର ମଧ୍ୟସ୍ଥି ହସ୍ତକ୍ଷେପକୁ ବାରଣ କରିଛନ୍ତି।

# ହୃଦଘାତରେ ଆଖି ବୁଜିଲେ ବିକାଜୀର ପ୍ରତିଷ୍ଠାତା

ନୂଆଦିଲ୍ଲୀ : ଆଉ ନାହାନ୍ତି ଦେଶର ପ୍ରତିଷ୍ଠିତ ବିକାଜୀ ଫୁଡ୍ସ ଇଣ୍ଟରନ୍ୟାଶନାଲର ଅଧ୍ୟକ୍ଷ ତଥା ଏମଡି ଶିବ ରତନ ଅଗ୍ରୱାଲ। ହୃଦଘାତ ଯୋଗୁ ଗୁରୁବାର ଚେନ୍ନାଇରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷୀୟ ବୟସ ହୋଇଥିଲା। ପତ୍ନୀଙ୍କ ମେଡିକାଲ ଚିକିତ୍ସା ପାଇଁ ପରିବାର ସଦସ୍ୟଙ୍କ ସେ ଚେନ୍ନାଇ ଯାଇଥିଲେ। ହେଲେ ପତ୍ନୀଙ୍କ ଚିକିତ୍ସା ଚାଲିଥିବା ବେଳେ ଶିବ ରତନ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ନିକଟରେ ଶିବ ରତନଙ୍କ ପତ୍ନୀଙ୍କ ହାର୍ଟ ବାଇପାସ ସର୍ଜରୀ ହୋଇଥିଲା। ତାଙ୍କୁ ଏବେ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ପରିବାର ଲୋକ ଏଥିପାଇଁ ଚେନ୍ନାଇର ଗୋଟିଏ ହୋଟେଲରେ ରହୁଥିଲେ। ଆଜି ପ୍ରାୟ ସକାଳ ୭.୩୦ରେ ଶିବ ରତନ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣେ କରିଥିଲେ। ଶିବ ରତନ ଅଗ୍ରୱାଲ ରାଜସ୍ଥାନର ବିକାନେରରେ ବିକାଜୀ ବ୍ରାଣ୍ଡ ପ୍ରତିଷ୍ଠା କରିଥିଲେ। ଏବେ ଏହା ଭାରତର ଅନ୍ୟତମ ବଡ଼ ପ୍ୟାକେଜଡ ସ୍ନାକ କମ୍ପାନୀରେ ପରିଣତ ହୋଇଛି।

# ନୌସେନା ସଚିବଙ୍କୁ ବହିଷ୍କାର କଲେ ଟ୍ରମ୍ପ

ୱାସିଂଟନ: ଆମେରିକା ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଏକ ଦୀର୍ଘକାଳୀନ ସାମରିକ ସଂଘର୍ଷରେ ଫସି ରହିଛି। ଶାସନ କଳ ଏବଂ ସାମରିକ ଶକ୍ତି ମଧ୍ୟରେ ଚାଲିଥିବା ପରିବର୍ତ୍ତନ ଅନେକ ପ୍ରଶ୍ନ ଉଠାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଦାବି କରୁଛନ୍ତି ଯେ, ଆମେରିକୀୟ ସାମରିକ ଶକ୍ତି ଇରାନର ସାମରିକ ଶକ୍ତିକୁ ଯଥେଷ୍ଟ ଦୁର୍ବଳ କରିଛି, କିନ୍ତୁ ସାମ୍ପ୍ରତିକ ଘଟଣାଗୁଡ଼ିକ ଏହି ଦାବି ଅପେକ୍ଷା ଭିନ୍ନ ଚିତ୍ର ଆଙ୍କୁଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଆମେରିକାର ସାମରିକ ନେତୃତ୍ୱର ଏହି ବଡ଼ ପରିବର୍ତ୍ତନ ଅନେକ ପ୍ରଶ୍ନ ଉଠାଇଛି। ଟ୍ରମ୍ପ ପ୍ରଶାସନ ମଧ୍ୟରେ ଆଉ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଆମେରିକାର ନୌସେନା ସଚିବ ଜନ୍ ଫାଲନଙ୍କୁ ତାଙ୍କ ପଦବୀରୁ ହଠାତ୍ ହଟାଇ ଦିଆଯାଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏହା ଘୋଷଣା କରିଛି। ଫାଲନ ତୁରନ୍ତ ତାଙ୍କ ପଦବୀ ଛାଡୁଛନ୍ତି ବୋଲି କୁହାଯାଇଛି। ଏହି ନିଷ୍ପତ୍ତିର କୌଣସି ସ୍ପଷ୍ଟ କାରଣ ସାର୍ବଜନୀନ ହୋଇନାହିଁ। ତେବେ ,ନେଇ କଳ୍ପନାଜଳ୍ପନା ଜାରି ରହିଛି।ଏହା ପ୍ରଥମ ଏପରି ଘଟଣା ନୁହେଁ। ଚଳିତ ମାସ ଆରମ୍ଭରେ, ଆମେରିକାର ଶୀର୍ଷ ସାମରିକ ଅଧିକାରୀ ରାଣ୍ଡି ଜର୍ଜ ଏବଂ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦିଆଯାଇଥିଲା। ଏହି ପରିବର୍ତ୍ତନଗୁଡ଼ିକ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଅଧିକ ରହିଛି ଏବଂ ପରିସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ନାହିଁ ବୋଲି ବିବେଚନା କରାଯାଉଛି। ପେଣ୍ଟାଗନର ମୁଖପାତ୍ର ସିଆନ୍ ପାର୍ନେଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ ଜନ୍ ଫେଲାନ୍ ଆଉ ସରକାରଙ୍କର ଅଂଶ ହେବେ ନାହିଁ। ତାଙ୍କ ସ୍ଥାନରେ ହଙ୍ଗ୍ କାଓଙ୍କୁ



ଅସ୍ଥାୟୀ ଭାବରେ ନିଯୁକ୍ତ କରାଯାଇଛି।ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପରଠାରୁ, ସାମରିକ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିଛି।

# ତେଲ ଦର ନେଇ ଚେତାବନୀ ଦେଲା ପେଣ୍ଟାଗନ୍

ୱାସିଂଟନ : ଯଦିଓ ଇରାନ ଏବଂ ଆମେରିକା ମଧ୍ୟରେ ସ୍ଥାୟୀ ଅସ୍ତ୍ରବିରତି ହେଲେ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ସାଧାରଣ ଯାତାୟାତ ସମ୍ଭବ ହେବ ନାହିଁ। ଇରାନ ଦ୍ୱାରା ବିଛାଯାଇଥିବା ସମୁଦ୍ର ମାଇନ୍ ହଟାଇବା ପାଇଁ ପ୍ରାୟ ଛଅ ମାସ ସମୟ ଲାଗିପାରେ ବୋଲି ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍ ସାଂସଦଙ୍କୁ ସୂଚନା ଦେଇଛି। ଇରାନ ଯୁଦ୍ଧ ଯୋଗୁଁ ହର୍ମୁଜ୍ ସମୁଦ୍ର ପଥ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ପେଣ୍ଟାଗନ୍ କହିଛି। ସମସ୍ୟା ହେଉଛି, ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ ସଫେଇ ଅଭିଯାନ ଅସମ୍ଭବ। ଏହାର ଅର୍ଥ ହେଉଛି ସଂଘର୍ଷର ଆର୍ଥିକ ପ୍ରଭାବ ଅତି କମରେ ଚଳିତ ବର୍ଷ ଶେଷ କିମ୍ବା ଏହା ପରେ ମଧ୍ୟ ଜାରି ରହିପାରେ। ଦି ୱାସିଂଟନ ପୋଷ୍ଟ ଅନୁଯାୟୀ, ଆମେରିକୀୟ ସାଂସଦଙ୍କ ପାଇଁ ଏକ ଗୋପନୀୟ ବ୍ରିଫିଂରେ ସେୟାର କରାଯାଇଥିବା ପେଣ୍ଟାଗନ୍ର ତଥ୍ୟ ସୂଚାଇ ଦେଇଛି ଯେ, ହର୍ମୁଜ୍ ପ୍ରଣାଳୀରୁ ସମୁଦ୍ର ମାଇନ୍ ହଟାଇବା ପାଇଁ ୨୪ ସପ୍ତାହରୁ ଅଧିକ ସମୟ ଲାଗିବ। ଫଳସ୍ୱରୂପ, ତେଲ ଦର ଶୀଘ୍ର ହ୍ରାସ ପାଇ ପାରିବ ନାହିଁ। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପର୍ଯ୍ୟନ୍ତ ପେଟ୍ରୋଲ ଏବଂ ତେଲ ଦର ଅଧିକ ରହିପାରେ। ରିପୋର୍ଟ ଅନୁଯାୟୀ, ପେଣ୍ଟାଗନ୍ ହାଉସ ଆର୍ମଡ୍ ସର୍ଭିସେସ୍ କମିଟିର ସଦସ୍ୟମାନଙ୍କୁ ସୂଚନା ଦେଇଥିଲା। ଏହା ପ୍ରଥମ ଥର ପାଇଁ ଆମେରିକୀୟ ଅଧିକାରୀମାନେ ହର୍ମୁଜ୍ ପ୍ରଣାଳୀ ବିଷୟରେ ଏପରି ସୂଚନା ସେୟାର କରିଛନ୍ତି । ଆମେରିକାର ସାଂସଦମାନେ ହର୍ମୁଜ୍ ପ୍ରଣାଳୀ ସଫେଇର ଅବଧି ଏବଂ ଇନ୍ଧନ ଦର ଉପରେ ସମ୍ଭାବ୍ୟ ପ୍ରଭାବ ଉପରେ ନିରାଶା ପ୍ରକାଶ କରିଛନ୍ତି।

# ଗ୍ରୀଷ୍ମ ଋତୁରେ ଚାଲିବ ଅତିରିକ୍ତ ଟ୍ରେନ

ନୂଆଦିଲ୍ଲୀ : କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ଅଧିକାରୀମାନଙ୍କ ସହ ଏକ ବୈଠକରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳର ସମୀକ୍ଷା କରିଛନ୍ତି। ଭାରତୀୟ ରେଳବାଇ ଯାତ୍ରୀ ପରିବହନକୁ ସହଜ କରୁଛି, ଏବଂ ଅଧିକ ଚାହିଦା ଥିବା ମାର୍ଗ ଏବଂ କରିଡରରେ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ବ୍ୟାପକ ମୁତୟନ ମାଧ୍ୟମରେ ଯାତ୍ରା ସୁବିଧାରେ ଉନ୍ନତି ଆଣୁଛି। ଗ୍ରୀଷ୍ମ ଯାତ୍ରାର ପିକ୍ ସମୟରେ (୧୫ ଏପ୍ରିଲ ରୁ ୧୫ ଜୁଲାଇ ୨୦୨୬), ରେଳବାଇ ସଂଯୋଗ ବୃଦ୍ଧି ଏବଂ ଭିଡ଼ ହ୍ରାସ କରିବା ପାଇଁ ୧୮,୨୬୨ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରୁଛି। ଆଜି ପର୍ଯ୍ୟନ୍ତ, ୧୧,୮୭୮ଟି ଟ୍ରେନ୍ ଯାତ୍ରା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଅବଶିଷ୍ଟ ଟ୍ରେନଗୁଡ଼ିକ ପାଇଁ ମଧ୍ୟ ବିଜ୍ଞପ୍ତି ଜାରି କରାଯିବ। ଏହି ବୃହତ ନିୟୋଜନ ସୁନିୟୋଜିତ ଦୃଷ୍ଟିକୋଣକୁ ଦର୍ଶାଇଥାଏ । ଉନ୍ନତ ରେକ୍ ଉପଲବ୍ଧତା, ଆବଶ୍ୟକ କାର୍ଯ୍ୟସୂଚୀ ଏବଂ ନିରନ୍ତର ମନିଟରିଂ ଦ୍ୱାରା ସମର୍ଥିତ କରିଥାଏ । ନୂଆଦିଲ୍ଲୀ, ମୁମ୍ବାଇ (ଏଲଟିଟି, ସିଏସଏମଟି, ପୁଣେ ସମେତ), ସୁରଟ (ଉଧନା ସମେତ), ଅମଦବାଦ, ବାଙ୍ଗାଲୋର ଆଦି ଷ୍ଟେସନ ଅଞ୍ଚଳରେ ଯାତ୍ରୀଙ୍କ ସୁଗମ ଯାତାୟାତ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି। ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ, ଉଧନା ଷ୍ଟେସନରେ ପଶ୍ଚିମ ରେଳବାଇର ସକ୍ରିୟ ପଦକ୍ଷେପ ଯଥା-ବାସ୍ତବ ସମୟର ଭିଡ଼ ପରିଚାଳନା, ବର୍ଦ୍ଧିତ ଗ୍ରାଉଣ୍ଡ ସହାୟତା ଏବଂ ଦକ୍ଷ ଟ୍ରେନ୍ ପରିଚାଳନା ମାଧ୍ୟମରେ ଏହା ପ୍ରତିଫଳିତ ହେଉଛି ।

# କ୍ଷୟ ପ୍ରଭାବରେ ଜିଡିପିର ୩-୫% କ୍ଷତି

ନୂଆଦିଲ୍ଲୀ : ବିଶ୍ୱ କ୍ଷୟ ସଚେତନତା ଦିବସ ଅବସରରେ ଏହି କ୍ଷେତ୍ରର ବିଶେଷଜ୍ଞମାନେ କ୍ଷୟର ଅର୍ଥନୈତିକ ଏବଂ ସୁରକ୍ଷା ବିପଦ ଓ ବିଶ୍ୱସ୍ତରରେ ଜିଡିପିର ପ୍ରାୟ ୩-୫% ପର୍ଯ୍ୟନ୍ତ ଏହାର ସମ୍ଭାବ୍ୟ ବ୍ୟୟ ଉପରେ ଗୁରୁତ୍ୱ ଦେଇଛନ୍ତି ଯାହା ଭିତିଭୂମି ଦକ୍ଷତା ଉପରେ ଏକ ବୋଝ ଏବଂ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଉନଥିଲା । ଇଂଟରନ୍ୟାସନାଲ ଜିଙ୍କ ଆସୋସିଏସନର ଭାରତ ନିର୍ଦ୍ଦେଶକ, ଡକଫର ରାହୁଲ ଶର୍ମା କହିଛନ୍ତିଯେ, କ୍ଷୟ ଯୋଗୁଁ ଭାରତ ବାର୍ଷିକ ଜିଡିପିର ୩-୫% ହରାଇଥାଏ । ଏହା କେବଳ ରକ୍ଷଣାବେକ୍ଷଣ ଅପେକ୍ଷା ଅଧିକ, ଏହା ଏକ ଜୀବନଚକ୍ର ଓ ଅର୍ଥନୈତିକ ଦକ୍ଷତାର ବିଷୟ। କ୍ଷୟ ପ୍ରାୟତଃ ଅନେକ କ୍ଷେତ୍ରରେ ଧାର୍ଯ୍ୟ ସମୟ ପୂର୍ବରୁ ସମ୍ପତି ବଦଳାଇବାକୁ ବାଧ୍ୟ କରେ । ଦସ୍ତା ଭିତିକ ସୁରକ୍ଷା ଇସ୍ପାତର ଆୟୁଷକୁ ୩ ରୁ ୫ ଗୁଣ ବୃଦ୍ଧି କରିଥାଏ, ଯାହା ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ବାଇବା ସହିତ ଜୀବନଚକ୍ର ଖର୍ଚ୍ଚ ହ୍ରାସ କରିଥାଏଛ' ବିଶେଷଜ୍ଞମାନେ କହିଛନ୍ତି ଯେ, ଏହି କ୍ଷତିଗୁଡ଼ିକ ମଧ୍ୟରୁ ଅନେକ ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ଏଡ଼ାଯାଇପାରିବ, ଯାହା ପ୍ରତିକ୍ରିୟାଶୀଳ ମରାମତି ପରିବର୍ତ୍ତେ ଏକ ଡିଜାଇନ୍ କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ଥାୟିତ୍ୱକୁ ପ୍ରାଥମିକତା ଦେଇଥାଏ। ଭାରତପରି ଦେଶ ଯେଉଁଠାରେ ଭିତିଭୂମି ଅତ୍ୟଧିକ ଆର୍ଦ୍ରତା, ଉପକୂଳ ଜଳବାୟୁ ଓ ଶିଳ୍ପ ପ୍ରଦୂଷଣ ମଧ୍ୟରେ ରହିଛି, କ୍ଷୟ ପରିବହନ, ନିର୍ମାଣ ଏବଂ ଶକ୍ତି ଭଳି କ୍ଷେତ୍ରରେ ଇସ୍ପାତ ସମ୍ପତିର ଅବକ୍ଷୟକୁ ତ୍ୱରାନ୍ୱିତ କରିଥାଏ । ଏହାର ପ୍ରଭାବ କେବଳ ସୌନ୍ଦର୍ଯ୍ୟକୁ ଖରାପ କରେ ନାହିଁ, ବରଂ କ୍ଷୟ ଗଠନମୂଳକ ଅଖଣ୍ଡତାକୁ ହ୍ରାସ କରେ, ସମ୍ପତିର ଆୟୁଷ କମାଏ, ବାରମ୍ବାର ରକ୍ଷଣାବେକ୍ଷଣ ଏବଂ ସମୟ ପୂର୍ବରୁ ବଦଳାଇବାର କାରଣ ସାଜିଥାଏ। ଏହାର ସିଧାସଳଖ ପ୍ରଭାବ ସାର୍ବଜନୀନ ସମ୍ବଳ ଏବଂ କାର୍ଯ୍ୟକ୍ଷମ ଉତ୍ପାଦକତା ଉପରେ ପଡ଼ିଥାଏ। ବାରମ୍ବାର ମରାମତି, ବିଫଳତା ଏବଂ ସମ୍ପତିର ଶୀଘ୍ର ବଦଳ କେବଳ ଜୀବନଚକ୍ର ଖର୍ଚ୍ଚ ବାଏ ନାହିଁ, ବରଂ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରଣାଳୀର ଉତ୍ପାଦକତାକୁ ମଧ୍ୟ ହ୍ରାସ କରେ ।

# ଅମିତ ଯୋଗୀଙ୍କ ଜେଲ ଦଣ୍ଡ ଉପରେ ସ୍ଥଗିତାଦେଶ

ନୂଆଦିଲ୍ଲୀ: ୨୦୦୩ ମସିହାରେ ଜଣେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୂର୍ବତନ ବିଧାୟକ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରି ଛତିଶଗଡ଼ ହାଇକୋର୍ଟ ୨ ଏପ୍ରିଲ୍ରେ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ତାଙ୍କ ପକ୍ଷ ନଶୁଣି ତାଙ୍କୁ କିପରି ଦଣ୍ଡ ଦିଆଯାଇପାରିବ ସେ ବିଷୟରେ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ ଯୋଗୀଙ୍କୁ ହାଇକୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ତାଙ୍କୁ ଗୁରୁବାର ଆତ୍ମସମର୍ପଣ କରିବାକୁ ହୋଇଥାନ୍ତା। ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି ଯେ, ଅଭିଯୁକ୍ତଙ୍କ ପକ୍ଷ ନଶୁଣି କିପରି ଦଣ୍ଡାଦେଶ ଦିଆଯାଇପାରିବ। ଏହି ରାୟର ପ୍ରଭାବ ଏବଂ କାର୍ଯ୍ୟକାରିତାକୁ ଅଟକା ଯିବ। ଅମିତ ଯୋଗୀ ୨୦୦୭ ମସିହାରେ ହାଇକୋର୍ଟଙ୍କ ଟ୍ରାଏଲ୍ କୋର୍ଟଙ୍କ ଦୋଷମୁକ୍ତିକୁ ପ୍ରତ୍ୟାହାର କରିବା ପରେ ଯୁକ୍ତି ଦେଇଥିଲେ ଯେ, ରାୟ ତାଙ୍କ ପକ୍ଷ ନଶୁଣି କରାଯାଇଥିଲା। ହାଇକୋର୍ଟ ଏହି ଦୋଷମୁକ୍ତିକୁ ସ୍ପଷ୍ଟ ଭାବରେ ଅବୈଧ, ତ୍ରୁଟିପୂର୍ଣ୍ଣ, ମନମୁଖୀ, ରେକର୍ଡରେ ଥିବା ପ୍ରମାଣ ବିପରୀତ ଏବଂ କୌଣସି ଦୃଢ଼ ଆଧାର ବିନା କରାଯାଇଥିବା ଘୋଷଣା କରିଥିଲେ।୨୦୦୭ ମସିହାରେ, ଏକ ଟ୍ରାଏଲ୍ କୋର୍ଟ ଜୁନ୍ ୨୦୦୩ରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍ସିପି) ନେତା ରାମାବତାର ଜଗ୍ଗିଙ୍କ ହତ୍ୟାକାଣ୍ଡରେ ୨୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ, କିନ୍ତୁ ପ୍ରମାଣ ଅଭାବରୁ ଅମିତ ଯୋଗୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଛତିଶଗଡ଼ ସରକାର ନିର୍ଦ୍ଦୋଷରେ ଖଲାସ ରାୟ ବିରୋଧରେ ଆବେଦନ କରିଥିଲେ। ଅଗଷ୍ଟ ୨୦୧୧ରେ, ହାଇକୋର୍ଟ ରାୟ ଦେଇଥିଲେ ଯେ, ରାଜ୍ୟ ସରକାରଙ୍କର ଆବେଦନ କରିବାର କୌଣସି ଅଧିକାର ନାହିଁ କାରଣ ମାମଲାଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ତଦନ୍ତ କରାଯାଇଥିଲା।

# ଇଡି ଚଢ଼ଉ ମାମଲା : ମମତାଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଆଇ ପ୍ୟାକ୍ ଚଢ଼ଉ ମାମଲାରେ ଆଜି ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କୋଲକାତାରେ ଆଇ-ପ୍ୟାକ୍ ନିର୍ଦ୍ଦେଶକଙ୍କ ବାସଭବନରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ଉ କରିବା ସମୟରେ ମମତାଙ୍କ ହସ୍ତକ୍ଷେପ ପାଇଁ କୋର୍ଟ ଆଜି ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ଚଢ଼ଉ ମଝିରେ ହଠାତ୍ ପ୍ରବେଶ






କରିବା ଏବଂ ଆଇ-ପ୍ୟାକ୍ ସହ ଜଡ଼ିତ ଫାଇଲ୍ ନେଇଯିବା ଘଟଣା ଅତ୍ୟନ୍ତ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ନୁହେଁ। ଆମେ କେବେ ବି ଭାବିନଥିଲୁ ଯେ ଏହି ଦେଶରେ ଏମିତି ବି ଏକ ଦିନ ଆସିବ ଯେଉଁଦିନ କ୍ଷମତାରେ ଥିବା ଜଣେ ମୁଖ୍ୟମନ୍ତ୍ରୀ ତଦନ୍ତକାରୀ ଅଫିସର ତଦନ୍ତ ଚଳାଇଥିବା ଏକ ଅଫିସ୍କୁ ଯାଇ ତଦନ୍ତ ପ୍ରକ୍ରିୟାରେ ହସ୍ତକ୍ଷେପ କରିବେ। କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ତଦନ୍ତ ମଝିରେ ଏମିତି ହସ୍ତକ୍ଷେପ କରିପାରିବେନି। ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଭଳି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଉଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ଦାବି କରି ଇଡି ସୁପ୍ରିମକୋର୍ଟ କରିଥିବା ଏକ ଆବେଦନର ଶୁଣାଣି କରିବା ସମୟରେ ଆଜି ଜଷ୍ଟିସ ପିକେ ମିଶ୍ର ଓ ଏନ୍ଭି ଅଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲା ଅତି 'ଅସାଧାରଣ'। କୌଣସି ବି ରାଜ୍ୟର ମୁଖ୍ୟମନ୍ତ୍ରୀ ତଦନ୍ତ ମଝିରେ ଏମିତି ହସ୍ତକ୍ଷେପ କରି ଗଣତନ୍ତ୍ରକୁ ବିପଦରେ ପକାଇପାରିବେନି ଏବଂ ତା'ପରେ କହିପାରିବେନି ଯେ ଏହାକୁ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଏକ ବିବାଦରେ ପରିଣତ କରନା।

**ଆଇପିଏଲ ମହାସମର**

# ସଞ୍ଜୁଙ୍କ ଶତକରେ ଜିତିଲା ଚେନ୍ନାଇ

ମୁମ୍ବାଇ, ୨୩।୪(ଏଜେନ୍ସି) : ଚଳିତ ଆଇପିଏଲରେ ଚେନ୍ନାଇ ବିଜୟ ଧାରାକୁ ଫେରିଛି। ହାଟ୍ରିକ୍ ପରାଜୟ ପରେ ଦୁଇଟି ବିଜୟ ଓ ପୁଣି ପରାଜୟର ସ୍ୱାଦ ଚାଖିଥିବା ଚେନ୍ନାଇ ସପ୍ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୦୩ ରନରେ ପରାଜିତ କରିଛି। ତୃତୀୟ ବିଜୟ ସହ ଚେନ୍ନାଇ ୬ ପଏଣ୍ଟ ହାସଲ କରି ଟେବୁଲର ସପ୍ତମ ସ୍ଥାନକୁ ଉଠିଛି। ଏହି ମ୍ୟାଚରେ ଚେନ୍ନାଇ ସଞ୍ଜୁ ସାମସନଙ୍କ ୧୦୧ ରନର ଶତକୀୟ ଇନିଂସ ସହାୟତାରେ ୨୦ ଓଭରରେ ୬ ୱିକେଟ ହରାଇ ୨୦୭ ରନର ବଡ ସ୍କୋର କରିଥିଲା। ଜବାବରେ ମୁମ୍ବାଇ ୧୯ ଓଭରରେ ୧୦୪ ରନ କରିବାକୁ ସକ୍ଷମ ହୋଇଥିଲା।

ମୁମ୍ବାଇର ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଭଲ ଲୟରେ ଥିବା ସଞ୍ଜୁ ସାମସନଙ୍କ ସହ ଋତୁରାଜ ଗାଏକ୍ୱାଡ ପାଳି ଆରମ୍ଭ କରିଥିଲେ। ଆରମ୍ଭରୁ ଜଗି ରଖି ଖେଳିଥିବା ସଞ୍ଜୁ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଶତକ ହାସଲ କରିଥିଲେ। ଚଳିତ ଆଇପିଏଲରେ ଏହା ସଞ୍ଜୁ ସାମସନଙ୍କ ଦ୍ୱିତୀୟ ଶତକ। ପ୍ରଥମ ୱିକେଟପାଇଁ ସଞ୍ଜୁ ଓ ଋତୁରାଜଙ୍କ ମଧ୍ୟରେ ୩ ଓଭରରେ ୩୨ ରନର ପାର୍ଟନରସିପ୍ ହୋଇଥିଲା। ଋତୁରାଜ ୧୪ ବଲରୁ ୨୨ ରନ କରି ଘଜନଫରଙ୍କ ଶିକାର ହୋଇଥିଲେ। କିନ୍ତୁ ସଞ୍ଜୁଙ୍କ ବ୍ୟାଟ ଧମିନଥିଲା। ସେ ପ୍ରଥମେ ଅର୍ଦ୍ଧଶତକ ଓ ପରେ ଇନିଂସର ଶେଷ ବଲରେ ଚୌକା ମାରି



ଶତକ ପୂରଣ କରିଥିଲେ। ସେ ୫୪ ବଲର ସମ୍ମୁଖୀନ ହୋଇ ୧୦ ଟି ଚୌକା ଓ ୬ ଟି ଛକା ସହାୟତାରେ ୧୦୧ ରନ କରିଥିଲେ। ସର୍ଫରାଜ ଖାନ ୮ ବଲରୁ ୧୪, ଶିବମ୍ ଦୁବେ ୫, ଦେୱଲ ବ୍ରେଭିସ୍ ୧୧ ବଲରୁ ୨୧, କାର୍ତ୍ତିକ ଶର୍ମା ୧୯ ବଲରୁ ୧୮, ଜେମି ଓଭରଟନ୍୧୫ ରନ କରିଥିଲେ। ତେଣୁ ଚେନ୍ନାଇ ୨୦ ଓଭରରେ ୬ ୱିକେଟ ହରାଇ ୨୦୭ ରନ କରିଥିଲା। ବୋଲିଂରେ ମୁମ୍ବାଇର ଘଜନଫର ଓ ଅଶ୍ୱିନ କୁମାର ଦୁଇଟି ଲେଖାଏଁ ତଥା ଯଶପ୍ରୀତ ବୁମରା ଓ ମିଚେଲ ସାଣ୍ଟନରଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା।

୨୦୮ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଅତ୍ୟନ୍ତ ଦୟନୀୟ ଥିଲା। ୧୧ ରନ ବେଳେ ଦଳର ୩ ପ୍ରମୁଖ ବ୍ୟାଟର ପାଭିଲିୟନ ଫେରିଯାଇଥିଲେ। ଓପନର କ୍ୱିଣ୍ଟନ ଡିକକ୍ ୭ ରନ କରିଥିବା ବେଳେ ଡାନିସ୍ ମାଲେୱାର ଓ ନମନ ଧୀର ବିନା ସ୍କୋରରେ ଆଉଟ୍ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ୩୦ ବଲରୁ ୩୫ ରନ ଓ ତିଲକ ବର୍ମା ୨୯ ବଲରୁ ୩୭ ରନ କରିବାରୁ ଦଳୀୟ ସ୍କୋର ୧୦୦ ଛୁଇଁଥିଲା। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧, ସେରଫାନେ ରଦରଫୋର୍ଡ୍ ୦, ସାର୍ଦୁଲ ଠାକୁର ୬, କ୍ରୀଷ ଭଗତ ୭ ରନ କରି ଆଉଟ ହୋଇଥିଲେ। ଉଚ୍ଚକୋଟିର ବ୍ୟାଟିଂ ପରେ ଚେନ୍ନାଇର ସାଣିତ ବୋଲିଂ ଦେଖିବାକୁ ମିଳିଥିଲା। ଆକିଲ ହୁସେନ୍ ୪ ଓଭରରେ ଗୋଟିଏ ମେଡେନ୍ ସହ ୧୭ରନ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ନୁର ଅହମ୍ମଦଙ୍କୁ ଦୁଇଟି, ମୁକେଶ ଚୌଧୁରୀ, ଅଂଶୁଳ କାମ୍ବୋଜ ଓ ଜେମି ଓଭରଟନଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା।

## ଆଜିର ମ୍ୟାଚ

* ବେଙ୍ଗାଲୁରୁ - ଗୁଜରାଟ
* ସ୍ଥାନ - ବେଙ୍ଗାଲୁରୁ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧୧ |
| ରାଜସ୍ଥାନ | ୭ | ୫ | ୨ | ୧୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ |
| ସନରାଇଜର୍ସ | ୭ | ୪ | ୩ | ୮ |
| ଦିଲ୍ଲୀ | ୬ | ୩ | ୩ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ଚେନ୍ନାଇ | ୭ | ୩ | ୪ | ୬ |
| ମୁମ୍ବାଇ | ୭ | ୨ | ୫ | ୪ |
| ଲକ୍ଷ୍ନୌ | ୭ | ୨ | ୫ | ୪ |
| କୋଲକାତା | ୭ | ୧ | ୫ | ୩ |

# ମହାତ୍ରେଙ୍କ ସ୍ଥାନ ନେଲେ ଆକାଶ



ନୂଆଦିଲ୍ଲୀ, ୨୩।୪(ଏଜେନ୍ସି) : ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆହତ ହୋଇଥିବା ଚେନ୍ନାଇ ସୁପର କିଙ୍ଗସର ଯୁବ ଖେଳାଳି ଆୟୁଷ ମହାତ୍ରେଙ୍କ ବଦଳରେ ଆକାଶ ମାଧୱାଲଙ୍କୁ କିଣିଛି ସିଏସ୍‌କେ ଡାହାଣ ହାତୀ ଦ୍ରୁତ ବୋଲର ମାଧୱାଲ ୨୦୨୩ ଓ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ୨୦୨୫ରେ ରାଜସ୍ଥାନ ରୟାଲ୍ସରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏପର୍ଯ୍ୟନ୍ତ ୧୭ ଟି ଆଇପିଏଲ ମ୍ୟାଚ ଖେଳି ୨୩ ୱିକେଟ ନେଇଛନ୍ତି। ମୁମ୍ବାଇ ପାଇଁ ଡେବ୍ୟୁ ସିଜନରେ ସେ ଲକ୍ଷ୍ନୌ ବିପକ୍ଷ ଏଲିମିନେଟରରେ ମାତ୍ର ୫ ରନ ଦେଇ ୫ ୱିକେଟ ନେଇଥିଲେ। ଏହା ତାଙ୍କ ଆଇପିଏଲ କ୍ୟାରିୟର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ତଥାପି ୨୦୨୬ ମିନି ନିଲାମରେ ତାଙ୍କୁ କୌଣସି ଦଳ କିଣିନଥିଲେ। ଏବେ ଆୟୁଷ ମହାତ୍ରେଙ୍କ ସ୍ଥାନରେ ମାଧୱାଲଙ୍କୁ ଚେନ୍ନାଇ ସାମିଲ କରିଛି। ବେଶ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ ତାଙ୍କୁ ଚେନ୍ନାଇ କିଣିଛି। ଗତ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ବ୍ୟାଟିଂ କରୁଥିବା ବେଳେ ଆହତ ହୋଇଥିଲେ। ତାଙ୍କ ବାମପଟ ମାଂସପେଶୀରେ ସମସ୍ୟା ଦେଖାଦେଇଥିଲା। ଆହତ ସମସ୍ୟା ଗୁରୁତର ରହିଛି। ଏଥିରୁ ମୁକୁଳିବା ପାଇଁ ଅତିକମ୍‌ରେ ୬ ରୁ ୧୨ ସପ୍ତାହ ସମୟ ଲାଗିବ।

# ରାଜ୍ୟ କରାଟେ ସଂଘକୁ ବଦନାମ କରୁଥିବା ଅଭିଯୁକ୍ତଙ୍କୁ ଅଦାଲତଙ୍କ ଛାଟ

ଭୁବନେଶ୍ୱର, ୨୩।୪(ସବ୍ୟୁ) : ବିଗତ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଓଡ଼ିଶା ରାଜ୍ୟ କରାଟେ ସଂଘ ଓ ଏହାର କର୍ମକର୍ତ୍ତାମାନଙ୍କୁ ବଦନାମ କରିବା, ଧମକାଇବା ଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଥିବା ହେତୁ ରାଜ୍ୟ କରାଟେ ସଂଘ ତରଫରୁ ଏହାର ସଭାପତି ଡକ୍ଟର ହରିପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତାଙ୍କ ନାମରେ କରିଥିବା ଅଭିଯୋଗକୁ ଏସ୍‌ଡିଜେଏମ୍ କୋର୍ଟ, ଭୁବନେଶ୍ୱର ତା: ୦୬.୦୩.୨୦୨୬ରେ ଗ୍ରହଣକରି ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୩୫୧(୨), ୩୫୬(୨) ଏବଂ ଆଇ ଟି ଆଇନ ୨୦୦୦ର ଧାରା ୬୭ ଅନୁଯାୟୀ ସଂଜ୍ଞାନ ନେଇଛନ୍ତି। ଅଭିଯୋଗ ଗୁଡିକର ବିଚାର କରିବା ପରେ ମାନନୀୟ ଅଦାଲତ ଅଭିଯୁକ୍ତକୁ ନ୍ୟାୟାଳୟରେ ହାଜର ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଅଭିଯୁକ୍ତ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା




ବିଗତ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ନିୟମିତ ଭାବେ ଓଡ଼ିଶା ରାଜ୍ୟ କରାଟେ ସଂଘ, ଏହାର କର୍ମକର୍ତ୍ତା ଓ ଅନୁବନ୍ଧିତ ଜିଲ୍ଲା ସଂଘ ତଥା ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ବିରୁଦ୍ଧରେ ମିଥ୍ୟା ଅପପ୍ରଚାର, ଅଭିଯୋଗ କରିବା ସହ ଜାତୀୟ ତଥା ଆନ୍ତର୍ଜାତୀୟ କ୍ରିଡାବିତ୍ ମାନଙ୍କୁ ହତୋତ୍ସାହିତ କରିବା ସହ ଧମକାଇ ଆସୁଛନ୍ତି। ଏଥି ନିମନ୍ତେ କ୍ରିଡାବିତ୍ ମାନେ ତା: ୩୧.୦୬.୨୦୨୩ରେ ଖାରବେଳ ନଗର ଥାନାରେ ଏତଲା ଦାୟର କରିଥିଲେ ଏବଂ ତା: ୧୧.୦୨.୨୦୨୫ରେ ଦ୍ୱିତୀୟ ଥର ଡକ୍ଟର ପଟ୍ଟନାୟକ ଖାରବେଳ ନଗର ଥାନାରେ ଅଭିଯୋଗ ଦାୟର କରିଥିଲେ। ଗତ ୨୯.୧୦.୨୦୨୩ରେ କରାଟେ ସ୍କୁଲ ସମ୍ମୁଖରେ ରାଜ୍ୟ କରାଟେ ପ୍ରତିଯୋଗିତା ଚାଲୁଥିବା ବେଳେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଯୋଗୁଁ ସନ୍ଦିପ କୁମାର ଦାଶ ଖାରବେଳ ନଗର ଥାନାରେ ଏତଲା ଦାୟର କରିଥିଲେ। ପ୍ରକାଶଯୋଗ୍ୟ ଯେ ଗତ ୪୫ ବର୍ଷଧରି ଓଡ଼ିଶାରେ କରାଟେ କଳାର ପ୍ରଚାର ଓ ପ୍ରସାର କରିଆସିଥିବା ଏବଂ ଶହ ଶହ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଆଡଭୋକେଟ୍ କାଳୀ ପ୍ରସାଦ ନନ୍ଦ ଓ ଆଡଭୋକେଟ୍ ଲକ୍ଷ୍ମିଧର ପରିଡ଼ା ମକଦ୍ଦମା ଲଢୁଛନ୍ତି।

# ନରେନ୍ଦ୍ର ମୋଦୀ ବିକାଶ ମିଶନ ଫୁଟବଲ : ବମ୍ ବମ୍ ଭୋଲେ ଚାମ୍ପିଅନ

ଭୁବନେଶ୍ୱର/ଯୋଡ଼ା ,(ସବ୍ୟୁ) : ନରେନ୍ଦ୍ର ମୋଦୀ ବିକାଶ ମିଶନ ତରଫରୁ କେଉଁଝର ଜିଲ୍ଲା ବରବିଲ ଖେଳ ପଡ଼ିଆରେ ଦୁଇଦିନ ଧରି ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବମ୍ ବମ୍ ଭୋଲେ ଓ ରାଇଜିଂ ସୂର୍ଯ୍ୟାଂଶୀ ଏଫ୍‌ସି ମଧ୍ୟରେ ମୁକାବିଲା ହୋଇଥିଲା । ବମ୍ ବମ୍ ଭୋଲେ୨-୦ ଗୋଲରେ ରାଇଜିଂ ସୂର୍ଯ୍ୟାଂଶୀ ଏଫ୍‌ସିକୁ ପରାସ୍ତ କରିଥିଲା । ଚମ୍ପିଆନ ଦଳକୁ ୫୧ହଜାର ଟଙ୍କା ସହିତ ରନର୍ସ ଅପ୍ ଦଳକୁ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।ନରେନ୍ଦ୍ର ମୋଦୀ ବିକାଶ ମିଶନର ରାଷ୍ଟ୍ରୀୟ ସଭାପତି ବିନୋଦ କୁମାର ବିଦ୍ୟାର୍ଥୀ ଜୀ ଓ ରାଜ୍ୟ ସଭାପତି ଡକଫର ଶେଖ ଅବଦୁଲ ଗନି ହୋସେନ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟର ସମସ୍ତ ଖର୍ଚ୍ଚ ରାଜ୍ୟ ଉପସଭାପତି ବିକାଶ କୁମାର ସରାଓ୍ୱାଗି ବହନ କରିଥିଲେ । କାର୍ଯ୍ୟକ୍ରମକୁ ବରବିଲ୍



ଯୁବମୋର୍ଚ୍ଚା ସଭାପତି ମହମ୍ମଦ ଆକବର, ଉପସଭାପତି ପିଣ୍ଟୁ ଦାସ ଓ କମିଟିର ସଦସ୍ୟମାନେ ଆୟୋଜନ କରିଥିଲେ । ରାଜ୍ୟ ଓ ଜିଲ୍ଲାର ନରେନ୍ଦ୍ର ମୋଦୀ ବିକାଶ ମିଶନ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ । ରାଜ୍ୟ ପ୍ରଭାରୀ ବିକାଶ କୁମାର ଗୁପ୍ତା, ରାଜ୍ୟ ସାଂଗଠନିକ ସମ୍ପାଦକ ଆଶୁତୋଷ ସାମନ୍ତରାୟ, ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ତୁଷାରକାନ୍ତି ଦାସ, ରାଜ୍ୟ ମିଡ଼ିଆ ସଭାପତି ବାଳକୃଷ୍ଣ ରାଉତ ଓ ଉପସଭାପତି ରବିନ୍ଦ୍ର ସାମଲ, ସାଧାରଣ ସମ୍ପାଦକ ବିଦ୍ୟାଧର ପାରଲ, ମୟୁରଭଞ୍ଜ ଜିଲ୍ଲା ସଭାପତି କାର୍ତ୍ତିକ ଦାସ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ସେକ୍ ସଲିମ୍, ଭୁବନେଶ୍ୱର ସିଟି ସମ୍ପାଦକ ମହମ୍ମଦ ଅସରାଫ ଏବଂ ରାଜ୍ୟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମେ ୧ ରୁ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର, ୨୩।୪(ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ଚେସ୍ ସଂଗଠନ ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଓ ପ୍ରତିଷ୍ଠିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ମେ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ବିଷ୍ଣୁଚରଣ ସେଠୀ ସ୍ମାରକୀ ୯ ବର୍ଷରୁ କମ୍ ରାଜ୍ୟ ଓପନ ବାଳିକା ପ୍ରତିଯୋଗିତା ଖୋର୍ଦ୍ଧା ସ୍ଥିତ କେଟି ଗ୍ଲୋବାଲ ସ୍କୁଲ ଠାରେ ଆୟୋଜିତ ହେବାକୁ ଯାଉଛି। ରାଜ୍ୟ ଚେସ୍ ସଂଘ ସ୍ୱୀକୃତୀ ପ୍ରାପ୍ତ ଏହି ପ୍ରତିଯୋଗିତାରେ ଜାତୀୟ ଚେସ୍ ପାଇଁ ମନୋନୟନ ଅନୁଷ୍ଠିତ ହେବ। ମୋଟ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ୪୪ ଟ୍ରଫି ଓ ସମସ୍ତଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଏମସିଏଫ୍‌ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଉଭୟ ବିଭାଗର ଶ୍ରେଷ୍ଠ ୧୦ ଜଣଙ୍କୁ ଅର୍ଥରାଶୀ ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ୫,୬,୭ ଓ ୮ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ। ୨୦୧୭ ଜାନୁଆରୀ ୧ ପରେ ଜନ୍ମଗ୍ରହଣ କରିଥିବା ରାଜ୍ୟର ଯେକୌଣସି ବାଳକ ଓ ବାଳିକା ୬ ଶହ ଟଙ୍କାର ପ୍ରବେଶିକା ଦେୟ ଦେଇ ପ୍ରତିଯୋଗିତାରେ ସିଧାସଳଖ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଓପନ ଓ ବାଳିକା ବିଭାଗର ଶ୍ରେଷ୍ଠ ଦୁଇଜଣ ପ୍ରତିଯୋଗୀ ଆଗାମୀ ଜୁଲାଇ ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ ଝାଡଖଣ୍ଡଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଓଡିଶାରୁ ପ୍ରତିନିଧିତ୍ୱ କରିବେ।

ପ୍ରତିଯୋଗିତା ସମ୍ପର୍କରେ ଅଧିକ ସୂଚନା ପାଇଁ ବିକ୍ରମ ବିଶ୍ୱାଳ (୯୮୬୧୦୦୯୬୭୪) କିମ୍ବା ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ ମହାପାତ୍ର(୬୩୭୦୭୨୨୯୩୯) ଙ୍କ ସହ ଯୋଗାଯୋଗ କରିବାକୁ ମାଷ୍ଟର ଚେସ୍ ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି।

# ମା'ଙ୍କୁ ହରାଇଲେ ମୁକେଶ

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି) : ଚେନ୍ନାଇ ସୁପର କିଙ୍ଗସର ଦ୍ରୁତ ବୋଲର ମୁକେଶ ଚୌଧୁରୀ ଆଇପିଏଲ ସମୟରେ ମା'ଙ୍କୁ ହରାଇଛନ୍ତି। ଦୀର୍ଘ ବର୍ଷ ହେଲା ପ୍ରେମଦେବୀ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ମୁମ୍ବାଇର ଟାଟା ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲୁଥିଲା। ହସ୍ପିଟାଲରେ ହିଁ ତାଙ୍କର ଦେହାନ୍ତ ହୋଇଛି। ମା'ଙ୍କ ଦେହାନ୍ତ ଖବର ପାଇବା ପରେ ଚେନ୍ନାଇରେ ଖେଳୁଥିବା ମୁକେଶ ତୁରନ୍ତ ରାଜସ୍ଥାନ ସ୍ଥିତ ଭିଲୱାରା ଗାଁକୁ ଯାଇଥିଲେ। ବଡ ଭାଇ ଡାକ୍ତର ରାଜେଶ ଚୌଧୁରୀଙ୍କ ସହ ମିଶି ସେ ମା'ଙ୍କ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଚଳିତ ଆଇପିଏଲରେ ମୁକେଶ ଚୌଧୁରୀ ଚେନ୍ନାଇ ପାଇଁ ହାଇଦ୍ରାବାଦ ବିପକ୍ଷ ମ୍ୟାଚ ଖେଳିଥିଲେ। ମା'ଙ୍କୁ ମଙ୍ଗଳବାର ହରାଇଥିଲେ ହେଁ ବୁଧବାର ଟିମ୍ ସହ ସେ ସାମିଲହୋଇଥିଲେ। ଏପରିକି ମୁମ୍ବାଇ ବିପକ୍ଷ ମ୍ୟାଚ ମଧ୍ୟ ସେ ଖେଳିଛନ୍ତି।




ଚେନ୍ନାଇର ତାରକା ମହେନ୍ଦ୍ର ସିଂ ଧୋନୀ ଆହତ ସମସ୍ୟା ଯୋଗୁଁ ଏଯାଏଁ ଆଇପିଏଲର ଗୋଟିଏ ବି ମ୍ୟାଚ ଖେଳିନାହାଁନ୍ତି। ଗତ ମଙ୍ଗଳବାର ସେ ସମ୍ପୂର୍ଣ୍ଣ ଫିଟ୍ ଥିବା ଭଳି ନେଟ୍‌ସରେ ଜୋରଦାର ଅଭ୍ୟାସ କରିଥିଲେ। ତଥାପି ସେ ଗୁରୁବାର ମୁମ୍ବାଇ ବିପକ୍ଷ ମ୍ୟାଚ ଖେଳିନାହାଁନ୍ତି।

# ପାଣିରେ ପଡିବ କି ଲକ୍ଷ୍ନୌର ୫୦ କୋଟି

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି) : ଆଇପିଏଲ ୨୦୨୬ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ପ୍ରଦର୍ଶନ ଖରାପ ରହିଛି। ଦଳର ସବୁଠୁ ଦାମି ଖେଳାଳି ରିଷଭ ପନ୍ତ ଓ ନିକୋଲାସ ପୁରନଙ୍କୁ ଦାୟୀ କରାଯାଉଛି। ଏହି ଦୁଇ ଖେଳାଳିଙ୍କୁ ନେବା ପାଇଁ ଲକ୍ଷ୍ନୌ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ପନ୍ତ ୬ ମ୍ୟାଚ ଖେଳି ୧୪୭ ରନ କରିଛନ୍ତି। ମ୍ୟାଚ ପିଛା ସେ ୩୦ ରନ ସଂଗ୍ରହ କରିଛନ୍ତି। ସନରାଇଜର୍ସ -ହାଇଦ୍ରାବାଦ ବିପକ୍ଷରେ ସେ ୧୬୮ ରନର ଇନିଂସ ଖେଳିଥିଲେ। ଏହି ମ୍ୟାଚରେ ଲକ୍ଷ୍ନୌ ବିଜୟ ହାସଲ କରିଥିଲା। କେବଳ ଏହି ଗୋଟିଏ ଇନିଂସକୁ ବାଦ ଦେଲେ ପନ୍ତଙ୍କ ପ୍ରଦର୍ଶନ ଖରାପ ରହିଛି। ସେହିଭଳି ବିଦେଶୀ ଖେଳାଳି ପୁରନ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନିରାଶ କରିଛନ୍ତି। ତାଙ୍କ ଆଭରେଜ୍ ୮.୫ ରହିଛି। ଦଳର ୩ ବିଦେଶୀ ଖେଳାଳି ଆଦିନ ମାର୍କ୍ରାମ୍ , ନିକୋଲାସ ପୁରନ, ମିଚେଲ ମାର୍ସ ସେହିଭଳି ଆଖିଦୁର୍ଶିଆ ପ୍ରଦର୍ଶନ କରିପାରିନାହାଁନ୍ତି। ପନ୍ତ ଓ ପୁରନ ଫର୍ମକୁ ଫେରନ୍ତୁ ବୋଲି ପ୍ରଶଂସକ ଓ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛନ୍ତି।


**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**




**ଶ୍ରେୟାଂଶୀ ବେହେରା**
ବାଲକାଟି, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ
ପରିବାରବର୍ଗ ଓ ବନ୍ଧୁବାନ୍ଧବ।



ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ବିଶ୍ୱ ବିଜେତାରୁ ଅମ୍ପାୟାର



ନୂଆଦିଲ୍ଲୀ, ୨୩।୪(ଏଜେନ୍ସି) : ୨୦୦୮ ସମୟର କଥା। ସେତେବେଳେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତ ବାଜି ମାରିଥିଲା। ଏହି ଦଳରେ ସାମିଲ ଥିଲେ ଅଜିତେସ ଅର୍ଗଲଙ୍କର।ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଦଳ ବିଶ୍ୱକପ୍ ଜିତି ଇତିହାସ ରଚିଥିଲା। ବିରାଟଙ୍କ ଏହି ଯାତ୍ରାର ସାଥି ସାଜିଥିଲେ ଅଜିତେସ। ଭାରତୀୟ ଦଳରେ ବିରାଟ ଅଛନ୍ତି କିନ୍ତୁ ଅଜିତେସ ନାହାଁନ୍ତି। ଏବେ ଯେଉଁଠି ବିରାଟ କ୍ରିକେଟ ମଇଦାନର ବଡ ଷ୍ଟାର୍, ସେଇଠି ଅଜିତେସ୍ ଅମ୍ପାୟାରିଂ କରୁଛନ୍ତି। କୋଟ୍ ଷ୍ଟାର ବିରାଟଙ୍କ ସବୁ ଖେଳକୁ ଜର୍ଜ କରୁଛନ୍ତି। ଆଇପିଏଲ ୨୦୨୬ରେ ୩୨ତମ ମ୍ୟାଚ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ମଧ୍ୟରେ ଖେଳାଯାଇଥିଲା। ଏହି ମୁକାବିଲାରେ ଅଜିତେଶ ଅର୍ଗଲ ଅମ୍ପାୟାର ଭାବେ ଆଇପିଏଲରେ ଡେବ୍ୟୁ କରିଥିଲେ। ଅଜିତେଶ ୨୦୦୮ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦ. ଆଫ୍ରିକା ବିପକ୍ଷ ବର୍ଷା ପ୍ରଭାବିତ ଫାଇନାଲରେ ଅଜିତେଶ ୫ ଓଭର ବୋଲିଂ କରି ୭ ରନ ଦେଇ ୩୨ ୱିକେଟ ନେଇଥିଲେ। ତାଙ୍କର ଚମତ୍କାର ବୋଲିଂ ଭାରତକୁ ଏକ ଛୋଟ ଟାର୍ଗେଟ ରକ୍ଷା କରିବା ସହ ବିଶ୍ୱକପ୍ ଜିତିବାରେ ସାହାଯ୍ୟ କରିଥିଲା। ଏହି ପ୍ରଦର୍ଶନ ପାଇଁ ଅଜିତେଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ସେତେବେଳେ ବିରାଟ କୋହଲି ଦଳର ଅଧିନାୟକ ଥିଲେ। ପରେ ଭାରତୀୟ ବରିଷ୍ଠ ଦଳର ଅଧିନାୟକ ମଧ୍ୟ ହୋଇଥିଲେ ବିରାଟ। କିନ୍ତୁ ଅଜିତେଶଙ୍କ ଯାତ୍ରା ଭିନ୍ନ ଥିଲା ଆଇପିଏଲର ପ୍ରଥମ ସିଜନରେ ସେ କିଣା ହୋଇଥିଲେ। କିନ୍ତୁ ସେ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ପାଇନଥିଲେ। ସେ ପ୍ରାୟ ଏକ ଦଶନ୍ଧୀ ପାଇଁ ବରୋଦା ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ସୀମିତ ସଫଳତା ସହିତ ଅଜିତେଶ ଏକ ସ୍ଥିର କ୍ୟାରିୟର ବାଛିଥିଲେ। ସେ କ୍ରୀଡ଼ା କୋଟା ମାଧ୍ୟମରେ ଆୟକର ବିଭାଗରେ ଚାକିରି ପାଇଥିଲେ। ଏହା ସହ କ୍ରିକେଟରେ ଅବସର ନେଇଥିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି କରିଥିଲେ। କିନ୍ତୁ କ୍ରିକେଟ ପ୍ରତି ଥିବା ଆଗ୍ରହ ତାଙ୍କୁ ପୁଣି ଥରେ ମଇଦାନକୁ ଟାଣି ଆଣିଛି।

୨୦୨୩ ମସିହାରେ ଅଜିତେଶ ବିସିସିଆଇ ଅମ୍ପାୟାରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ନୂଆ କ୍ୟାରିୟର ଆରମ୍ଭ କରିଥିଲେ। ସେ ଘରୋଇ କ୍ରିକେଟ ଏବଂ ମହିଳା ପ୍ରିମିୟର ଲିଗରେ ଅମ୍ପାୟାରିଂର ଅଭିଜ୍ଞାତା ହାସଲ କରିଥିଲେ। ଏବେ ସେ ଆଇପିଏଲରେ ପ୍ରବେଶ କରିଛନ୍ତି। ଅଜିତେଶ ଘରୋଇ କ୍ୟାରିୟରେ ମୋଟ ୧୦ ଟି ପ୍ରଥମ ଶ୍ରେଣୀ ମ୍ୟାଚ , ୩ ଟି ଲିଷ୍ଟ ଏ ମ୍ୟାଚ ଏବଂ ୬ ଟି ଟି -୨୦ ମ୍ୟାଚ ଖେଳିଥିଲେ। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟରେ ୨୪ ଟି ୱିକେଟ, ଗୋଟିଏ ଲିଷ୍ଟ ଏ ଏବଂ ଟି -୨୦ କ୍ରିକେଟରେ ୪ ଟି ୱିକେଟ ନେଇଥିଲେ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି